

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 FEBRUARY 2023

Vol.No. 34 ■ No. 54 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାକିସ୍ତାନକୁ ୭୦ କୋଟି ବିଲିୟନ ଡଲାର ଋଣ ଦେଲା ଚୀନ



ନୂଆଦିଲ୍ଲୀ, ୨୫/୦୨ : ପାକିସ୍ତାନକୁ ପୁଣି ସାହାଯ୍ୟ କରିଛି ଚୀନ । ପାକିସ୍ତାନକୁ ୭୦କୋଟି ଡଲାର ଋଣ ପ୍ରଦାନ କରିଛି । ଚୀନ ଡେଭଲପମେଂଟ ବ୍ୟାଙ୍କ ପାକିସ୍ତାନକୁ ଏହି ଋଣ ରାଶି ପ୍ରଦାନ କରିଥିବା ସୂଚନା ରହିଛି । ପାକିସ୍ତାନ ଅର୍ଥମନ୍ତ୍ରୀ ଇଶାକ ଡାର ଟୁଇଟ କରି ସୂଚନା ଦେବା ସହ ଏହି ଋଣ ପାକିସ୍ତାନ ପାଇଁ ଲାଇଫଲାଇନ ବୋଲି କହିଛନ୍ତି । ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଏହା ଦ୍ୱାରା କିଛି ଦିନ ପାଇଁ ଆଶ୍ୱସ୍ତି ମିଳିପାରେ । ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛି ଆମେରିକା । ଚୀନ ଜାଣିଶୁଣି ଭାରତର ପଡୋଶୀ ଦେଶ ପାକିସ୍ତାନ ଓ ଶ୍ରୀଲଙ୍କାକୁ ଋଣ ଦେଇ ଏକ ଷଡଯନ୍ତ୍ର ରଚୁଛି । ଏହା ଦ୍ୱାରା ଭାରତ ବିରୋଧରେ ଏମାନଙ୍କୁ ଛିଡା କରିବା ଉଦ୍ଦେଶ୍ୟ ହୋଇପାରେ କିମ୍ବା ଦୁଇ ଦେଶ ଉପରେ ନିଜର ଦବଦବା ଜାହିର କରିବାକୁ ଯୋଜନା କରୁଥାଇପାରେ । ଋଣ ବୋଝରେ ବୁଡି ରହିଥିବା ପାକିସ୍ତାନକୁ ସବୁଠୁ ଅଧିକ ଋଣ ଦେଇଛି ଚୀନ । ତଥ୍ୟ ଅନୁସାରେ ମୋଟ ଋଣର ୪୦ ପ୍ରତିଶତ ଚୀନଠୁ କେବଳ ନେଇଛି ପାକିସ୍ତାନ । ବେଶ କିଛି ଦିନ ହେବ ପାକିସ୍ତାନର ଅର୍ଥବ୍ୟବସ୍ଥା ବୁଡିବା ସହ ଦେଶରେ ଘୋର ଆର୍ଥିକ ସଙ୍କଟ ଦେଖାଦେଇଛି । ଦୁଇ ଓଳା ପାଇଁ ଖାଦ୍ୟ ବି ଏଠାରେ କାଠିକାର ପାଠ ହେଲାଣି । ଦେଶର ମୁଦ୍ରା ଭଣ୍ଡାର ଶେଷ ହେବାକୁ ବସିଲାଣି । ସେପଟେ କଡ଼ା ସର୍ତ୍ତ ସହ ଋଣ ଦେବାକୁ ପ୍ରସ୍ତୁତ ଥିବା ଆଇଏମଏଫକୁ ନେଇ ଚିନ୍ତାରେ ପଡିଛନ୍ତି ସେହେବାଜ ସରକାର ।

## ଲାଂଚ ନେଇ ଗିରଫ ହେଲେ ଡାଟା ଏଂଟ୍ରି ଅପରେଟର ଓ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଥାଲାସେମିଆରେ ପୀଡିତ ପୁଅର ଛାତ୍ରବୃତ୍ତି ଟଙ୍କା ଦେବାକୁ ବାପାଠାରୁ ୨ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଗିରଫ ଦୁଇ ଜଣଙ୍କ ମଧ୍ୟରୁ ଜଣେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଡାଟା ଏଂଟ୍ରି ଅପରେଟର ଓ ଅନ୍ୟଜଣେ ପ୍ରାଥମିକ ଶିକ୍ଷକ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଧିରେନ୍ଦ୍ର ସେନାପତି, ଡାଟା ଏଂଟ୍ରି ଅପରେଟର, ରାମସା ସେକ୍ସନ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ,ପୁରୀ ଓ ପ୍ରହଲ୍ଲାଦ ପ୍ରଧାନ, ପ୍ରାଥମିକ ଶିକ୍ଷକ, ଖଣ୍ଡବଜାର, ବ୍ରହ୍ମଗିରି ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କ ଥାଲାସେମିଆ ପୀଡିତ ପୁତ୍ରଙ୍କ ଛାତ୍ରବୃତି ଟଙ୍କା ପ୍ରଦାନପାଇଁ ୨୦୦୦ଟଙ୍କା ଲାଂଚ ନେଉଥିଲେ। ଅଭିଯୋଗ ପାଇଁ ଭିଜିଲାନ୍ସ ଅଧିକାରୀ ସେମାନଙ୍କୁ ଗିରଫ କରିଥିଲେ ।

## ରାଜନୀତିରୁ ସନ୍ୟାସ ନେବେ ସୋନିଆ !



ନୂଆଦିଲ୍ଲୀ, ୨୫/୦୨ : ରାଜନୀତିରୁ ସନ୍ୟାସ ନେବେ କଂଗ୍ରେସର ପୂର୍ବତନ ଅଧକ୍ଷ ସୋନିଆ ଗାନ୍ଧୀ । ଛତିଶଗଡ଼ ରାୟପୁରରେ ଚାଲିଥିବା କଂଗ୍ରେସର ୮୫ ତମ କାର୍ଯ୍ୟକାରିଣୀ ବୈଠକରେ ଏଭଳି ଆଭାଷ ଦେଇଛନ୍ତି ସୋନିଆ ଗାନ୍ଧୀ । ସେ କହିଛନ୍ତି, କଂଗ୍ରେସର ଭାରତ ଯୋଡ ଯାତ୍ରାରେ ତାଙ୍କ ରାଜନୈତିକ ଇନିସ୍ ଶେଷ ହୋଇଛି, ଯାହା ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ୧୫ ହଜାର ସଦସ୍ୟଙ୍କୁ ଉଦବୋଧନ ଦେଇ ସୋନିଆ କହିଛନ୍ତି, ତାଙ୍କ ଜୀବନରେ ଭାରତ ଯୋଡ ଯାତ୍ରା ତାଙ୍କୁ ସବୁଠୁ ଅଧିକ ସନ୍ତୁଷ୍ଟ ପ୍ରଦାନ କରିଛି । ଯାତ୍ରାରେ ଲୋକମାନଙ୍କ ସହ ଆଲୋଚନା ଦଳକୁ ଅଧିକ ସଶକ୍ତ କରିଛି । ଏହା ଦର୍ଶାଇଛି ଯେ କଂଗ୍ରେସ ଲୋକମାନଙ୍କ ସହ ଅଛି ଏବଂ ଲଢ଼ିବା ପାଇଁ ପୁରା ପସ୍ତୁତ ରହିଛି । ରାଜନୀତିରୁ ଅବସର ନେଇ ସୋନିଆ ଆଭାସ ଦେବା ସହ ବିଜେପିକୁ ଟାର୍ଗେଟ କରିଛନ୍ତି । ସୋନିଆ କହିଛନ୍ତି, ଦେଶ ଏବଂ କଂଗ୍ରେସ ପାଇଁ ଏବେ ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଦେଶର ସ୍ୱତନ୍ତ୍ର ସଂସ୍ଥାଗୁଡିକୁ ବିଜେପି-ଆରଏସଏସ ଅକ୍ତିଆର କରିନେଇଛନ୍ତି । କିଛି ଶିଳ୍ପପତିଙ୍କୁ ସମର୍ଥନ ଯୋଗୁ ଦେଶର ଅର୍ଥନୀତି ଧ୍ୱଂସ ହେବାରେ ଲାଗିଛି । ସଂଖ୍ୟାଲଘୁ, ମହିଳା, ଦଳିତ, ଆଦିବାସୀଙ୍କୁ ଟାର୍ଗେଟ କରି ଘୃଣା ସୃଷ୍ଟି କରି ନିର୍ବାଚନ ଜିତୁଛି ବିଜେପି । ସ୍ୱାମୀ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମୃତ୍ୟୁ ପରେ ରାଜନୀତିରେ ପାଦ ରଖିଥିବା ସୋନିଆଙ୍କ ଭୂମିକା କଂଗ୍ରେସରେ ଅତୁଳନୀୟ । ୨୫ ବର୍ଷର ରାଜନୈତିକ ଜୀବନ ବିତାଇଥିବା ସୋନିଆ କହିଛନ୍ତି, କଂଗ୍ରେସ କେବଳ ଏକ ଦଳ ନୁହେଁ, ଏହା ହେଉଛି ଏକ ଗାଡି ଯେଉଁଥିରେ ଭାରତର ଲୋକମାନେ ସମ୍ମାନ, ନ୍ୟାୟ, ସ୍ୱତନ୍ତ୍ରତା, ଭାଇଚାରା ପାଇଁ ଲଢେଇ ଜାରି ରଖିଛନ୍ତି ।

## ନୂଆ ରୂପ ପାଉଛି ଡାକୋଟା, କହିବ ବୀରତ୍ୱ କାହାଣୀ



ଭୁବନେଶ୍ୱର, ୨୫/୦୨ (ନି.ପ୍ର): ନୂଆ ରୂପ ନେଉଛି ବିଜୁ ବାବୁଙ୍କ ଡାକୋଟା । କୋଲକାତାରୁ ଭୁବନେଶ୍ୱର ଆସିଥିବା ଡାକୋଟା ବିମାନକୁ ଭୁବନେଶ୍ୱର ବିମାନ ବନ୍ଦର ସମ୍ମୁଖରେ ରଖାଯାଇଛି । ଡାକୋଟାର ବେଲି ପାର୍ଟ ବା ମୁଖ୍ୟ ଯନ୍ତ୍ରାଂଶ, ଦୁଇଟି ଚକ ସହ ଡାକୋଟାର ଏହି ଅଂଶକୁ ପ୍ରଥମ ପର୍ଯ୍ୟାୟରେ ଅବସ୍ଥାପିତ କରାଯାଇଛି । ସୋମବାର ଭିତରେ ଡାକୋଟାର ଫ୍ୟୁଜଲାଜ ଲଗାଯିବ । ଏହାପରେ ଇଞ୍ଜିନ ଓ ୱିଂଗସ ଲଗାଯିବ । ଦୀର୍ଘ ଦିନ ଧରି ପଡିରହିବା ଯୋଗୁଁ ଡାକୋଟା ବିମାନର ଅନେକ ଅଂଶ ନଷ୍ଟ ହୋଇଯାଇଛି । ଏବେ ଏହାର ମରାମତି ଓ ରଙ୍ଗ ଦିଆ କାମ ଚାଲିଛି । ମାର୍ଚ୍ଚ ୫ତାରିଖ ସୁଦ୍ଧା ଡାକୋଟା ବିମାନକୁ ସର୍ବସାଧାରଣ ପ୍ରଦର୍ଶନ ପାଇଁ ରଖାଯିବ । ଗତ ଜାନୁଆରୀ ୧୭ତାରିଖରେ କୋଲକାତାରୁ ବାହାରି ୧୮ତାରିଖ ଦିନ ଡାକୋଟା ବିମାନ ଓଡ଼ିଶାରେ ପହଞ୍ଚିଥିଲା । କୋଲକାତାର ଦମଦମ୍ ବିମାନ ବନ୍ଦରରୁ ୩ଟି ଟ୍ରଲରରେ ବୋଝେଇ ହୋଇ ଭୁବନେଶ୍ୱରକୁ ଅଣାଯାଇଥିଲା ଡାକୋଟା ବିମାନ ।

## ବିପଦରେ ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜୀବନ



ନୂଆଦିଲ୍ଲୀ, ୨୫/୦୨ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ । ଇରାନାର ରେଭିଲ୍ୟୁସନାରୀ ଏରୋସ୍ପେଶ ଫୋର୍ସର ମୁଖ୍ୟ ତଥା ଟପ କମାଣ୍ଡର ଅମୀରାଲ ହାଜୀଜାହେଦ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଏକ କ୍ରୁଜ ମିସାଇଲ ବିକଶିତ କରାଯାଇଥିବା କହିଛନ୍ତି । ଇରାନର ଟିଭି କାର୍ଯ୍ୟକ୍ରମରେ ସାକ୍ଷାତ ଦେଇ ଏହି ଧମକ ଦେଇଛନ୍ତି । ସେ କହିଛନ୍ତି ୧୬ଶହ ୫୦ କିଲୋମିଟର ଯାଏଁ ଲକ୍ଷ୍ୟ ଭେଦ କରୁଥିବା ମିସାଇଲକୁ ବିକଶିତ କରାଯାଇଛି ଓ ନିଜର କମାଣ୍ଡର କାସିମ ସୁଲେମାମର ହତ୍ୟାର ପ୍ରତିଶୋଧ ନିଆଯିବ । ୨୦୨୦ ମସିହାରେ ଆମେରିକା ବାଗଦାଦ ଉପରେ ଡ୍ରୋନ ଆକ୍ରମଣ କରିଥିଲା । ଯେଉଁଥିରେ ଟପ କମାଣ୍ଡରଙ୍କ ମୃତ୍ୟୁ ହୋଇଥିଲା । ଇରାନର ଟପ କମାଣ୍ଡରଙ୍କୁ ଧମକ ଏବେ ଆମେରିକା ଓ ପଶ୍ଚିମଦେଶରେ ଚିନ୍ତା ବଢାଇଛି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ରିକୀ କେଜ୍

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ୩ଥର ଗ୍ରାମୀ ଆୱାର୍ଡ ଜିତିଥିବା ଭାରତୀୟ ସଙ୍ଗୀତକାର ରିକୀ କେଜ୍ ନବୀନ ନିବାସରେ ଭେଟିଛନ୍ତି । ଅର୍ନ୍ତଜାତୀୟ ମାଣ୍ଡିଆ ବର୍ଷରେ ଓଡ଼ିଶା ରିଲିଜ କରିଥିବା 'ମାଣ୍ଡିଆ' ଗୀତରେ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ଚାନ୍ଦିପୁର ଆଇଟିଆରରୁ ଗୁପ୍ତତଥ୍ୟ ହସ୍ତାନ୍ତର ମାମଲା : ୪ ଦିନିଆ ରିମାଣ୍ଡରେ ଗଲା ବାବୁରାମ



ବାଲେଶ୍ୱର, ୨୫/୦୨ (ନି.ପ୍ର): ପାକିସ୍ତାନୀ ଯୁବତୀଙ୍କ ହନିଟ୍ରାପରେ ପଡ଼ି ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ହସ୍ତାନ୍ତର କରି ଗିରଫ ହୋଇଥିବା 'ଆଇଟିଆର'ର ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ଆଜି ୪ ଦିନିଆ ରିମାଣ୍ଡରେ ନେଇଛି ବାଲେଶ୍ୱର ଟାଉନ ଥାନା ପୁଲିସ। କୌଣସି ଏକ ଅଜ୍ଞାତ ସ୍ଥାନକୁ ନେଇ ତାଙ୍କୁ ପଚରାଉଚୁରା ଚାଲିଥିବା ଜଣାଯାଇଛି। ତେବେ 'ଆଇଟିଆର' ଟେଲିମେଟ୍ରି ବିଭାଗର ବରିଷ୍ଠ ବୈଷୟିକ ଅଧିକାରୀ କାର୍ଯ୍ୟରତ ଥିବା ଜଳେଶ୍ୱରର ଡେମୁରିଆ ବାଗପୁଞ୍ଜି ଅଞ୍ଚଳର ଶାନ୍ତଶିଷ୍ଟ ବାବୁରାମ ଯେ ଏଭଳି ଦେଶଦ୍ରୋହ କାର୍ଯ୍ୟ କରିପାରେ, ତାଙ୍କ ପରିବାର କିମ୍ବା ଗ୍ରାମବାସୀ କେହି ମଧ୍ୟ ବିଶ୍ୱାସ କରିପାରୁ ନାହାନ୍ତି। ଗାଁରେ ଅତ୍ୟନ୍ତ ଦୟନୀୟ ଭାବେ ଏକ ଆଜବେଷ୍ଟ ଘରେ ରହୁଥିବା ତାଙ୍କ ବଡ଼ଭାଇ ବାବୁରାମଙ୍କ ଗିରଫ ହେବାକୁ ନେଇ ମର୍ମାହତ ହୋଇଛନ୍ତି। ଆଇଟିଆରରେ ଚାକିରି ପାଇବା ପରଠାରୁ ବାବୁରାମ ବାଲେଶ୍ୱର ଟାଉନରେ ଜାଗା କିଣି ଘର କରି ପତ୍ନୀ ଓ ଦୁଇ ପିଲାଙ୍କ ସହ ରହିଆସୁଥିଲେ। ଡିଆରଡିଓ ତଥା ଅନ୍ୟାନ୍ୟ ଏଜେନ୍ସିଙ୍କ ପକ୍ଷରୁ ଆଇଟିଆର ଲଞ୍ଚ କମ୍ପ୍ଲେକ୍ସରେ ହେଉଥିବା ସମସ୍ତ ମିଜାଇଲ ପରୀକ୍ଷାରେ ଶ୍ରୀ ଦେଙ୍କୁ ଆଗ ଖୋଜାଯାଇଥାଏ। ପରୀକ୍ଷଣ ବେଳେ କ୍ଷେପଣାସ୍ତ୍ର ବିଜ୍ଞାନୀ ଏବଂ ବୈଜ୍ଞାନିକଙ୍କ ସହ ସେ ଉପସ୍ଥିତ ରହିଥା'ନ୍ତି। ଯେ କୌଣସି ବୈଷୟିକ ସମସ୍ୟା ଦେଖାଦେଲେ ବୈଜ୍ଞାନିକଙ୍କ ପରାମର୍ଶ କ୍ରମେ ଶ୍ରୀ ଦେ ସଙ୍ଗେ ସଙ୍ଗେ ଏହାର ସମାଧାନ କରିଥା'ନ୍ତି। ଏମିତିକି ଆଇଟିଆରରେ ହେଉଥିବା ମିଜାଇଲ ପରୀକ୍ଷା ସମ୍ପର୍କରେ ବୈଜ୍ଞାନିକଙ୍କ ପୂର୍ବରୁ ସେ ଜାଣିଥା'ନ୍ତି ବୋଲି ପୁଲିସ ପକ୍ଷରୁ ହୋଇଥିବା ଏତଲାରୁ ସ୍ପଷ୍ଟ ହୋଇଛି। କେବଳ ଅଶ୍ଳୀଳ ଫଟୋ ଓ ଭିଡିଓ ପାଇଁ ସେ ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ପାକିସ୍ତାନୀ ଯୁବତୀଙ୍କୁ ହସ୍ତାନ୍ତର କରିଛନ୍ତି ନା ଏ ବାବଦରେ ଅର୍ଥ ବି ପାଉଥିଲେ, ସେନେଇ ପୁଲିସ ଓ ଅନ୍ୟାନ୍ୟ ଗୋଇନ୍ଦା ସଂସ୍ଥା ପକ୍ଷରୁ ଏବେ ତଦନ୍ତ ଚାଲିଛି। ଏମିତିକି ଇଣ୍ଟେଲଜେନ୍ସି ବ୍ୟୁରୋର ୩ ଜଣ ଅଧିକାରୀ ଏବେ ବାଲେଶ୍ୱରରେ ରହି ତଦନ୍ତ ଜାରି ରଖିଥିବା ଜଣାଯାଇଛି। ପୂର୍ବରୁ ୨୦୧୫ ମସିହାରେ ଠିକା ଫଟୋଗ୍ରାଫର ଈଶ୍ୱର ବେହେରା, ୨୦୨୧ ମସିହାରେ ଆଇଟିଆର ଡାଇରେକ୍ଟରଙ୍କ ଡ୍ରାଇଭରଙ୍କ ସମେତ ୪ଜଣ ଠିକା କର୍ମଚାରୀ ଏହି ଭଳି ଆଇଟିଆରର ତଥ୍ୟ ଓ ଫଟୋ ଭିଡିଓ ବିଦେଶକୁ ହସ୍ତାନ୍ତର କରି ଗିରଫ ହୋଇଥିଲେ। ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ବିଭାଗ (ଆଇଟିଆର)ରୁ ଏଭଳି ବାରମ୍ବାର ତଥ୍ୟ ହସ୍ତାନ୍ତର କରାଯିବା ଦେଶ ପାଇଁ ଚିନ୍ତାର କାରଣ ହୋଇଛି।

## ବଜେଟ୍‌ରେ ବୟସ୍କ ଓ ଯୁବକଙ୍କ ପାଇଁ କିଛି ନାହିଁ : ବିଆରଏସ୍

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଚଳିତ ରାଜ୍ୟ ବଜେଟ୍‌ରେ ବିଭିନ୍ନ ବର୍ଗଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ୟମ କରାଯାଇଥିଲେ ହେଁ ବାସ୍ତବରେ ରାଜ୍ୟର ପାଖାପାଖି ୫୦ ଲକ୍ଷ ବରିଷ୍ଠ ନାଗରିକ ଯେଉଁମାନେ କି ଭତା ହିତାଧିକାରୀ ଭାବେ ପରିଚିତ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ବଜେଟରେ କୌଣସି ବ୍ୟବସ୍ଥା କରିନାହାଁନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ବାର୍ଦ୍ଧକ୍ୟ ଭତା ୨୭୫୦ ଟଙ୍କା ଛୁଇଁଥିଲା ବେଳେ ସରକାର ଟଙ୍କାଟିଏ ବାର୍ଦ୍ଧକ୍ୟ ଭତ୍ତାରେ ବୃଦ୍ଧି କରିନାହାଁନ୍ତି। ସେହିଭଳି ଶିକ୍ଷିତ ଯୁବକମାନଙ୍କର ନିଯୁକ୍ତି କଥା ସରକାର ଅନେକ ଦିନ ହେଲା ଭୁଲିଗଲେଣି। ନିଯୁକ୍ତିକୁ ବାଦ ଦେଇ ସରକାର ରାସ୍ତାଘାଟ ଓ ଠିକାଦାରଭିତିକ କାମରେ ଟଙ୍କା ଅଜାଡ଼ି ଦେଉଛନ୍ତି। ଶିକ୍ଷାର ଗୁଣାତ୍ମକ ମାନ ବିକାଶ କରିବା ପାଇଁ ଉଦ୍ୟମ ନକରି କେବଳ କୋଠାବାଡ଼ି ନିର୍ମାଣରେ ସରକାର ଅର୍ଥ ବ୍ୟୟ କରୁଛନ୍ତି। ଚାଷୀଙ୍କୁ ଟଙ୍କାଟିଏ ବୋନସ ଦେବାକୁ ମଧ ଇଚ୍ଛାପ୍ରକାଶ କରିନାହାଁନ୍ତି। ସରକାର ଯଦି ଏତେ ଗୋଲାପୀ ବଜେଟ ପ୍ରତିବର୍ଷ ଆଣୁଛନ୍ତି, ତାହେଲେ ପ୍ରତିବର୍ଷ ଯୁବକମାନଙ୍କର ଦାଦନ ଭାବରେ ଗଣପଳାୟନ କାହିଁକି ଘଟୁଛି ବୋଲି ବିଆରଏସ୍‌ର ପ୍ରମୁଖ ନେତା ଶେଷଦେବ ନନ୍ଦ ତାଙ୍କ ବଜେଟ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଏଣିକି କେନ୍ଦ୍ର ପ୍ରାୟୋଜିତ ଯୋଜନାର ନାଁ ବଦଳାଇଲେ ବନ୍ଦ ହେବ ପାଣ୍ଠି




ନୂଆଦିଲ୍ଲୀ, ୨୫/୦୨ : ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ରହିଛି । ଏପରିକି ପ୍ରଧାନମନ୍ତ୍ରୀ ଆବାସ ଘରଗୁଡିକରେ ପିଏମଏୱାଇ ଲୋଗୋ ସହିତ ବିଜୁ ପକ୍କା ଘର ଲୋଗୋ ଲଗାଇବାକୁ ନେଇ ବିଜେଡି ସହ ମୁହାଁମୁହିଁ ହୋଇଛି ରାଜ୍ୟ ବିଜେପି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ କରାଇ ନେଉଥିବା ଅଭିଯୋଗ କରିଆସୁଛି ଭାରତୀୟ ଜନତା ପାର୍ଟି । ଏହାକୁ ଚେକ୍ ଦେବାପାଇଁ ବଡ ପଦକ୍ଷେପ ନେବାକୁ ଯାଉଛନ୍ତି କେନ୍ଦ୍ର ସରକାର । କୁହାଯାଉଛି ଓଡିଶା ଭଳି ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଦିଲ୍ଲୀ, ପଞ୍ଜାବ ଓ ରାଜସ୍ଥାନ ଭଳି ଅଣବିଜେପି ଶାସିତ ରାଜ୍ୟଗୁଡିକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡିକର ମାର୍ଗଦର୍ଶିକା ଉଲ୍ଲଂଘନ କରୁଛନ୍ତି । ପଶ୍ଚିମବଙ୍ଗ ସରକାର ପ୍ରଧାନମନ୍ତ୍ରୀ ଆବାସ ଯ୍ରୋଜନାର ନାଁକୁ ବଦଳାଇ ବାଂଲା ଆବାସ ଯୋଜନା ଏବଂ ଦିଲ୍ଲୀ, ପଞ୍ଜାବ ଓ ଆନ୍ଧ୍ରପ୍ରଦେଶ ସରକାର ଆୟୁଷମାନ ଭାରତ ଯୋଜନା ହେଲଥ ଆଣ୍ଡ ୱେଲନେସ ସେଂଟରକୁ ମୋହଲ୍ଲା କ୍ଲିନିକରେ ପରିବର୍ତ୍ତନ କରି ଭୋଟ୍ ବ୍ୟାଙ୍କ ହାତେଇବାକୁ ରଣନୀତି କରୁଛନ୍ତି । ହେଲେ କେନ୍ଦ୍ରୀୟ ଯୋଜନା ଚଳାଇବାକୁ ରାଜ୍ୟଗୁଡିକ ୫୦ ପ୍ରତିଶତରୁ ଅଧିକ ଅର୍ଥ ବ୍ୟୟ କରୁଥିବାରୁ କେନ୍ଦ୍ରର ଏଭଳି ଧମକ ଅଯୌକ୍ତିକ ବୋଲି ଅଭିଯୋଗ ହୋଇଛି । କେନ୍ଦ୍ର ପ୍ରାୟୋଜିତ ଯୋଜନାରେ କେନ୍ଦ୍ରର ୬୦ ଓ ରାଜ୍ୟଗୁଡିକର ୪୦ ପ୍ରତିଶତ ଅଂଶଧନ ରହୁଛି । ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ମଧ ହେଉଛି । ତେଣୁ ଚୁକ୍ତି ନିୟମ ଖିଲାପ କଲେ କେନ୍ଦ୍ର ପାଣ୍ଠି ସଂପୂର୍ଣ୍ଣ ବନ୍ଦ କରିବାକୁ ଧମକ ଦେବା ପରେ ରାଜ୍ୟଗୁଡିକର ଭାଳେଣି ପଡିଯାଇଛି । ନିଜସ୍ୱ ଖର୍ଚ୍ଚରେ ଏସବୁ ଯୋଜନା ଚାଲୁରଖିବା ସେମାନଙ୍କ ପାଇଁ ଏକପ୍ରକାର ମୁସ୍କିଲ ହୋଇପଡିବ ବୋଲି ଆକଳନ କରାଯାଉଛି ।

## ଦାବି ପୂରଣ ନହେଲେ ଯୁକ୍ତ ୨ ପରୀକ୍ଷା ବର୍ଜନ କରିବେ ଅଧ୍ୟାପକ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ୬୬୨ ବର୍ଗ କଲେଜ ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ପୁଣି ଥରେ ୨୭ ତାରିଖରେ ମହାସମାବେଶ କରିବେ। ସମାନ ଗ୍ରେଡ୍ ପେକୁ ସମାନ ଦରମା ବୃଦ୍ଧି , ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଦେବା ଓ ପେନସନ୍ ପରିସରଭୁକ୍ତ କରିବା , ୭ମ ବେତନ କମିଶନ ଦେବା , ବାଦ୍ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଇତ୍ୟାଦି ୪ ଦଫା ଦାବି ନେଇ ଗତ ୧୪ ଦିନ ଧରି ଅଧ୍ୟାପକ କର୍ମଚାରୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି। ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ ସରକାର ଦାବି ପୂରଣ କରୁନଥିବାରୁ ୨୭ ତାରିଖରେ ମହାସମାବେଶ ପାଇଁ ଆହ୍ୱାନ ଦିଆଯାଇଛି।

## ହିଣ୍ଡେନବର୍ଗ ଚଡ଼କ ପରେ ଆଦାନୀ ସହ ଖସୁଛି ଏଲଆଇସି ସେୟାର




ନୂଆଦିଲ୍ଲୀ, ୨୫/୦୨ : କିଛି ଦିନ ହେଲା ଭାରତୀୟ ଜୀବନ ବୀମା ନିଗମ ବା ଏଲଆଇସି ସେୟାର ମୂଲ୍ୟ ଖସିବାରେ ଲାଗିଛି । ଶୁକ୍ରବାର ଷ୍ଟକ ମାର୍କେଟରେ ଏଲଆଇସିର ସେୟାର ଏକ ପ୍ରତିଶତ କମିବା ପରେ, ଏଲଆଇସିର ସେୟାର ମୂଲ୍ୟ ସର୍ବକାଳୀନ ତଳକୁ ଖସି ୫୮୨ ଟଙ୍କାକୁ ହ୍ରାସ ପାଇଛି । ଅବଶ୍ୟ ପରେ ସେୟାର ମୂଲ୍ୟରେ ସୁଧାର ଆସି ୫୮୫ ଟଙ୍କାରେ ପହଁଚିଥିଲା । ସେୟାର ମୂଲ୍ୟ ଖସୁଥିବାବେଳେ, ଭୟଭୀତ ହୋଇପଡିଛନ୍ତି ଏଲଆଇସି ନିବେଶକ । ଏଲଆଇସି ସେୟାର ମୂଲ୍ୟ ହ୍ରାସ ପରେ, ବୀମା ଧାରକ ଓ ନିବେଶକ ମାନେ ଭୟଭୀତ ହୋଇପଡିଛନ୍ତି । କିନ୍ତୁ ଏଲଆଇସିରେ ଜୀବନ ବୀମା କରିଥିବା ଲୋକଙ୍କର କୌଣସି କ୍ଷତି ହେବ ନାହିଁ ବୋଲି କହିଛନ୍ତି ବଜାର ବିଶେଷଜ୍ଞ । ଏଥିସହ ସେୟାର ମୂଲ୍ୟ କମିବା ସମୟରେ ନିବେଶ କଲେ ଆଗାମି ଦିନରେ ଲାଭ ବୋଲି କହିଛନ୍ତି । ତେବେ ଯେଉଁମାନେ ଏଲଆଇସି ସେୟାର କିଣିଛନ୍ତି, ସେମାନେ କିଛି ପରିମାଣରେ କ୍ଷତିଗ୍ରସ୍ତ ହୋଇପାରନ୍ତି । ଆଦାନୀ ଗ୍ରୁପର ବିଭିନ୍ନ କମ୍ପାନୀରେ ୩୦ହଜାର ୧୨୭ କୋଟି ଟଙ୍କା ନିବେଶ କରିଥିଲା ଏଲଆଇସି । ଯାହାର ମୂଲ୍ୟ ଗୋଟିଏ ସମୟରେ ପ୍ରାୟ ୫୬ ହଜାର କୋଟି ଟଙ୍କାରେ ପହଁଚିଥିଲା । କିନ୍ତୁ ହିଣ୍ଡେନବର୍ଗର ରିପୋର୍ଟ ଆସିବା ପରେ, ଆଦାନୀ ଗ୍ରୁପ ସେୟାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ଯାହାର ପ୍ରଭାବରେ ▶▶ପୃଷ୍ଠା ୭

# ଅର୍ଥନୈତିକ ସର୍ଭେ ରିପୋର୍ଟରେ ଅନେକ ବିଫଳତାକୁ ଲୁଚାଇଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ମିଥ୍ୟା ତଥ୍ୟର କଳଙ୍କିତ ଦସ୍ତାବିଜ ହେଉଛି ଗତକାଲି ଉପସ୍ଥାପିତ ହୋଇଥିବା ୨୦୨୨-୨୩ର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ। ଅର୍ଦ୍ଧ ସତ୍ୟ, ଗୋଲାପୀ ସ୍ୱପ୍ନ ଆଧାରିତ ଏହି ରିପୋର୍ଟରେ ଅନେକ ବିଫଳତାକୁ ଲୁଚାଇଛନ୍ତି ରାଜ୍ୟ ସରକାର । ଆସନ୍ତା ଫେବୃଆରୀ ୨୮ ତାରିଖରେ ଜାତୀୟ ଆୟ ୨୦୨୨-୨୩ର ଦ୍ୱିତୀୟ ଅଗ୍ରୀମ ଆକଳନ ପ୍ରକାଶ ପାଇବାକୁ ଥିବାବେଳେ ରାଜ୍ୟ ସରକାର ତରବର ଭାବେ ପ୍ରଥମ ଅଗ୍ରୀମ ଆକାଳନକୁ ଭିତି କରି ରାଜ୍ୟର ଅଭିବୃଦ୍ଧି ହାର ପ୍ରକାଶ କରିବା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ନିଜ ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟର ତୁଳନା ଅନ୍ୟାନ୍ୟ ତୁଳନୀୟ ରାଜ୍ୟମାନଙ୍କ ସହିତ ନକରି ସମଗ୍ର ଦେଶର ଅଭିବୃଦ୍ଧି ହାର ଓ ମୁଣ୍ଡ ପିଛା ଆୟ ସହିତ ତୁଳନା କରିବା ହାସ୍ୟାସ୍ପଦ। ନିଜକୁ ସୁହାଇବା ପାଇଁ ମୁଣ୍ଡ ପିଛା ଆୟର ଆକଳନକୁ ପୁନଃପୌନିକ ବାର୍ଷିକ ଅଭିବୃଦ୍ଧି (ସିଏଜିଆର୍) ମାପଦଣ୍ଡ ବ୍ୟବହାର କଲାବେଳେ ଅଭିବୃଦ୍ଧି ହାରକୁ ସରଳ ବାର୍ଷିକ ହାର ପଦ୍ଧତି ବ୍ୟବହାର କରିବା ଏକ ବୌଦ୍ଧିକ ଶଠତାର ପରିଚୟ ବୋଲି ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।

ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ରିଜର୍ଭ ବ୍ୟାଂକର ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ ୨୦୧୨ ଓ ୨୦୨୧ ମଧ୍ୟରେ ଓଡିଶାର ସିଏଜିଆର୍ ୫.୭୩ ପ୍ରତିଶତ ଥିବାବେଳେ ଗୁଜୁରାଟ, କର୍ଣ୍ଣାଟକ, ହରିୟାନା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ତାମିଲନାଡୁ ରାଜ୍ୟ ତଳେ ଓଡିଶାର ସ୍ଥାନ ରହିଛି । ଅପେକ୍ଷାକୃତ ବୃହତ ରାଜ୍ୟମାନଙ୍କର ଅର୍ଥନୀତିଠାରୁ କମ୍ ଅଭିବୃଦ୍ଧି ହାସଲ ରାଜ୍ୟ ସରକାରଙ୍କ ପାରିବା ପଣିଆର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ବୈଶ୍ୱିକ ଅର୍ଥନୀତି ମାନ୍ଦାବସ୍ଥା କାରଣରୁ ଭାରତର ୨୦୨୧-୨୨ର ୮.୭ ପ୍ରତିଶତ ଅଭିବୃଦ୍ଧି ହାର ୨୦୨୨-୨୩ରେ ୭ ପ୍ରତିଶତକୁ ଖସି ଆସିବାର ଆକଳନ କରାଯାଉଛି । ଏହି ସମୟରେ ଓଡିଶାର ଅଭିବୃଦ୍ଧି ହାର ୧୧.୫ ପ୍ରତିଶତରୁ ଖସି ଆସି ୭.୮ ପ୍ରତିଶତ ହେବା ରାଜ୍ୟର ସଂଗୀନ ଆର୍ଥୀକ ପରିଚାଳନାର ସୁଚନା ଦେଉଛି ।

ଏହି ଅର୍ଥନୀତି ସର୍ଭେରେ ଭାରତର ମୁଣ୍ଡ ପିଛା ଆୟ ୧ଲକ୍ଷ ୭୦ ହଜାର ୬୨୦ ଟଙ୍କା ଥିବାର ମିଥ୍ୟା ଉଲ୍ଲେଖ କରାଯାଇଛି । ବାସ୍ତବରେ ଏହି ଆୟର ପରିମାଣ ୧ଲକ୍ଷ ୯୭ ହଜାର ଟଙ୍କା ଅଟେ । ମୁଣ୍ଡ ପିଛା ଆୟର ସର୍ବଭାରତୀୟ ଅଭିବୃଦ୍ଧି ହାର ୯.୪ ପ୍ରତିଶତ ଥିବାବେଳେ ରାଜ୍ୟ ପାଇଁ ଏହି ହାର ୧୦.୯ ପ୍ରତିଶତ ବୋଲି ଦାବୀ କରାଯାଇଛି । ଅଭିବୃଦ୍ଧିର ଏହି ତାରତମ୍ୟ ନେଇ ଗତି କଲେ ମଧ ଦେଶର ମୁଣ୍ଡ ପିଛା ଆୟ ସହିତ ସମକକ୍ଷ ହେବା ପାଇଁ ଓଡିଶାକୁ ଆହୁରି ୨୦ ବର୍ଷ ଅପେକ୍ଷା କରିବାକୁ ପଡିବ । ଭବିଷ୍ୟତ ପିଢୀ ପାଇଁ ଏହା ରାଜ୍ୟ ସରକାରଙ୍କର କେଉଁ ପ୍ରକାରର ଉପହାର ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ।

ନୀତି ଆୟୋଗର ବହୁମୁଖୀ ଦାରିଦ୍ର୍ୟ ସୁଚାଙ୍କ (ମଲ୍ଟି ଡାଇମେନସନାଲ୍ ପଭର୍ଟି ଇଣ୍ଡେକ୍ସ) ହିସାବରେ ଭାରତ ଜନସଂଖ୍ୟାର ୨୫.୦୧ ପ୍ରତିଶତ ଦରିଦ୍ର ଥିଲାବେଳେ ଓଡିଶାରେ ଏହା ୨୯.୩୫ ପ୍ରତିଶତ ରହିଛି । ସେ ଦୃଷ୍ଟିକୋଣରୁ ୨୮ଟି ରାଜ୍ୟ ମଧ୍ୟରେ ଓଡିଶାର ସ୍ଥାନ ୨୦ରେ ଅଛି । ଏହି ଦର୍ପଣରେ ରାଜ୍ୟ ସରକାର ନିଜ ଚେହେରାକୁ ଭଲ ଭାବେ ଥରେ ଦେଖି ନେବା ଉଚିତ୍ ବୋଲି ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି ।

୨୦୦୬-୦୭ ରୁ ୨୦୨୨-୨୩ ମଧ୍ୟରେ ୧୫୩୧୫ ଶିଳ୍ପ ସଂସ୍ଥାରେ ତାଲା ପଡିଛି । ୧୨୯୯୫୦ ଜଣ ଛଟେଇ ହୋଇଛନ୍ତି । ଆର୍ସେନଲ ମିତଲ ଓ ପସ୍କୋ ଭଳି ବୃହତ ପ୍ରକଳ୍ପ ଏନ୍ତୁଡିଶାଳରେ ପ୍ରାଣ ହରାଇଛନ୍ତି । ୧୦ ହଜାର ଜନସଂଖ୍ୟ ପାଇଁ ସରକାରୀ ଡାକ୍ତରଖାନାରେ ଶଯ୍ୟା, ଜଳସେଚିତ ଜମି, ବିଦ୍ୟାଳୟ ସଂଖ୍ୟା, ସଡକ ସାନ୍ଦ୍ରତା ତଥା ମୁଣ୍ଡ ପିଛା ବିଦ୍ୟୁତ ଉପଲବ୍ଧି ଏ ରାଜ୍ୟର ରୁଗ୍‌ଣ ଭିତିଭୁମିକୁ ଦର୍ଶାଉଛି । ଭିତିଭୁମି ସୁଚ୍ୟଙ୍କରେ ୧୭ଟି ବୃହତ ରାଜ୍ୟ ମଧ୍ୟରୁ ଓଡିଶାର ସ୍ଥାନ ତଳ ଆଡୁ ଲଜ୍ଜାଜନକ ଭାବେ ତୃତୀୟ ସ୍ଥାନରେ ରହିଛି ।

ସେହିପରି ୫ମ ଏନଏଫ୍‌ଏଚ୍‌ଏସ୍‌ର ତଥ୍ୟ ଅନୁସାରେ ଓଡିଶାର ୩୧ ପ୍ରତିଶତ ଶିଶୁ ବୟସାନୁସାରେ ଉଚ୍ଚତା ହାସଲ କରନ୍ତି ନାହିଁ । ୧୮ ପ୍ରତିଶତ ଶିଶୁ କମ୍ ଓଜନର । ୬୬ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର । ସବୁଠାରୁ ସାଂଘାତି ଘଟଣା ୨୦୧୫-୧୬ରେ ୧୫ ରୁ ୧୯ ବର୍ଷ ବୟସର ବାଳିକାଙ୍କ ମଧ୍ୟରୁ ୫୧ ପ୍ରତିଶତ ବାଳିକାଙ୍କର ଓଜନ କମ୍ ଥିବାବେଳେ ୨୦୨୦-୨୧ ରେ ତାହା ବୃଦ୍ଧି ପାଇଁ ୬୫.୫ ପ୍ରତିଶତରେ ପହଂଚିଛି । ଅଥଚ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅର୍ଥନୈତିକ ସର୍ଭେରେ ଏକ ସୁନ୍ଦର ସ୍ୱପ୍ନର ଦୁନିଆକୁ ଦେଖାଇଛନ୍ତି ରାଜ୍ୟ ସରକାର ।

# ଜିଲ୍ଲାସ୍ତରୀୟ ରେଡକ୍ରସ ବୈଠକ

ଖୋର୍ଦ୍ଧା, ୨୫/୦୨ (ନି.ପ୍ର): ଶୁକ୍ରବାର ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୨ ମସିହାରେ ରେଡ଼କ୍ରସ ଟଙ୍କାର ସମୀକ୍ଷା କରାଯାଇଛି। ତେବେ ରେଡ଼କ୍ରସ ପାଇଁ ବ୍ୟାଙ୍କରେ କେଉଁ ପ୍ରକାରର ଜମା ତଥା ଫିକ୍ସ ଓ ସେଭିଂସ ଜମା କରାଯାଇଛି ସେ ନେଇ ଜିଲ୍ଲାପାଳ ଆଲୋଚନା କରିଥିଲେ । ଏପରିକି କେତେ ଫିକ୍ସ ଜମା କରାଯାଇ ପାରିବ ସେନେଇ ଜିଲାପାଳ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପୁରୁଣା ରସିଦ ବହି ଫେରାଇ ନୂଆ ରସିଦ୍ ବହି ନେବାକୁ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ । ତେବେ ସାଧାରଣ ଲୋକଙ୍କ ହିତ ସାଧନ ପାଇଁ ରସିଦ ବହିରେ ଟଙ୍କା ପାଇବାର ୧୫ ଦିନ ମଧରେ ରେଡ଼କ୍ରସ ପାଣ୍ଠିକୁ ହସ୍ତାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୋଲିସ ବିଭାଗକୁ ରେଡ଼କ୍ରସ ପାଣ୍ଠି ସଂଗ୍ରହ ପାଇଁ କିଛି ରସିଦ ବହି ଦେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୁରୋଧ କରିଥିଲେ। ତେବେ ରେଡ଼କ୍ରସ ପାଣ୍ଠି ଆଦାୟ ପାଇଁ ଜୋର ଜବରଦସ୍ତ ନକରିବାକୁ ପରାମର୍ଶ ଦେଇଥିଲେ। ଏହା କେବଳ ଜନ ସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଅଟେ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ. ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠି, ମୁଖ୍ୟ ଚିକିତ୍ସା ଅଧିକାରୀ ଆର୍ତବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ପାଇଁ ଉନ୍ମତ ଯୁବକକୁ ପଠାଗଲା ଚିକିତ୍ସାଳୟ

କେନ୍ଦ୍ରାପଡ଼ା, ୨୫/୦୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଜଣେ ଭିନ୍ନକ୍ଷମ ଉନ୍ମତ ଯୁବକ ଦୀର୍ଘ ସମୟ ଧରି ବଡପାଟି କରି ନାଟକବାଜି କରୁଥିବାରୁ ତାକୁ ୧୦୮ ଆମ୍ବୁଲାନ୍ସ ମାଧମରେ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣତିଆ ଗ୍ରାମର ରାକେଶ ମଲିକଙ୍କର ଦୀର୍ଘ କିଛି ମାସ ତଳେ କଟକ ଚାନ୍ଦବାଲି ରାସ୍ତା ପଟ୍ଟାମୁଣ୍ଡାଇ ନିକଟରେ ଏକ ସଡକ ଦୁର୍ଘଟଣାରେ ବାମ ଗୋଡଟି ଅଚଳ ହୋଇ ଯାଇଛି । ଏହାକୁ ନେଇ ସେ ବିଭିନ୍ନ ସମୟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରି ସାହାଯ୍ୟ ମାଗୁଥିବା ଏବଂ ଗଣ୍ଡଗୋଳ କରୁଥିବା ଦୃଷ୍ଟିରୁ ତାକୁ ଶୁକ୍ରବାର ୪ଟା ସମୟରେ ୧୦୮ ଆମ୍ବୁଲାନ୍ସ ଡାକି ଜିଲ୍ଲାମୁଖ୍ୟ ଚିକିତ୍ସାଳକୁ ଚିକିତ୍ସା ପାଇଁ ପଠା ଯାଇଛି ।

# ବିଶ୍ୱର ସୁରକ୍ଷା ଓ ମାନବିକତା ଦୃଷ୍ଟିରୁ ଋଷିଆ ଓ ୟୁକ୍ରେନରେ ଯୁଦ୍ଧ ବନ୍ଦ ହେଉ : ଉତ୍କଳ ସର୍ବୋଦୟ ମଣ୍ଡଳ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଋଷ-ୟୁକ୍ରେନ ଯୁଦ୍ଧକୁ ଆଜି ଏକବର୍ଷ ପୂରଣ ହେବାକୁ ଯାଉଛି । ଦୁଇଦେଶର ପ୍ରତିଦିନ ଶହ ଶହ ଲୋକଙ୍କ ଜୀବନ ଯାଉଛି । ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ରେଳଷ୍ଟେସନ, ଗବେଷଣାଗାର ଜନବସତି ସବୁ ମାଟିରେ ମିଶୁଛି । ହଜାର ହଜାର ଲୋକ ବେକାର ହୋଇ ଶରଣାର୍ଥୀ ହେଉଛନ୍ତି । ଜୀବନ ବିକଳରେ ଦେଶ ଛାଡୁଥିବା ଲୋକମାନଙ୍କ ପାଇଁ ଜୀବନ ନିର୍ବାହ ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି । ଦୁଇ ଦେଶର ସବୁଜିମା ମାଟିରେ ମିଶିଗଲା । ପ୍ରକୃତିର ଧ୍ୱଂସଲୀଳାର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି । ଯୁଦ୍ଧ ରାଜନୀତି, ଅସ୍ତ୍ରଶସ୍ତ୍ର ବିକ୍ରୀ ସମ୍ପୂର୍ଣ୍ଣ ବନ୍ଦ ହେଉ । ସାରା ବିଶ୍ୱରେ ଯୁଦ୍ଧ ନୁହେଁ ଉତ୍କଳ ସର୍ବୋଦୟ ମଣ୍ଡଳ ଶାନ୍ତି ଚାହେଁ। ଏଣୁ ଦୁଇ ଦେଶରେ ଯୁଦ୍ଧକୁ ବନ୍ଦ କରି ଶାନ୍ତି ଫେରାଇବା ଉଦ୍ଦେଶ୍ୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ତରଫରୁ ମାଷ୍ଟର କ୍ୟାଂନି ଛକ ଠାରେ ଏକ ନୀରବ ପ୍ରତିବାଦ ସଭା ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁଇଦେଶର ଜନତା ତଥା ସାରା ବିଶ୍ୱ ଜନତାଙ୍କୁ ଏକତ୍ରିତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ଉତ୍କଳ ସର୍ବୋଦୟ ପ୍ରକାଶଥାଉକି ଋଷ ଓ ୟୁକ୍ରେନ ଦୁଇଦେଶ ମଧ୍ୟରେ ବର୍ଷେ ବ୍ୟାପୀ ଯୁଦ୍ଧ ଚାଲିଛି । ଯୁଦ୍ଧରେ କାହାର ବିଜୟ କିମ୍ବା ପରାଜୟ ନ ଥାଏ । ଏହା ଉଭୟ ଦେଶର ଅର୍ଥନୀତି ଦୁର୍ବଳ କରିପକାଏ ଓ ମେରୁଦଣ୍ଡ ଭାଙ୍ଗିଯାଏ । ଯାହା ଶହ ଶହ ବର୍ଷ ଲାଗି ଗଢା ହୋଇଥାଏ ତାହା ନିମିଷକ ମଧ୍ୟରେ ଧୂଳିସାତ ହୋଇଯାଏ । ଏଣୁ ଏହି ନୀରବ ପ୍ରତିବାଦ ସଭାରେ ଦୁଇଦେଶର ଜନସାଧାରଣ ସଜାଗ ହେବା ସଙ୍ଗେ ସଙ୍ଗେ ବିଶ୍ୱ ଜନତା ଏ ଦିଗରେ ଆଗେଇ ଆସନ୍ତୁ ବୋଲି ନିବେଦନ କରୁଛୁ। ଆଜିର ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରମାକାନ୍ତ ମଣ୍ଡଳ, କୋଷାଧକ୍ଷ ରବୀନ୍ଦ୍ରନାଥ ମହାନ୍ତି ସଦସ୍ୟ ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା, ମାଳତୀ ପାତ୍ର, ନିରାକାର ବେଉରା, ରାକେଶ ନାୟକ, ଜାତୀୟ ଯୁବ ପ୍ରକଳ୍ପର ମଧୁ ଭାଇ, ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସଦସ୍ୟ ମଳୟ ତ୍ରିପାଠୀ, ଖଗେଶ୍ୱର ବଳ, ସତ୍ୟନାରାୟଣ ସାମନ୍ତସିଂହାର, ଜିତେନ୍ଦ୍ର ଦାସ, ଅରୁଣ କୁମାର ସ୍ୱାଇଁ, ଅର୍ଜ୍ଜୁନ ସାମନ୍ତରାୟ, ପ୍ରିୟନାଥ ଆଚାର୍ଯ୍ୟ, ଗୀତାରାଣୀ ଦଳେଇ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରଭୃତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କଫ ଶିରପ ଓ ଅନ୍ୟ ନିଶାଦ୍ରବ୍ୟ ଜବତ: ଜଣେ ଗିରଫ

ବଲାଙ୍ଗିର, ୨୫/୦୨ (ନି.ପ୍ର): ବଲାଙ୍ଗିର ଟାଉନ ଥାନା ଅଂଚଳର ଶାନ୍ତିପଡା ଠାରେ ଗତକାଲି ଦିନ ୧୧ଟା ୪୫ ମିନିଟ ସମୟରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇଥିଲା ଯେ, ଶାନ୍ତିପଡା ଛକର ରମେଶ ବାଗ ନାମକ ଜଣେ ବ୍ୟକ୍ତି ତାର ପାନ ଦୋକାନରେ ଅବୈଧ ଭାବରେ କଫ ଶିରପ ବିକ୍ରି କରୁଛି । ଏହି ଖବର ପାଇ ସେମାନେ ରେଡ କରି ଉକ୍ତ ବ୍ୟକ୍ତିକୁ ଧରିଲେ ଓ ତାଙ୍କ ଠାରୁ ୮ ଟି ସିଲ ଥିବା କଫ ଶିରପ ବୋତଲ, ଗୋଟିଏ ସ୍ଟ୍ରିପ ଆଲପାଜୋଲମ ଟାବଲେଟ ଯହିଁରେ ୬ ଗୋଟି ଟାବଲେଟ ଥାଇ, ଗୋଟିଏ ପାଣି ବୋତଲ ଯହିଁରେ ପ୍ରାୟ ୫୦୦ ମି.ଲି. ନାରଙ୍ଗି ରଙ୍ଗ ପାଣି, ଗୋଟିଏ ଲୁଜ ଏସକାଫ କଫ ଶିରପ ଯହିଁରେ ପ୍ରାୟ ୫୦ ମି.ଲି. ଶିରପ ଥାଇ ଯୁବକ ଠାରୁ ଜବତ କରିଥିଲେ । ପରେ ତାର ନାମ ପଚାରିବାରେ ସେ ତାର ନାମ ରମେଶ ବାଗ (୩୩) ପି- ଅଭିମନ୍ୟୁ ବାଗ, ନି- ଶାନ୍ତିପଡା, ଥାନା-ଟାଉନ, ଜିଲ୍ଲା-ବଲାଙ୍ଗୀର କହିଥିଲେ । ଏଣୁ ଉକ୍ତ ଜିନିଷ ସବୁକୁ ଏ.ଏସ.ଆଇ ମମତା ପ୍ରଧାନ ଜବତ କରି ଯୁବକ ଜଣକୁ ଥାନାକୁ ଆଣି ରିପୋର୍ଟ କରିଥିଲେ ।

# କେନ୍ଦୁଝରବାସୀଙ୍କ ବିଶ୍ୱବିଦ୍ୟାଳୟ ଦାବି ପୂରଣ ପାଇଁ କାହିଁକି ଲାଗିଲା ୨୪ ବର୍ଷ ?

କେନ୍ଦୁଝର, ୨୫/୦୨ (ନି.ପ୍ର): ବିଳମ୍ବରେ ହେଲେ ବି କେନ୍ଦୁଝରବାସୀଙ୍କ ଦୀର୍ଘ ବର୍ଷର ଦାବୀ ପୂରଣ ହେଲା । ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପରିଣତ ହେଲା । କିନ୍ତୁ ଦୁଃଖର କଥା ଯେ, ଏଥିପାଇଁ ଦୀର୍ଘ ୨୪ ବର୍ଷ ସମୟ ଲାଗିଗଲା । ଏହି ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ବିଗତ ଦିନରେ କେନ୍ଦୁଝରବାସୀଙ୍କୁ ବଡ ସଂଗ୍ରାମ କରିବାକୁ ପଡିଥିଲା । ସେତେବେଳେ କେନ୍ଦୁଝରବାସୀଙ୍କ ଦାବୀକୁ ଏଡାଇଯାଇ ସରକାର ବାରିପଦା ଓ ବାଲେଶ୍ୱର ଠାରେ ମାତ୍ର ପଚାଶ କିଲୋମିଟର ଦୂରତା ମଧ୍ୟରେ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କଲେ । ଯାହା ପଛରେ ସଂପୃକ୍ତ ଜିଲ୍ଲା ଦ୍ୱୟର ରାଜନେତାମାନଙ୍କର ବଡ ଅବଦାନ ଥିଲା । ସେହି ସମୟରେ ଆମ କେନ୍ଦୁଝର ଜିଲ୍ଲାରୁ ନିର୍ବାଚିତ ଜଣେକି ଜନ ପ୍ରତିନିଧି ରାଜ୍ୟ ମନ୍ତ୍ରୀମଣ୍ଡଳରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଥିଲେ । କିନ୍ତୁ, ଦୁର୍ଭାଗ୍ୟର କଥା ଯେ, ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ସମ୍ପୃକ୍ତ ପ୍ରଭାବଶାଳୀ ମନ୍ତ୍ରୀଙ୍କ ସମର୍ଥନ କେନ୍ଦୁଝର ଜିଲ୍ଲା ପାଇପାରି ନଥିଲା, ବରଂ ପଡୋଶୀ ଜିଲ୍ଲା ପାଇଥିଲେ । ଯାହାକି ସେ ସମୟରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲା । ଅବିଭକ୍ତ କେନ୍ଦୁଝର ଜିଲ୍ଲା ପ୍ରତି ସରକାରଙ୍କର ଏଭଳି ବୈମାତୃକ ମନୋଭାବ ଜିଲ୍ଲାବାସୀଙ୍କୁ ବହୁତ ଦୁଃଖ ଦେଇଥିଲା । ଯେଉଁଥିପାଇଁ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଦାବୀ ନେଇ ଏକ ଦୃଢ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନରେ ଆବାଳ ବୃଦ୍ଧ ବନୀତା ସବୁ ବର୍ଗ ଖୋଲା ହୃଦୟରେ ସାମିଲ୍ ହୋଇଥିଲେ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବୀ ନେଇ ସଂଗ୍ରାମ ଚାଲିଥିବା ବେଳେ ତଥାକଥିତ ରାଜନେତାମାନେ ନିଦାବିଷ୍ଟ ସାଜିଥିଲେ ।

ଗତ ୧୯୯୯ମସିହାରେ ବିଶ୍ୱବିଦ୍ୟାଳୟ ଦାବୀ ନେଇ ଜିଲ୍ଲାବାସୀ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ପ୍ରତିବାଦ ସ୍ୱରୂପ ସରକାରୀସ୍ତରରେ ଆୟୋଜିତ ସ୍ୱାଧୀନତା ଦିବସକୁ ବର୍ଜନ କରାଯାଇ ବେସରକାରୀ ଭାବେ ପତାକା ଉତୋଳନ କରାଯିବା ସହ ସମାନ୍ତରାଳ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଏପରିକି ସାଧାରଣ ନିର୍ବାଚନ ବର୍ଜନ ନିଷ୍ପତି ହୋଇଥିଲେ ମଧ ତାକୁ ଜଣେ ତଥାକଥିତ ନେତା ଭଣ୍ଡୁର ଉଦ୍ୟମ କରିଥିଲେ । । ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ଘୋଷଣା ପରେ, ଏହାଦ୍ୱାରା ଖଣି ବେପାରରୁ ରାଜନେତା ବନିଥିବା ତାଙ୍କ ପ୍ରଭୁଙ୍କର ସ୍ୱପ୍ନ ପୁରଣ ହେଲାବୋଲି ଏକ ମର୍ଯ୍ୟାଦାସମ୍ପନ୍ନ ସଂଗଠନରେ ଗୁରୁତ୍ୱପୁର୍ଣ୍ଣ ପଦବୀ ହାତେଇଥିବା ସ୍ଥାନୀୟ ଏକ ଖବରକାଗଜର ସମ୍ପାଦକଙ୍କ ପକ୍ଷରୁ ସୋସିଆଲ ମିଡ଼ିଆରେ ଯୋରଦାର ପ୍ରଚାର ହୋଇଥିଲେ ହେଁ ପ୍ରଭୁ କେବେ ଓ କେଉଁଠି ସ୍ୱପ୍ନ ଦେଖିଥିଲେ ତାହାକୁ ଉହ୍ୟ ରଖାଯାଇଥିଲା । ଅବଶ୍ୟ ଏହାକୁ ମଧ ଅସ୍ୱୀକାର କରାଯାଇପାରିବ ନାହିଁ ଯେ, ଆମ ଜିଲ୍ଲାର ନେତା, ରାଜନେତାମାନେ ଯଦି ପୂର୍ବରୁ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଦୃଢ ଦାବୀ ଉପସ୍ଥାପନ କରିପାରିଥାନ୍ତେ ତେବେ ହୁଏତ ଏଥିପାଇଁ ଦୀର୍ଘ ବର୍ଷ ଲାଗିନଥାନ୍ତା । ମୁଖ୍ୟମନ୍ତ୍ରୀଙ୍କର ଡି.ଡି. କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣାର ମାତ୍ର କେତୋଟି ଦିନ ପୂର୍ବରୁ କେନ୍ଦୁଝର ଜିଲ୍ଲା ବିଧାନସଭା କ୍ଷେତ୍ରର ନିର୍ବାଚିତ ପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟ ପାଇଁ ଫାଇଭ- ଟି ସଚିବଙ୍କୁ ଭେଟିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ତେବେ ଭେଟିବା ଓ ଘୋଷଣା ଏକ ସଂଯୋଗ ନୁହେଁ ତ ? ଅବଶ୍ୟ ଏ କ୍ଷେତ୍ରରେ ଦୀର୍ଘ ବର୍ଷର ବିଳମ୍ବତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା କ’ଣ ଆନ୍ତରିକତା ।

ଏକ ପକ୍ଷରେ ଧରଣୀଧର ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଓ ଅନ୍ୟପଟେ ୟୁନିଭରସିଟି ଗ୍ରାଂଟ କମିଶନର (ୟୁଜିସି) ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତାକୁ ୨୦୨୨-୨୩ ରୁ୨୦୨୭-୨୮ପର୍ଯ୍ୟନ୍ତ ବୃଦ୍ଧି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥିବା ବେଳେ ୟୁଜିସିର ଅଗୋଚରରେ ବିଶ୍ୱବିଦ୍ୟାଳୟ ଘୋଷଣା ସ୍ପଷ୍ଟ ହୋଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆବଶ୍ୟକ ଭିତିଭୂମି ପ୍ରସ୍ତୁତି ପୂର୍ବରୁ ବିଶ୍ୱବିଦ୍ୟାଳୟ ଘୋଷଣା ଏକ ନିର୍ବାଚନୀ ଚାଲ୍ ବୋଲି ଅନେକ ମତ ଦେଉଥିବା ବେଳେ ଧରଣୀଧର ମହାବିଦ୍ୟାଳୟରେ ଅଧାପକ ଓ କର୍ମଚାରୀ ଅଭାବ କାରଣରୁ ପାଠପଢା ଗୁରୁତର ଭାବେ ବ୍ୟାହତ ହେଉଥିବା କଥା ଛାତ୍ରଛାତ୍ରୀମାନେ କେବେଠାରୁ କହି ଆସୁଛନ୍ତି । ଏପରିକି ଦୀର୍ଘବର୍ଷ କଲେଜ ଦଖଲରେ ରହିଆସିଥିବା ସମ୍ମୁଖ ପଡିଆକୁ ଜିଲ୍ଲା ପ୍ରଶାସନ ନିଜ ହାତକୁ ନେଇ ସେଠାରେ ପାର୍କ ନିର୍ମାଣର ପ୍ରସ୍ତୁତି ଘଟଣା ସମସ୍ତଙ୍କୁ ତାଜୁବ କରିଥିବା ବେଳେ ଧରଣୀଧର ମହାବିଦ୍ୟାଳୟ ବିଭନ୍ନ କାରଣରୁ ବିଶ୍ୱବିଦ୍ୟାଳୟରେ ପରିଣତ ହେବାର ବାସ୍ତବତା ଉପରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସ୍ୱଭାବିକ୍ । ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟର ଆବଶ୍ୟକ ଭିତିଭୂମି ସଜାଡିବା ଦାୟିତ୍ୱ ନିର୍ବାଚିତ ପ୍ରତିନିଧିମାନେ ନେବା ସପକ୍ଷରେ ମତ ପ୍ରକାଶ ପାଇଛି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଓଡ଼ିଶା ବାସୀଙ୍କ ସୁରକ୍ଷା, ନବ ଦାସ ହତ୍ୟା ମାମଲାର ସଠିକ୍ ତଦନ୍ତ, ଷଡଯନ୍ତ୍ରକାରୀଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ଭୁବେନଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ଚନ୍ଦ୍ରଶେଖରପୁର ମଣ୍ଡଳ ଯୁବମୋର୍ଚ୍ଚା ପକ୍ଷରୁ ଭୁବେନଶ୍ୱର ସ୍ଥିତ ଡମଣା ଛକ ନିକଟରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କର କୁଶ ପୁତଳିକା ଦାହ କରାଯାଇଥିଲା ।

ଏହି ଅବସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉଦବେଗ ଜନକ । ନାରୀ ନିର୍ଯ୍ୟାତନା, ଶିଶୁ ଅପହରଣ, ଧର୍ଷଣ, ରାହାଜାନୀ, ଲୁଣ୍ଠନ, ନିଶା କାରବାର,ନରହତ୍ୟା ଆଦି ଅପରାଧିକ ପ୍ରବଣ ହୋଇଛି ଓଡିଶା । ମୁଖ୍ୟମନ୍ତ୍ରୀଙ୍କ ନିଜ ଅଧୀନରେ ଥିବା ଗୃହ ବିଭାଗ ଆଜି ନିଜେ କାଠଗଡାରେ । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଦିନ ଦ୍ୱିପ୍ରହରରେ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ । ଅନେକ ହତ୍ୟା, ଧର୍ଷଣ ଆଦି ଅପରାଧିକ ମାମଲାରେ ବିଜେଡ଼ିର ମାଳମାଳ ନେତାମନ୍ତ୍ରୀ ସିଧାସଳଖ ସମ୍ପୃକ୍ତ । ଓଡ଼ିଶା ଶାସନରେ ବିଫଳ ମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ । ଏହି ବିକ୍ଷୋଭରେ ରାଜ୍ୟ ବିଜେପି ପ୍ରବକ୍ତା ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଚନ୍ଦ୍ରଶେଖର ମଣ୍ଡଳ ସଭାପତି ଦାମୋଦର ବେହେରା, ବିଜେପି କର୍ପୋରେଟର ଯଶୋଧାରା ପ୍ରଧାନ,ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ,ଚନ୍ଦ୍ରଶେଖର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନଗେନ କୁମାର ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ ।

# ରଷିକୂଲ୍ୟା ମୁହାଣରେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରୀ

ଗଞ୍ଜାମ, ୨୫/୦୨ (ନି.ପ୍ର): ରଷିକୂଲ୍ୟା ମୁହାଣରେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରୀ ରହିଛି । ଚଳିତ ବର୍ଷ ବିରଳ ପ୍ରଜାତିର ଅଲିଭ ରିଡଲେ କଇଁଛଙ୍କ ରେକର୍ଡ ସଂଖ୍ୟକ ଅଣ୍ଡାଦାନ ଦେଖିବାକୁ ମିଳିଛି । ପ୍ରଥମ ଦିନରେ ଗତକାଲି ଏଠାରେ ୧ ଲକ୍ଷ ୮୪ ହଜାରରୁ ଅଧିକ କଇଁଛ ଅଣ୍ଡାଦାନ କରିଥିଲେ ।

ସେହିପରି ଆଜି ଦ୍ୱିତୀୟ ଦିନରେ ସନ୍ଧ୍ୟା ୫ଟା ସୁଦ୍ଧା ୫୦ ହଜାରରୁ ଉର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଦିବାଲୋକରେ କଇଁଛଙ୍କ ସମୂହ ଅଣ୍ଡାଦାନ ୩୦ ବର୍ଷ ପରେ ଦେଖିବାକୁ ମିଳିଛି । ସମୁଦ୍ର ମୁହାଣ ପୋଡ଼ମପେଟା ଠାରୁ ବଟେଶ୍ୱର ପର୍ଯ୍ୟନ୍ତ ଦୀର୍ଘ ବାଲୁକା ଶଯ୍ୟାରେ କଇଁଛ ମାନେ ସମୂହ ଅଣ୍ଡାଦେବା କାର୍ଯ୍ୟକ୍ରମ ଜାରୀ ରହିଛି । ଏଠାରେ କଇଁଛ ତଥା ଅଣ୍ଡାର ସୁରକ୍ଷା ଓ ନିରାପତା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । କୁକୁର, ଚିଲ, ବିଲୁଆ ଆଦି ଜୀବଜନ୍ତୁ ତଥା ମଣିଷଙ୍କ ଠାରୁ କଇଁଛ ଓ ଅଣ୍ଡାକୁ ସୁରକ୍ଷା ଦେବା ନିମିତ ଏହି ପଦକ୍ଷେପ ନିଆଯାଇଛି । ଏବଂ ସମ୍ପୃକ୍ତ ଅଂଚଳରେ ସମୁଦ୍ରର ୨୦ କି.ମି. ଦୂରତା ମଧ୍ୟରେ କୌଣସି ଟ୍ରଲର କିମ୍ବା ବୋଟ୍ ଯାତାୟାତ କରିବାକୁ ବାରଣ କରାଯାଇଥିବା ନେଇ ଗଞ୍ଜାମ ଡିଏଫଓ ଅମ୍ଳାନ ନାୟକ ସୂଚନା ଦେଇଛନ୍ତି ।

# ବିଶ୍ୱ ପ୍ରସିଦ୍ଧ ବିର୍ସାମୁଣ୍ଡା ଷ୍ଟାଡିୟମ ସମ୍ମୁଖରେ ଥିବା ଗଛ ସବୁ ମରିଗଲାଣି

ରାଉରକେଲା, ୨୫/୦୨ (ନି.ପ୍ର): ରାଉରକେଲା ସହରରେ ତିଆରି ହୋଇଥିବା ବିଶ୍ୱପ୍ରସିଦ୍ଧ ବିର୍ସାମୁଣ୍ଡା ଷ୍ଟାଡିୟମରେ ଆର୍ନ୍ତଜାତିକ ହକି ଖେଳ ସରିବାର ମାସେ ପୁରିଛି କି ନାହିଁ ଏହି ଷ୍ଟାଡିୟମରେ ସମ୍ମୁଖ ଭାଗରେ ଥିବା ଗଛ ଗୁଡିକ ମରିବା ଆରମ୍ଭ କରିଛି ଓ ଅନେକ ଗଛ ମରି ସାରିଲାଣି । ମାତ୍ର ୧୫ ମାସରେ ତିଆରି ହୋଇଥିବା ଏହି ଷ୍ଟାଡିୟମରେ ଏବେବି କିଛି କାମ ଲାଗିରହିଥିବା ବେଳେ ଏହାର ସୌନ୍ଦର୍ଯ୍ୟକୁ ଦେଖୁଥିବା କିଛି ଲୋକଙ୍କର ଏହା ଉପରେ ନଜର ପଡିଥିଲା । ଏହି ସବୁ ଗଛ ଫାଟକ ନମ୍ବର ୫ରୁ ନେଇ ଫାଟକ ନମ୍ବର ୧ ୦୨ ଯାଏ ରହିଛି । ତେବେ ଏସବୁ ବଡ ବଡ ଗଛକୁ ଆଣି ସହରର ସୁନ୍ଦରତା ବଢାଇବା ଲାଗି ଷ୍ଟାଡିୟମ ଓ ସହରର ରିଂ ରୋଡ ମଝିରେ ଥିବା ଡିଭାଇଡର ଭିତରେ ଲଗାଯାଇଥିଲା । ଏଥିଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରାଯାଇଥିଲା, ତେବେ ହକି ଖେଳ ଭିତରେ ଏସବୁ ଗଛ ସମେତ ରାସ୍ତା ଓ ଗ୍ରିଲ ଗୁଡିକରେ ପାଣି ଦିଆଯାଇ ଏସବୁକୁ ସଫା ଓ ଜୀବିତ ରଖାଜିବାକୁ ଉଦ୍ୟମ ହେଉଥିଲା, କିନ୍ତୁ ଖେଳ ଶେଷ ପରେ ବିଦେଶୀ ଚାଲିଗଲେ, ଭିଆଇପି ମଧ ଉଡାଯାହାଜରେ ଉଡିଗଲେ, ତା ପରେ ଏସବୁର ଦେଖାରେଖା ବନ୍ଦ ହୋଇଯାଇଛି । ଫଳରେ ଦୁଇ ରାସ୍ତା ମଝିରେ ଲଗା ଯାଇଥିବା ଗଛ ଗୁଡିକୁ ଉପାଡି ନିଆଯାଉଥିବା ବେଳେ, ଅନେକ ଗଛ ମଲା ଗଲା ହେଲାଣି, ଆଉ କିଛି ଗଛ ମଲାଣି । ତେବେ ଆଶା କରାଯାଉଥିଲା ଷ୍ଟାଡିୟମ ସମ୍ମୁଖ ଗଛ ବଂଚିକି ରହିବ, କିନ୍ତୁ ଏଥିରେ ପାଣି ଦିଆ ନଜିବାରୁ ଏସବୁ ମରିଯାଉଛି । ସେହିପରି ସହରର ବିଭିନ୍ନ ଯାଗାରେ ଲଗାଯାଇଥିବା ପାଇପ ଗୁଡିକୁ କଂଟା ବାଲା କାଟି ଚୋରୀ କରି ନେଉଥିବା ବେଳେ ଗ୍ରୀଲ ମଧ ଚୋରୀ ଚାଲିଛି । ବିମାନବନ୍ଦର ପାଖରୁ ବାରମ୍ବାର ଗ୍ରିଲ ଚୋରି ହେଉଛି ।

# ଶିକ୍ଷା ଲାଗି ଅନେକ ଯୋଜନା : ହେଲେ ପୃଷ୍ଟିହୀନତା ଲାଗି ଦୃଷ୍ଟି ଶକ୍ତି ହରାଉଛନ୍ତି ପିଲା

ରାଉରକେଲା, ୨୫/୦୨ (ନି.ପ୍ର): ରାଉରକେଲା ସହରର ସରକାରୀ ବିଦ୍ୟାଳୟ ଗୁଡିକରେ ପିଲା ମାନଙ୍କ ଲାଗି ସରକାରଙ୍କର ଅନେକ ଯୋଜନା, ମାଗଣା ବହି, ଛତା, ଯୋତା, ଭତା ଠାରୁ ଆରମ୍ଭ କରି ମାଗଣା ଭୋଜନ ଯାଏ ଭଳିକି ଭଳି ଯୋଜନା କରାଯାଇଛି । ସବୁ ଯୋଜନା କେମିତି ଚାଲିଛି ଓ ସେଥିରେ କେତେ ସୁଫଳ ମିଳୁଛି ତାହା ସୁଚାରୁ ଭାବେ ଚାଲିଛି କି ନାହିଁ ସେନେଇ ଅନେକ କଥା ପଦାକୁ ଆସୁଛି, ହେଲେ ଉପଯୁକ୍ତ ପୃଷ୍ଟି ନପାଇ ରାଉରକେଲାର ପ୍ରବେଶପଥ ପାନପୋଷ ନୋଡାଲ ବିଦ୍ୟାଳୟରେ ଜଣେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ପିଲା ଧିରେ ଧିରେ ନିଜର ଦୃଷ୍ଟି ଶକ୍ତି ହରାଇଥିବାର ଖବର ମିଳିଛି । ପିଲାଟି ମିୟମିତ ନିଜର ଏହି ସମସ୍ୟା କଥା କହି ପାଠ ପଢିବାକୁ ଆସିଥାଏ, ହେଲେ ଗତକାଲି ତାକୁ କିଛି ଦେଖାଯାଉନି ଓ ସେ କିଛି ଜାଣି ପାରୁନି ତାକୁ ଘରକୁ ନେଇ ଛାଡି ଦିଅ ବୋଲି କହି କଇଁ କଇଁ ହୋଇ କାନ୍ଦିବା ପରେ ତାର ପରିବାରକୁ ଡକାଯାଇ ପିଲାଟିକୁ ହସ୍ତାନ୍ତର କରାଯାଇ, ବିଦ୍ୟାଳୟ ତାର କାମ ସାରିଦେଇଛି । ପରେ ତାର ଅଭିଭାବକ ଡାକ୍ତରଙ୍କୁ ଦେଖାଇବା ପରେ ପିଲାଟି ସାମାନ୍ୟ ସୁସ୍ଥ ହୋଇଥିବା ଖବର ମିଳିଛି । ଖାଲି ସେହି ପିଲା ନୁହେଁ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଥିବା ପିଲା ମାନଙ୍କର ଏହିଭଳି ନାନା ସମସ୍ୟା ରହୁଛି, ଯାହା ତାଙ୍କୁ ମେଡିକାଲ ପରୀକ୍ଷା କଲେ ଜଣାପଡିବ ଓ ସେମାନେ ସେହି ସବୁ ରୋଗରେ ଘାଂଟି ହେଉଛନ୍ତି । ଏହ ବିଦ୍ୟାଳୟରେ ଦିର୍ଘ ଦଶ ବର୍ଷ ଧରି ଜଣେ ପ୍ରଧାନ ଶିକ୍ଷକ ନାହାନ୍ତି, କେବଳ ଇନଚାର୍ଜ ପ୍ରଧାନଶିକ୍ଷକ ରଖାଯାଇ ଏତେବଡ ବିଦ୍ୟାଳୟ ଚଲା ଯାଉଥିବା ବେଳେ,ଏହାର ରେଜଲ୍ଟ ମଧ ଆଖିଦୃଶିଆ ନୁହେଁ। ଏପରିକି ଜିଲ୍ଲାରେ ଶେଷ ସ୍ଥାନରେ ରହଥିବା ଖବର ମିଳିଛି । କେବଳ କିଛି ଲୋକଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ଏଠାରେ ପ୍ରଧାନଶିକ୍ଷକ ନିଯୁକ୍ତି କରାଯାଉନଥିବା ବେଳେ ପିଲାମାନଙ୍କର ଏହିଭଳି ନାନା ସମସ୍ୟା ପ୍ରତି ଅଣଦେଖା କରାଯାଉଛି । ଛୋଟ ଛୋଟ ପିଲା ହୁଅନ୍ତୁ କିମ୍ବା ବଡ ପିଲା ସେମାନଙ୍କର ସମସ୍ୟାକୁ ନେଇ ଜଣେ ପ୍ରଧାନଶିକ୍ଷକ ଯେତିକି ତତ୍ପରତା ପ୍ରକାଶ କରନ୍ତେ ଜଣେ ଦାୟିତ୍ୱରେ ଥିବା ଲୋକ ଠାରୁ ତାହା ଆଶା କରାଯାଇନପାରେ, ଯାହା ଏଠାରେ ଘଟୁଛି । କେବଳ ବେଆଇନ ଭାବେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଉପରେ ମେରୀ ରାୟ ନୀତିକୁ ଲାଗୁ କରି ସିନା ଏଠି ନିଜର ପାରିବା ପଣିଆ କିଛି ବାବୁ ଓ ତଳିଆ କର୍ମଚାରୀ ଏହି ବିଦ୍ୟାଳୟ ମାମଲାରେ ସଫଳ ହେଉଛନ୍ତି, କିନ୍ତୁ ପିଲାମାନଙ୍କର ଭବିଷ୍ୟତ ଏଠି ଏକ ପ୍ରକାର ଅନ୍ଧକାର ହେବାରେ ଚାଲିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ଫେବୃଆରୀ, ୨୦୨୩
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୧୦**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦିନେ ଗୋଦାବରୀଶ ବାବୁ ପ୍ରକାଶ କରିଥିଲେ ଯେ, ମନ୍ତ୍ରୀମାନଙ୍କ କାର୍ଯ୍ୟରେ ତାଙ୍କ ଅଧୀନସ୍ଥ ସେକ୍ରେଟାରୀମାନେ ସୁଦ୍ଧା ବାଧା ଦେଉଥିବା ଓ ଲାଟ୍‌ସାହେବ ମନ୍ତ୍ରୀମାନଙ୍କ ପରାମର୍ଶକୁ ଉପେକ୍ଷା କରି ସମୟ ସମୟରେ ସେକ୍ରେଟାରୀମାନଙ୍କ ପରାମର୍ଶକୁ ଗ୍ରହଣ କରୁଥିବା ବିଷୟରେ ସେ ଲାଟ୍ ସାହେବଙ୍କଠାରେ ଆପତ୍ତି କରିଥିଲେ । ମନେହେଉଥାଏ, ତାହାହେଲେ ଏମାନେ ଅଛନ୍ତି କାହିଁକି ? କଂଗ୍ରେସ ମନ୍ତ୍ରୀମାନଙ୍କ ଅମଳରେ ତ ଏପରି ହେଉନଥିଲା । ସେହି ସମୟରେ ନିୟମ ହୋଇଥିଲା ଯେ, ମନ୍ତ୍ରୀମାନଙ୍କ ଦୈନନ୍ଦିନ ଶାସନ ନୀତିରେ ଲାଟସାହେବ ହସ୍ତକ୍ଷେପ କରିପାରିବେ ନାହିଁ । ଏହି ସର୍ତ୍ତରେ କଂଗ୍ରେସ କେତୋଟି ପ୍ରଦେଶରେ ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ । ଏମାନେ ଥିଲେ ଗୋଟିଏ ପ୍ରଧାନଦଳର ପ୍ରତିନିଧି । କିନ୍ତୁ ବର୍ତ୍ତମାନ ଏହି ମନ୍ତ୍ରୀମାନେ କାହାରି ପ୍ରତିନିଧି ନୁହନ୍ତି । କୌଣସି ସର୍ତ୍ତରେ ଏମାନେ ମନ୍ତ୍ରୀତ୍ୱ ଗ୍ରହଣ କରିନାହାନ୍ତି । ଯେଉଁ ଦିନାକେତେ ରହିଲେ, ଏମାନଙ୍କ ନୀତି ହେଲା ବିପକ୍ଷଦଳର ଜଣକେତେ ସଦସ୍ୟଙ୍କୁ ଜେଲରେ ଅଟକାଇ ରଖିବା, ଯେପରି ଆସେମ୍ବ୍ଲିର ବୈଠକ ସମୟରେ ସେମାନଙ୍କ ସଂଖ୍ୟା ଅଧିକ ହେବ । ଯେଉଁଦିନ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବର ଆଲୋଚନା ହେବାର ଥିଲା, ତାହାର ଦୁଇଦିନ ପୂର୍ବେ ଜଣେ ବିଶିଷ୍ଟ ସଦସ୍ୟଙ୍କୁ ଜାମିନିରେ ଜେଲରୁ ଖଲାସ କରିଦେବାପାଇଁ ହାଇକୋର୍ଟ ହୁକୁମ ଦେଇଥିବା ସତ୍ତ୍ୱେ ତାଙ୍କୁ କୌଣସି ଆଳରେ ଜେଲରୁ ଅଣାହେଲା ନାହିଁ । ଏହିଦିନ ସେ ଆସେମ୍ବ୍ଲିର ବୈଠକରେ ଯୋଗଦେଇଥିଲେ, ମନ୍ତ୍ରୀମାନେ ଗାଦିଚ୍ୟୁତ ହେବା ଆଶଙ୍କା ଥିଲା । ପୁଣି ରୋଗଶଯ୍ୟାରେ ଶାୟିତ ଆଉଜଣେ ସଭ୍ୟଙ୍କୁ ଖଟିଆଟିରେ ବୁହାଇ ଅଣାହୋଇଥିଲା ଓ ଦୁଇଦିନ ପରେ ତାହାଙ୍କ ମୃତ୍ୟୁହେଲା ।

ମୁଁ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲାପରେ ତା.୧୫.୨.୪୩ରୁ ତା ୧୪.୫.୪୩ ପର୍ଯ୍ୟନ୍ତ ତିନିମାସ ଓଡ଼ିଶାର ଆସିଷ୍ଟାଣ୍ଟ ପବ୍ଲିସିଟି ଅଫିସର ପଦରେ ନିଯୁକ୍ତ ହୋଇଥିଲା । ମନ୍ତ୍ରୀ ଗୋଦାବରୀଶ ବାବୁ ଖୋର୍ଦ୍ଧା ସବ୍‌ଡିଭିଜନସ୍ଥ ମେଣ୍ଢାଶାଳ ଗ୍ରାମକୁ ଗସ୍ତରେ ଯାଇ ସେଠାରେ ସଭାକରିବେ- ଏହାର ବନ୍ଦୋବସ୍ତ କରିବା ପାଇଁ ମୁଁ ସେଠାକୁ ଯାଇଥିଲି । ସଭାର ଆୟୋଜନ ହେଲା । ଏହି ଅଞ୍ଚଳର ମନ୍ତ୍ରୀଙ୍କ ପକ୍ଷ ସମର୍ଥନକାରୀ ପ୍ରାୟ ଦେଢ଼ହଜାର ଲୋକ ସଭାରେ ଉପସ୍ଥିତ ଥିଲେ । ମନ୍ତ୍ରୀ ଯେଉଁ ଭାଷଣ ଦେଲେ ତହିଁର ସାରାଂଶ ଥିଲା, ମନ୍ତ୍ରୀମାନେ ଶାସନଭାର ଗ୍ରହଣ କରି ଦେଶ ଓ ଲୋକଙ୍କ ସେବା କରୁଅଛନ୍ତି । ଗାନ୍ଧୀଙ୍କ ପଦସ୍ଖଳନ ଓ ଭ୍ରାନ୍ତି ଉପସ୍ଥିତ ହୋଇଅଛି । କେଉଁ ପଥରେ ଯିବେ ସେ ଆଉ ସ୍ଥିର କରି ନପାରି ଆଜି ବଡ଼ଲାଟଙ୍କ ପାଖକୁ ପତ୍ର ଲେଖୁଛନ୍ତି କାଲି ଉପବାସ କରୁଛନ୍ତି । ଇତ୍ୟାଦି ଇତ୍ୟାଦି । ସର୍ବଶେଷରେ ଲୋକଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ 'ସେହି ଅଞ୍ଚଳର ପ୍ରତିନିଧି ଶ୍ରୀ ପ୍ରାଣନାଥ ପଟ୍ଟନାୟକ, ଯେ କି ସେହି ସମୟରେ ଜେଲରେ ଥିଲେ, ମନ୍ତ୍ରୀ ଦଳରେ ଯୋଗଦେଲେ ତାଙ୍କୁ ଜେଲରୁ ମୁକ୍ତ କରି ଦିଆହେବ ଓ ଯଦି ସେ ତାହା ନ କରନ୍ତି, ତାହାହେଲେ ଭୋଟରବୃନ୍ଦ ତାଙ୍କଠାରୁ ଇସ୍ତଫା ଦାବି କରନ୍ତୁ ।' କେହି କେହି ସଭାରେ ମୋତେ କିଛି କହିବାକୁ କହିଲେ । କିନ୍ତୁ ମୋର ଆଉ କିଛି କହିବାର ନଥିଲା। ଏହାଙ୍କ କଥା ଶୁଣି ମୋତେ ଲାଜ ମାଡ଼ିଲା । ଏହାର ଅଳ୍ପଦିନ ମଧ୍ୟରେ ମୁଁ ମୋର ପ୍ରଚାର ବିଭାଗର କାର୍ଯ୍ୟ ଛାଡ଼ି ଘରକୁ ଚାଲିଆସିଲି ।

ଏତାଦୃଶ ଜଟିଳତା, ମଳିନତାପୂର୍ଣ୍ଣ ରାଜନୈତିକ କ୍ଷେତ୍ରରେ ସୁଦ୍ଧା ମୁଁ ଗୋଦାବରୀଶବାବୁଙ୍କ ବିଶାଳ ହୃଦୟବତ୍ତାର ପରିଚୟ ପାଇଥିଲି । ତାଙ୍କ ହସ୍ତରେ ମୋର ଗୋଟିଏ ମହଦୁପକାର ସାଧିତ ହୋଇଥିଲା, ଯାହା ସକାଶେ ମୁଁ ସର୍ବଦା କୃତଜ୍ଞତାପୂର୍ଣ୍ଣ ହୃଦୟରେ ତାଙ୍କ ସହୃଦୟତାର ଗାନ କରୁଥାଏ । ଯୁଦ୍ଧର ଗୋଳମାଳ ଯୋଗୁଁ ସେହି ସମୟରେ କଟକ ରାଣୀହାଟରେ ଗୋଟିଏ ବସାରେ ରଖି ମୋ ଝିଅ ନିରୁପମାକୁ କଲେଜରେ ରଖା ହୋଇଥିଲା । ତାହା ସଙ୍ଗେ ରହୁଥିଲା ସୂର୍ଯ୍ୟମଣି, ପୁରୀର ସେହି ବିଧବା ବ୍ରାହ୍ମଣକନ୍ୟା । ଏହି ସମୟରେ ସେ ରେଭେନ୍ସା କଲେଜରୁ ଆଇ.ଏସ୍‌ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ପୁରୀ ଜିଲାବାସୀ ଜଣେ କଲେଜ ଛାତ୍ର ତାହାକୁ ବିବାହ କରିବା ପ୍ରସ୍ତାବ ମୋ'ଠାକୁ ପଠାଇଥିଲେ । ସୂର୍ଯ୍ୟମଣି ସହିତ ପରାମର୍ଶ କରି ସେହି ପ୍ରସ୍ତାବ ମୁଁ ପ୍ରତ୍ୟାଖ୍ୟାନ କରିଥିଲି । ସେହିକାଳର ଏହି ଯୁବକ ପରେ ସରକାରଙ୍କ ଉଚ୍ଚ ଆଇ.ଏ.ଏସ୍ ପଦରେ ପ୍ରତିଷ୍ଠିତ ହୋଇଥିଲେ । ଅଳ୍ପଦିନ ହେଲା ତାଙ୍କ ଅକାଳ ବିୟୋଗ ହୋଇଯାଇଅଛି । ଏହା ଉତ୍ତାରେ ଏହା ସମ୍ବନ୍ଧରେ ମୋ ମନରେ ଗଭୀର ଚିନ୍ତା ଜାତହେବାକୁ ଲାଗିଲା । ମୁଁ ତ ଏହାର ଶିକ୍ଷା ତଥା ଜୀବନ ଗଠନର ଭାର ସ୍ୱତଃପ୍ରବୃତ୍ତ ହୋଇ ଗ୍ରହଣ କରିଥିଲି । ସର୍ବଦା ଭାବୁଥାଏ, ଗରିବ ବ୍ରାହ୍ମଣ କନ୍ୟା କଣ କରିବ ! ସାଧାରଣ ବି.ଏ., ଏମ୍.ଏ ପଢ଼ି ବିଶେଷ ଲାଭ ହେବ କଣ ? ମୋ ମନରେ ଗୋଟିଏ ଭାବ ଦୃଢ଼ ଭାବରେ ନିବଦ୍ଧ ହେଲା । ଚିକିତ୍ସା ବିଦ୍ୟା ଏହା ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ । ଏହାଦ୍ୱାରା ନିଜର ସ୍ୱଚ୍ଛଳରେ ଜୀବନଯାତ୍ରା ନିର୍ବାହ ସହିତ ସମାଜର ସେବା ସାଧିତ ହୋଇପାରିବ । ଏହି ଉଦ୍ଦେଶ୍ୟରେ ପାଟଣା ମେଡିକାଲ୍ କଲେଜକୁ ଯିବା ସକାଶେ ସରକାରଙ୍କଠାରେ ଦରଖାସ୍ତ ଦିଆହେଲା । ସେହି ସମୟରେ ସରକାର ଚାରିଜଣ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ପଠାଉଥିଲେ । ୧୯୩୯ ସାଲରୁ ତ ମୋ ଝିଅ ସୁଷମା ପାଟଣା ମେଡିକାଲ୍ କଲେଜରେ ରହିଥିଲା । ଏଥର ନିର୍ବାଚନ କମିଟି ଚାରିଜଣ ବଡ଼ବଡ଼ ଲୋକଙ୍କ ପୁଅଙ୍କୁ ନିର୍ବାଚନ କଲେ। ସୂର୍ଯ୍ୟମଣି ସକାଶେ ତ କହିବାକୁ କେହି ନଥିଲେ । ସେ ନିର୍ବାଚିତ ହେଲା ନାହିଁ । ଏହି କଥା ମୋ ଝିଅ ନିରୂପମା ମୋ ଠାକୁ ସମ୍ବଲପୁରକୁ ଲେଖି ପଠାଇଲା । ଅବିଳମ୍ବରେ ମୁଁ କଟକ ଗଲି ଓ ରାତ୍ରିରେ ସେଠାରେ ପହଞ୍ଚିଲି । ପରଦିନ ସକାଳେ ନିରୁପମା ଓ ସୂର୍ଯ୍ୟମଣିକୁ ଗୋଦାବରୀଶବାବୁଙ୍କ ସଙ୍ଗେ ସାକ୍ଷାତ କରିବାକୁ ପଠାଇଲି ଓ ତାଙ୍କଠାରେ ଯାହା ଯାହା କହିବାକୁ ହେବ ତାହା ଶିଖାଇ ଦେଇଥିଲି । ଦୁହେଁ ଯାଇ ଗୋଦାବରୀଶ ବାବୁଙ୍କୁ ସାକ୍ଷାତ କଲେ । ନିରୁପମା ତାଙ୍କୁ ସୂର୍ଯ୍ୟମଣିର ପରିଚୟ ଦେଇ କହିଲା, 'ସୂର୍ଯ୍ୟମଣି ତାହାର ପିଲାଦିନରୁ ମୋର ଏଗାର ଭଉଣୀ ହୋଇ ଆମ୍ଭଘରେ ରହି ବିଦ୍ୟାଲାଭ କରିଅଛି । ମୋର ବାପାଙ୍କ ଇଚ୍ଛା ଯେ, ସେ ମେଡିକାଲ କଲେଜରେ ଅଧ୍ୟୟନ କରିବ । କିନ୍ତୁ କେବଳ ବଡ଼ଲୋକଙ୍କ ପୁଅମାନେ ନିର୍ବାଚିତ ହୋଇଅଛନ୍ତି ଓ ଗରିବର ଝିଅ ଏଥିରୁ ବଞ୍ଚିତ ହୋଇଅଛି । କଣ ସରକାରଙ୍କ ଉଦ୍ଦେଶ୍ୟ ଯେ, ଗରିବଙ୍କ ପୁଅଝିଅମାନେ ପାଠ ପଢ଼ିବେ ନାହିଁ?' ଗୋଦାବରୀଶ ବାବୁ ନିରୁପମାର ପରିଚୟ ପଚାରିଲେ ଓ ସେ ମୋ ଝିଅ ବୋଲି ପରିଚୟ ଦେଲାରୁ ଓ ମୁଁ ମୋ ଝିଅମାନଙ୍କ ସହିତ ସୂର୍ଯ୍ୟମଣି ପ୍ରତି ତାବତ୍ ଯତ୍ନ କରିଥିବା ଶୁଣି ଆନନ୍ଦ ପ୍ରକାଶ କଲେ ଓ ସେହିକ୍ଷଣି ଏ ସମ୍ବନ୍ଧରେ କାଗଜପତ୍ର ମଗାଇ ଓ ପରୀକ୍ଷାକରି ନିର୍ବାଚିତ ହୋଇଥିବା ଚାରିଜଣ ଛାତ୍ରମାନଙ୍କ ମଧ୍ୟରୁ ଜଣକର ନାମ କାଟି ତାହା ସ୍ଥଳରେ ସୂର୍ଯ୍ୟମଣିକୁ ପଠାଇବା ହୁକୁମ ଲେଖିଦେଲେ । ସୂର୍ଯ୍ୟମଣି ଯଥା ସମୟରେ ପାଟଣା ମେଡିକାଲ କଲେଜରୁ ଏମ.ବି.ବି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଓ କିଛିଦିନ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରି ସ୍ୱୋପାର୍ଜ୍ଜିତ ଅର୍ଥରେ ବିଲାତ ଯାଇ ସେଠାରୁ ଏମ୍.ଆର୍.ସି.ଓ.ଜି. ଡିଗ୍ରୀ ହାସଲ କରି ଫେରିଆସିଲା । ବର୍ତ୍ତମାନ ସେ ବୁର୍ଲା ମେଡିକାଲ କଲେଜରେ ଅଧ୍ୟାପିକା କାର୍ଯ୍ୟରେ ନିଯୁକ୍ତ ହୋଇ ରହିଅଛି । ♥

(କ୍ରମଶଃ)

## କବିତାର ସ୍ୱରଲିପି



### ବିଭୂତି ଭୂଷଣ ସେନାପତି

(ପୂର୍ବ ପ୍ରକାଶିତ ଉତ୍ତାରୁ) ସାମାନ୍ୟ ଅର୍ଥ ବ୍ୟଂଜନାରେ ପରିପ୍ରକାଶ ହେଲେ ତାହା ପ୍ରତୀକାଭାସ । ସମଗ୍ର ସତ୍ତା ସହ ଯାହାର ସଂବନ୍ଧ କାର୍ଯ୍ୟକାରଣ ଗତ ନୁହେଁ ତାହ ଖଂଡ ପ୍ରତୀକ । ଯାହା ମନରେ ଚମତ୍କାର ଆକାଂକ୍ଷା ଲହରୀ ସୃଷ୍ଟି କରେ ।ନିରର୍ଥକୁ ରଂଗାୟିତ କରେ । ଇମେଜଠାରୁ ପ୍ରତୀକ ଶକ୍ତିଶାଳୀ । ପ୍ରତୀକ କାବ୍ୟର ପରମାଣୁ ଶକ୍ତି । ଅନନ୍ତ ସଂଭାବନାର ଶକ୍ତିମାନ ଅଂଶ ।ଦୁଇଟିର ଯୁଗ୍ମସତ୍ତାର ଉପମା ମାତ୍ର ପ୍ରତୀକ ତୁଳନାତ୍ମକ ନୁହେଁ । ସାଦୃଶ୍ୟ ବିରହିତ ଶବ୍ଦ ସଂଯୋଜନା । ତାରୁଣ୍ୟ ଜଳୁଛି ଜହ୍ନ ଫୁଲ ବନେ ତାକୁ ଜଳିବାକୁ ଦିଅ/ ଫୁଲଧନୁ ଭାଂଗେ ଯଦି ବ୍ୟର୍ଥତାର ହାତୁଡି ଆଘାତେ ଭାଂଗୁ ତାହା ନୀରବରେ ଖାଲି ଛିଡ଼ା ହୁଅ । ସକଳ ଯନ୍ତ୍ରଣା ସତ୍ତ୍ୱେ ଜୀବନତ ନୁହଁଇ ମରଣ / ସକଳ ଦହନ ସତ୍ତ୍ୱେ ଫଗୁଣତ ଜ୍ୟେଷ୍ଠ ନୁହେଁ ବସନ୍ତ ବସନ୍ତ ଆଉ ଯୌବନ ଯୋବନ ।" ବାକ୍ ପ୍ରତିମା ବା ଇମେଜର ଅନ୍ୟନାମ ଚିତ୍ରକଳ୍ପ ଯାହା ଇନ୍ଦ୍ରିୟଗ୍ରାହ୍ୟ ଓ ଇନ୍ଦ୍ରିୟଜ । ଦୃଶ୍ୟ, ଶବ୍ଦ, ଗନ୍ଧ ଓ ସ୍ପର୍ଶ ଇତ୍ୟାଦି ଯେ କୌଣସି କ୍ଷେତ୍ରରେ ଏହାର ଉତ୍ପତ୍ତି । ଇନ୍ଦ୍ରିୟ ସଂଯୋଗିତ ଭାବ ପ୍ରତ୍ୟକ୍ଷର ପୃଷ୍ଠଭୂମି କିନ୍ତୁ ବିସ୍ମୃତି ବିରଳ । ବାକ୍ ପ୍ରତିମାକୁ ସାଥୀକରି ଇନ୍ଦ୍ରିୟଗ୍ରାହ୍ୟ ଶବ୍ଦଟିଏ ସୃଷ୍ଟି କଲେ ତାହା ଚିତ୍ରକଳ୍ପ ହୁଏ । ଅନ୍ତର୍ଦୃଷ୍ଟି ସମ୍ମୁଖର ଭାବ ଚିତ୍ରର ଉଦ୍ଭାସନ ଓ କବିର ମର୍ମବାଣୀକୁ ଇନ୍ଦ୍ରିୟ ପ୍ରତ୍ୟକ୍ଷ କରାଇବା ଏହାର ଧର୍ମ । ଚେତନ, ଅବଚେତନ ଓ ଅର୍ଦ୍ଧଚେତନ ପରି ମାନବ ମନରେ ବହୁସ୍ତର ରହିଛି । ଅତଏବ ଆଦିମ ଅବକ୍ଷୟ ଚେତନାକୁ ମାନବ ସମାଜର ସାମୁହିକ ଚେତନାସ୍ତରକୁ ଆଣି ନୂତନ ଅର୍ଥ ଓ ମୂଲ୍ୟବୋଧର ପ୍ରଭାମୟ ବିସ୍ତାର କରିବାରେ ମାଧ୍ୟମ ଆର୍କିଟାଇପ୍ । ଜ୍ଞାନବୃକ୍ଷ ଆଦି ଜନନୀ, ବିଷ ବୃକ୍ଷ, ଜାହାଜ, ଓଲଟ ଅଶ୍ୱତ୍ଥ ଇତ୍ୟାଦି ଏହାର ଲକ୍ଷଣ । କିମ୍ବଦନ୍ତୀ, ଲୋକକଥା, ଇତିହାସ, ତନ୍ତ୍ର ଓ ଦର୍ଶନ ଇତ୍ୟାଦିରେ ଆର୍କିଟାଇପ୍ ସଂଗୃହୀତ ହୁଏ । ଆଦିମ ସଂସ୍କାରକୁ ପ୍ରତୀତାତ୍ମକ ଅର୍ଥ ଶବ୍ଦରେ ମୂର୍ତ୍ତିମାନ କରିବାର କଳା ଆର୍କିଟାଇପ୍ । କବି କେଶବ ବାବୁଙ୍କ ଲେଖନୀରେ ଦେଖିବାକୁ ମିଳେ- "ଅନ୍ଧ ନଈର ଉଜାଣି ସୁଅ ମୁଁ ଲିଭା ଦୀପାଳିର ସଳିତା /ମଉନ ଜହ୍ନର ମହଳ ଆଲୁଅ ଶୂନ୍ୟ ଶବଦର କବିତା ।" ସେହିପରି - "ରୂପା ବେହେଲାର ରୂପା ତାର ସିଏ ଫଗୁଣ ଫୁଲର ସୁରଭି/ ସୁନା ପଂଜରୀର ସୁନା ଶାରୀ ସିଏ ବନ ଝରଣାର ମୌଳବୀ / ନିଥର ସଂଜର ନୟନ ତାରକା ନହୁଲି ବୟସ ବନିତା/ ସେତ ଶୂନ୍ୟ ଶବଦର କବିତା ।"(କବି ବିଭୂତି ଭୂଷଣ) ଚିତ୍ର ଅର୍ଥ ଇମାଜ କବିତାର ସେ ଅଂଗ ପ୍ରତ୍ୟଂଗ । ରୋମାଂଟିକ ଯୁଗର ବହୁ ପୂର୍ବରୁ ଜନ୍ ଡନ୍, କାଉଲେ, ଉନ୍, ହାବାର୍ଟ ପ୍ରଭୃତି ମାଟାଫିଜିକାଲ କବି କାବ୍ୟ ଏହାର ବହୁଳ ପ୍ରଚଳନ କରିଛନ୍ତି । ଚିତ୍ରକଳ୍ପ ଦୁଇ ପ୍ରକାର- ଗୋଟିଏ ଦୃଷ୍ଟିଗତ ବା ଭିଜୁଆଲ୍ ଅନ୍ୟଟି ଦୂରାଗତ ରୂପ ଚେତନା ବା ଟେଲିସ୍କୋପ୍ । ମନ ଉପରେ ଆପେକ୍ଷିକ ଚାପ ଚିତ୍ରକଳ୍ପ ହୁଏ । ଡନ୍‌ଙ୍କ ପ୍ରିୟତମାକୁ ମଶା କାମୁଡିଲା ତେଣୁ ଡନ୍‌ଙ୍କ ବିବାହ ବେଦୀରେ ବାସର ଶଯ୍ୟାର ଚିତ୍ର ଫୁଟି ଉଠିଲା ସେ ମଶା ରକ୍ତରେ ଦୁଇଜଣଙ୍କ ଆତ୍ମିକ ମିଳନ ଘଟିଛି । ଏହା ଦୃଷ୍ଟିଗତ ଚିତ୍ରକଳ୍ପ ବା ଭିଜୁଆଲ ଇମେଜ । ଦୁଇଟି ସ୍ଥାନରେ ଏହି ଛବି ଆଂକି ଉଠିଛି ଅନ୍ୟ ପକ୍ଷରେ ଏହାଦ୍ୱାରା ଇନ୍ଦ୍ରିୟଗତ ମିଳନର ଆଭାସ ମିଳିଛି । ସଚ୍ଚିରାଉତରାୟଙ୍କ କବିତାରେ ଦୃଷ୍ଟି ପଥାରୂଢ ହୁଏ -ମୋତେ କର ପ୍ରଜାପତି ତୁମ ବଗିଚାରେ ହେ କୁସୁମାକର, ଦିଅ ମୋତେ କ୍ଷୁଧା ମାଇଲିଏ, ମହୁର ସୋରେଇ ଆଉ ପଂଚମ ସ୍ୱରର ନୀଳ ନୀଳ ଶବ୍‌ଦଟିଏ । ଦିଅ ମୋତେ ସୌରଭର ଗୋଟିଏ ପ୍ରଗଣା ହେ ସମ୍ରାଟ ! ଦିଅ ମୋତେ ଖଂଡେ ଖାଲି ଗ୍ରାମ । ଏଇ ଛୋଟ ନଈଟିର କୁଳୁ କୁଳୁ ଧ୍ୱନି ଶୁଣା ଯିବ ଯହିଁ ଅବିରାମ ।" ପ୍ରଜାପତି ଏକ ଚମତ୍କାର ରୂପାନ୍ତର । କ୍ଷୁଧା ମାଇଲିଏରେ କ୍ଷୁଧାର ଜଂଜାଳ ନାହିଁ । ପ୍ରଜାପତି ସ୍ଥିର ରହିଯିବ ମାଇଲିଏ କ୍ଷୁଧା ବିନା ଅର୍ଥ ପାଇବାର ଆଗ୍ରହ କ୍ଷୁଧା , ସେ ପ୍ରଜାପତି ଡେଣାପରି । ମାଇଲିଏ ଗତି ରୂପ କଳ୍ପ । ସୌଭାଗ୍ୟ ମିଶ୍ରଙ୍କ ବସନ୍ତ କବିତାରେ ଆରଂଭ ହୋଇଛି- କାନ ଦୁଲ ପରି ଝୁଲେ ଆକାଶର ଗୋରା ଦ୍ୱିପ୍ରହର ।" ଏହ ଟେଲିସ୍କୋପ୍ ଇମାଜ । ଅନ୍ୟ ପକ୍ଷରେ ଟ୍ରାନ୍ସଫର୍ଡ ଏପିଥେଟ୍‌ର ପ୍ରୟୋଗ । ବସନ୍ତ ଆସେ ଯେ ଠେଲି କୁକୁଡ଼ାର ଦିହେ, ଭାଂଗି ବହୁ ମହୁର ସୋରେଇ, ମାଟିରେ ଗଡାଇ ଅବା ଫୁଲ ବଣ ସଂଜେ ।"

ମାନସ ମନର ବିଶ୍ୱାସ ବସ୍ତୁ ମିଥ୍ । ଏହା ପ୍ରକାରାନ୍ତରେ ଶିଶୁର ଜାତୀୟ ଚିନ୍ତାକୁ ବୁଝାଏ । ବିଭିନ୍ନ ଚିତ୍ର ଓ ଚରିତ୍ର ଘଟଣାରେ ଏହାର ରୂପ ଲୁକ୍କାୟିତ । ସମକାଳୀନ ଜୀବନକୁ ମିଥ୍‌ୟ ମାଧ୍ୟମରେ ପ୍ରତିପାଦନ କରିବାକୁ ଗଲାବେଳେ ନିଜ ଅନୁଭୂତି,ଚିନ୍ତା ,କଳ୍ପନା ଓ ସ୍ମୃତିକୁ ମିଶାଇ ଏକ ପ୍ରତୀତାତ୍ମକ ଅଭିବ୍ୟକ୍ତି ପ୍ରଦାନ କରେ ।ଯାହାର ନାମ ମିଥ୍ । ଏହା ପୁରୁଣା କାହାଣୀ ନହେଲେବି ବିଶ୍ୱାସ ସ୍ଥାପନର ମୌଳିକ ଉପାଦାନ । ବାସ୍ତବତାର ରୂପ ଉଦ୍ଘାଟନରେ ମିଥ୍ ଶକ୍ତିଶାଳି ଭୂମିକା ନିଏ । ମିଥ୍ ବ୍ୟକ୍ତିଗତ ଅନୁଭୂତିର ଦୃଢ ଅଭିବ୍ୟକ୍ତି । ଏଲିୟଟ୍ , ଏଜରାପାଉଣ୍ଡ,ସେଫାରିସ୍ ପ୍ରଭୃତିଙ୍କ କବିତାରେ ମିଥ୍ ଦେଖିବାକୁ ମିଳେ । ଯେପରି-ପବନର ପାତିଆରେ ବାଳ ବାନ୍ଧେ ପୃଥିବୀର ଗତି/ ତାରାଫୁଲ ଖୋସି ତୁମର ବିବର୍ଣ୍ଣ ହାତ ମୋ ହାତକୁ ଚାପି ନିଏ ଆସି ।"(ଭାନୁଜୀ ରାଓ- ପ୍ରଶ୍ନ) ସେହିପରି -ତୁମର ପ୍ରଥମ ନିଃଶ୍ୱାସରେ ସହସ୍ର ବସନ୍ତର ସ୍ପର୍ଶ,ଅସଂଖ୍ୟ ପ୍ରଜାପତିର ଅରଣ୍ୟ , ଝରଣାରୁ ବେହେଲାରେ ଝଲକାଏ ସ୍ୱପ୍ନର ରାଗିଣୀ ; ମୁଁ ନିର୍ବାକ ।"ଜନୈକ ଆଧୁନିକ କବିଙ୍କ ମତରେ ଭାବଧାରାର ଜ୍ଞାପନ ପୂର୍ବବର୍ତ୍ତୀ କବିତାର ଧର୍ମ ପାଇଁ ଅମୋଘ ଅସ୍ତ୍ର ଥିଲା ।ମାତ୍ର ଆଧୁନିକ କବି ପ୍ରତୀକବାଦ୍ୀ ଓ ଇଂଟେନ୍ସିଭ ମାନିଫୋଲ୍ଡ ସଂଚାର କରି ପାଠକଙ୍କ ମନଛୁଆଁ କରିବ ପାଇଁ ସତତ ବ୍ୟଗ୍ର । ବାହ୍ୟବସ୍ତୁରୁ କାବ୍ୟବସ୍ତୁ ଆହରଣ କଲେ କାବ୍ୟଚିତ୍ର ବିକଶିତ ହୁଏ । କବିର ଅନୁଭୂତି ତାର କଲମ କାଳିକୁ ଜୀବନ୍ତ କରେ । ଆଧୁନିକ ଓଡିଆ କବିତାର ରଚନାରେ କର୍ମଶାଳା ସମାଲୋଚନା କ୍ରମଶଃ ହ୍ରାସ ପାଉଛି । ଯାହା ଫଳରେ କବିତାର ଧାରା ବଦଳୁଛି ଓ କବିତା ପଢିବା ପାଇଁ ଆଗ୍ରହ କମିଛି । ମା'ଓ ମାତୃଭାଷା ଈଶ୍ୱରଙ୍କ ଠାରୁ ମହାନ୍ । ଅତୀତରେ ବାଂଲାଦେଶରେ ମାତୃଭାଷାର ଉନ୍ନତି ପାଇଁ ପ୍ରାୟ ୩୦ ଲକ୍ଷ ନାରୀ ଆତ୍ମବଳି ଦେଇଛନ୍ତି । ଆମେ ଆମ ଭାଷା ସାହିତ୍ୟ ଉନ୍ନତି ପାଇଁ ଓଡିଆ କାବ୍ୟ କବିତା ମାଧ୍ୟମରେ ଲୋକ ମାନଙ୍କ ମନ ଛୁଆଁ କରିବା । ମନେ ରଖିବା ଉଚିତ୍ କବିତାର ସ୍ୱର ନିରବଚ୍ଛିନ୍ନ ଓ ଅବାରିତ ଏବଂ ସମାଜର ଦିଗବାରିଣୀ ।" ସ୍ମୃତି ହେବାକୁ ଚାହେଁନା ବରଂ ଶବ ହେବି କାହାର ବର୍ଷ ଭିତରେ ମୁଁ ବନ୍ଦୀ ନୁହେଁ ମୋତେ ରୋକିପାରିବନି ମାଟିହିଡ଼ ମୁଁ ଶୂନ୍ୟ ନୀଳ ଆକାଶ, ନୀଳ ପକ୍ଷୀ, ନୀଳଶବ୍ଦ, ନୀଳନୀରବତା ମୁଠା ମୁଠା ବୈଶାଖୀ ବାଲି ପରି ଏ ସଂସାରକୁ ଯିଏ ତତାଏ ଓ ଜଳାଏ ମୁଁ ସେହି ମାନଙ୍କୁ କବିତା ଶୁଣାଇବି ।" "ଲୁହର କାଳିରେ କବିତା ଲେଖିବ ଲବଂଗ ଲତାର କାହାଣୀ ସେତେବେଳେ ନଇ ପାହାଡ଼ି ଝରଣା ଶୋଇ ପଡେ ମନ ହରିଣୀ ଅଳକା ଆଖିରେ ଅଳପ କଥାରେ କବିତା ପଠାଏ ବାରତା ରୂପେଲି ଜହ୍ନର ରୂପସୀ ନାୟିକା ଶୂନ୍ୟ ଶବଦର କବିତା ।" (ସମାପ୍ତ)

♥ ଶଚିମଣି କୁଟୀର, କୋହ୍ଲ, ତିହିଡି, ଭଦ୍ରକ
ମୋ-୯୪୩୭୫୭୪୪୬୨

## ଆମ ସମୟର କବିତା.....



### ସୁରେନ୍ଦ୍ର ପାଣିଗ୍ରାହୀ

### ॥ ବାଟ ॥

ଏଇ ବାଟ ଦେଇ
ଯେଉଁମାନେ ପାହୁଣ୍ଡ ପକେଇ ଚାଲି ଯାଇଥିଲେ
ଗହୀର ସିଂଦୂରା
ଫାଟିବା ବେଳରୁ ଆଗକୁ ଆଗକୁ
ସେମାନେ ଫେରିଲେନିତ କାହିଁ ?

କେତେ ଯେ ଅନିଷା କଲି
ତକେଇ ତକେଇ ନିରାଶ ହେଲି
ମାଇ ସଂଜବେଳୁ ପୁଣି ନିଶାଗର୍ଜ୍ଜା
ନିବିଡ଼ ଅଂଧାର ପର୍ଯ୍ୟନ୍ତ
କାହିଁ ସଭିଏଁ କଣ
ବୁଢୀ ଅସୁରୁଣିର ବାଉଳିରେ
ବାଆଁରେଇ ଗଲେ ବିଷମ ବନସ୍ତରେ ...

ହେଇ, ବରଗଛରେ ବସିଚି
ରୁମା ରୁମା ପାଦ ଓହଳେଇ ବ୍ରହ୍ମରାକ୍ଷାସ
ଆଉ ଡବଡବି ଡାହାଣୀ ଓ ଛନଛନି ଚିରୁଗୁଣି
ସବୁ କିଳିକିଳା ରାବକରି
ଛକି ଗଲେଣି ଅଂଧାରୁଆ ଛକମାନଂକରେ ...

ଚାରିଆଡେ ତ
ରକ୍ତମୁଖା ରାତ୍ରିଚରମାନଂକର ମେଳ
ଏ ଚଟୁଳ ଚକ୍ରବ୍ୟୂହକୁ କାଟି
ବାଟହୁଡ଼ା ବାଟୋଇଟିଏ ବା
ଫେରିବ କେମିତି ....

ଦେଖୁନ, ଅଧ ରାତିର ସେଇ
ଝାପସା ଜହ୍ନ ଆଲୁଅ ଭିତରୁ
ଭୟରେ ଚିତ୍କାର କରି ଜୀବନ ବିକଳରେ
ଦଉଡ଼ି ଚାଲିଛଂତି
ବର୍ତ୍ତମାନର ବିଦୂର, ଅତୀତର ପିତାମହ
ଓ ଆଜିର ଅଭିମନ୍ୟୁମାନେ...

ଟେଁ ଟେଇଁଆ ପକ୍ଷୀଟେ ରାବିଚାଲିଚି
ପେଚାର ହୁଟ୍ ହୁଟ୍ ସହ ତାଳଦେଇ
ଦକ୍ଷିଣା ପବନରେ
ମଧୁମାଳତୀର ବାସ୍ନା ବି
ବିମୋହିତ କରିପାରୁନି ମୋତେ
ଦୂର ପାହାଡ଼ ଆଡ଼କୁ ନିଘାକରି ମୁଁ କେବଳ
ଟାକି ବସିଚି
ସେଇ ଅଫେରଂତି ବାଟୋଇମାନଂକ ପାଇଁ
ଯେଉଁମାନେ ହୁଏତ ଫସିଯାଇଛଂତି
ସଂତରଣ କରି ନପାରି
ଏକ ଭୟଂକର ରକ୍ତନଦୀରେ....

♥ବରି, ସିମୁଳିଆ, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪



### କବି ବିପ୍ଳବ

### ॥ ପାଟି ସିଁ ଦେ ॥

ଛବି ବହିରେ କେତେ ଡଉଲ ଡାଉଲ
କଟକ ନଗର ଧବଳ ଟଗର
ବାରବାଟୀ ଦୁର୍ଗ, କିଲ୍ଲା ପଡ଼ିଆ
ଆଉ ନଡ଼ିଆ ରସପରି କାଠଯୋଡ଼ି ଜଳ
ଭାବିନେ ସେ ସବୁ ସ୍ମୃତିମଖା ବେଳ
ପାଟି ସିଁ ଦେ
କହନି ଜାଇକା କଟକକୁ କାଳ ।

ଗୀତା ଛୁଇଁ ପରମ ନାସ୍ତିକ
ହଲପ କରିଦିଏ
ଯାହା କହିବ ସତ କହିବ
ଧରମକୁ ନାହିଁ ତାର ଡର
କାଳିସୀ ସାଜି ରଡ଼ ନିଆଁରେ
ଚାଲୁଥାଏ ଗଞ୍ଜଡ, ତସ୍କର
ଚୋର ପୁଣି ଚିଲ୍ଲୋଉଥାଏ
ଚୋର ଧର ଧର।

ଇତିଶ୍ରୀ, ବେବିନା, ମମିତା, ପରୀ
ଯେତେ ଲୁହ ଢାଳୁଛ ଢାଳ
କିଛି ଯା ଆସ ନାହିଁ
ସବୁ ଏଠି ନିଘୋଡ଼ ନିଦରେ
ବାଘୁଣୀ ଗାଲରେ ପତ୍ର ବାଜିଲେ
ହେଣ୍ଟାଳୁଥାଏ ବୁଢ଼ା ବାଘ
ହରିଣୀ ଶିକାର ବେଳେ
ଆଇନ୍ ତା ବାଟରେ ଚାଲୁଥାଏ ବାଟ
ଚଉକିର କ୍ରୀତଦାସ ସବୁ
ପାଟି ସିଁ ଦେ ଧନ
ଦେଖୁଥା ଚୁପ୍ ହୋଇ
କାଗଜ ବାଘର ନାଟ ।

♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



### ରାଜେଶ ପୂଜାରୀ

### ॥ ଆଉଥରେ ଫେରିବି ॥

ପର୍ଯ୍ୟାପ୍ତ ଯନ୍ତ୍ରଣା ଉପହାର ଦେଇ
ତୁମେ କାଢ଼ି ପାର ନପାର
ନିମ୍ବ ଫୁଲର ପିତାପଣ
ଉଠାଅ ନ ଉଠାଅ
ଚେଇଁ ଶୋଇଥିବା
ମାତାଲ୍ କିଆଫୁଲର ବାସ୍ନା
ମୁଁ ଋଣୀ ରହିଲି ତୁମ ପାଖରେ
ଭେଟେଇ ଦେଇଛ ବୋଲି
ମୋତେ ମୋ ସାଙ୍ଗରେ।

ତୁମେ ସବୁବେଳେ ମୋ ପାଇଁ
ସଜାଅ ମୃତ୍ୟୁର ପାଲିଙ୍କି
ମୁଁ ମରିବା ଆରମ୍ଭ କରୁଛି ଧୀରେ ଧୀରେ
ଆଖିର ପକ୍ଷରେଖା ଆସ୍ତେ ଆସ୍ତେ
ଛୁଇଁବାକୁ ଯାଉଛି ଶେଷ ପ୍ରାନ୍ତ
ଯେଉଁଠି ଦୁଇ ପ୍ରାନ୍ତ ନିବୁଜ ହେଇଗଲେ
ସମାଧି ନିଏ ମାଟି ଦେହ
ଠିକ୍ ସେଇ ଦୋଛକିରେ।

ତଥାପି ପ୍ରବୋଧି ପାରିବ କି
ତୁମର ନାଚାରପଣ
ବଦଳେଇ ପାରିବ ନିୟତି ନିଜର
ସମର୍ଥ ହେବ ଯଜ୍ଞବେଦୀରେ
ନିଆଁ ଲିଭେଇ ଦେଇ
ମୋ ସହ ମୁହାଁମୁହିଁ ହେବାର ?

ମୁଁ ବେପରୁଆ ଥିଲି ଅଛି ଥିବି
ଆଞ୍ଜୁଳାଏ ଶୂନ୍ୟତାକୁ
ହାତ ପାପୁଲିରେ ମୁଠା କରି
ନିଃସଙ୍ଗତାର ପରିସୀମା
ମାପୁଥିବା ପବନ ପରି,
ଭଗ୍ନ ଆୟୁଷର ସୂର୍ଯ୍ୟାସ୍ତ
ମହମର ଜଳି ଯାଇଥିବା ବତୀ
ନିଗିଡ଼ି ଆସିଥିବା ଅବଶିଷ୍ଟାଂଶରେ
ଭାସି ଯାଉଛି ସିନା ଏବେ
ଫେରିବି, ଆଉ ଥରେ ଫେରିବି
ଗୋଟେ ନୂଆଁସକାଳକୁ ସାଥୀ କରି।

♥ କୁଶମେଲ, କପିଳାପୁର
ମୋ-୮୧୪୪୭୭୯୦୬୧



### କମଳିନୀ ମଲ୍ଲିକ

### ॥ ମୋ ଗାଁ ଫଗୁଣ ॥

ଏଇ କିଛି ଦିନ ହେଲା ଦେଖୁଛି
ବିଚାରୀ କୋଇଲିଟିଏ
ଗହଳିଆ ଡାଳ ଖଣ୍ଡେ ପାଇଁ
ଖାଲି ଏପଟ ସେପଟ ଉଡୁଛି
ପୁଣି ବେଳେବେଳେ
ତା ମିଠା ମିଠା କୁହୁ ବଦଳରେ
କେମିତି ଏକ ଚିତ୍କାର କରୁଛି
ଏବେ ତାର ଗାଇବାର ବେଳ
ବୋଧହୁଏ ଏବେ ଏବେ
ମୋ ସହରକୁ ଫଗୁଣ ଆସିଛି ।

ଏଠି ତ ଗଛଟିଏ ବଉଳିବା ଆଗରୁ
କୁହୁଡିରେ ପୋଡି ଯାଉଥାଏ
ଏଠି ତ କଢ଼ୀଟିଏ ଫୁଟିବା ଆଗରୁ
କଂଟାରେ ଲହୁଲୁହାଣ ହେଉଥାଏ
ଧୂଳି ଧୂଆଁର ଆସ୍ତରଣ ତଳେ
ଦକ୍ଷିଣା ବି ଆଉଟୁପାଉଟୁ ହୁଏ
ପାଦତଳର ତରଳା ପିଚୁ ଓ
ମଥା ଉପର ଧୂସର ଆକାଶ ତଳେ
ଫଗୁଣର ରଙ୍ଗ ବି ଫିକା ପଡେ ।

ସହରର ରାସ୍ତାକଡରେ
ପାନ ଦୋକାନ କରି ଚଳୁଥିବା
ଆମ ଗାଁ ନରିଦାଦାଙ୍କ ହାତରେ
ବୋଉ ମୋର ଖବର ପଠେଇଛି
ଏ ସନ ଦୋଳକୁ ନିଶ୍ଚୟ ଆସିବୁ
ମାଳର ବାହାଘର ଠିକ୍ ହେଇ ଯାଇଛି
ମୋତେ ଟିକେ ଦେଖିବ ବୋଲି
କେତେ ଥର ଆମ ଘରକୁ ଆସି
କାଳେ ମୁହଁ ଫୁଲେଇ ଫେରୁଛି ।

ସେଦିନର ଛଳଛଳ କିଶୋରୀ ମାଳ
କେବେଠୁଁ ବାହାଯୋଗ୍ୟା ହେଲାଣି
ଯାହାର ନରମ ନହକା ଦେହରେ
ମୁଁ କେତେ ରଙ୍ଗର ଫଗୁ ବୋଳୁଥିଲି
ବଉଳ ପେନ୍ଥା ଛିଣ୍ଡେଇ ଆଣି
ତା ବେଣୀରେ ଖୋସୁଥିଲି
ଆମ୍ବତୋଟାର ଗହଳ ଛାଇ ତଳେ
ଖରାବେଳିଆ ଭୂତ ହେଇ ଡରାଉଥିଲି
ଗାଁ ମେଳଣର ଭିଡ ଭିତରେ
ତା ହାତ ଧରି ଆଗକୁ ବାଟ କଢଉଥିଲି
ନଈବାଲିରେ ପୋଡି ହେଇ ଯାଇଥିବା
ପଟେ ପାଉଁଜି ଖୋଜି
ପାଦରେ ପିନ୍ଧେଇ ଦେଲା ବେଳେ
ତା ଲାଜୁଆ ଚାହାଁଣୀର ଗଭୀରତାରେ
ମୁଁ କେଉଁ ଅଜଣା ଶିହରଣରେ
ହଜି ଯାଉଥିଲି
ଯାହା ପାଇଁ ଫଗୁଣର ଅସରା ଅନୁଭବକୁ
ଆଜିଯାଏ ଭୁଲି ପାରୁନଥିଲି ।

ତେବେ କଣ ଫଗୁଣ ଆସିଲେ
ମାଳ ଏବେ ବି ମୋତେ ଖୋଜୁଛି
ଥୁଂଟା ଡାଳର ଶୂନ୍ୟତାରେ
ଏଇ କୋଇଲି ପରି ସ୍ୱର ଭୁଲି ଝୁରୁଛି !
ଭାବିଛି ନିଶ୍ଚୟ ଗାଁକୁ ଯିବି
ଏବେ ବି ମୁଁ ତାକୁ କେତେ ଭଲପାଏ
ଅନ୍ତତଃ ଏତିକି ତାକୁ ଖୋଲି କହିଦେବି ।

♥ଭୁବନେଶ୍ୱର
ମୋ : ୯୮୫୩୫୨୩୮୮୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୬ ଫେବୃଆରୀ, ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୮୦)



■ ବିପିନ ମହାନ୍ତି

### ।। ସମୟ ନେଲାଣି ଧୋଇ ।।

ଏତେ ଡେରି କଲ ତୁମ ସାଥେ ଟିକେ
ଦେଖା ହେବ ବୋଲି ସହୀ
ରଖିଥିଲି ଯେତେ ସ୍ନେହ ଓ ମମତା
ସମୟ ନେଲାଣି ଧୋଇ ।

କେବେ ମୁଁ ନ ହସି ରଖିଥିଲି ଖୁସି
ଉଦାସ ରଖି ଏ ମନ,
କାଳେ ସରିଯିବ ଖୁସି ତୁମ ପାଇଁ
କାନ୍ଦିଛି ମୁଁ ରାତି ଦିନ,
ବିନିଦ୍ର ରଜନୀ ବିତାଇଛି ସଞ୍ଚି
ସ୍ୱପ୍ନ ସବୁ ତୁମ ପାଇଁ ।

ଗଢ଼ିଥିଲି ଏକ ସ୍ୱପ୍ନର ସହର
ପାଶେ ଏକ ଛୋଟ ଘର,
ରଖିଥିଲି ମାଗି ଜହ୍ନଠୁ ଜୋଛନା
ରାତିଠାରୁ ଅନ୍ଧକାର,
ବୁଣିଥାନ୍ତି ଖୁସି ସାରା ରାତି ମିଶି
ପ୍ରୀତିର ମଦିରା ପିଇ ।




♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ଦୃଷ୍ଟିକୋଣ – ୩

## କାହାଠୁଁ କ'ଣ ଶିଖିବୁ ଆମ ଜୀବନ ପାଇଁ

### କାଳୀପଦ ପଣ୍ଡା



ମଣିଷ, ଜୀବଜଗତ ଓ ପ୍ରକୃତି ଜଗତରୁ ନିଜ ଜୀବନ ଜିଇଁବା ପାଇଁ ଅନେକ କିଛି ଶିକ୍ଷା କରିବା ଉଚିତ । ଈଶ୍ୱରଙ୍କ ସୃଷ୍ଟ ସମସ୍ତ ପ୍ରାଣୀ ଓ ଉଦ୍ଭିଦଜଗତର ଯେଉଁ ଅବଦାନ ନିରନ୍ତର ଆମକୁ ମିଳିଥାଏ ତହିଁରୁ ଅନେକ ଶିକ୍ଷାଲାଭ କରିପାରିଲେ ତାହା ଆମକୁ ଏକ ସୁଶୃଙ୍ଖଳିତ ଓ ଆଦର୍ଶ ଜୀବନ ଜିଇଁବାକୁ ବାଟ ବତାଇ ଥାଏ ।

ବୃକ୍ଷଠାରୁ ଆମେ ଦାନ ଗୁଣକୁ ଗ୍ରହଣ କରିବା ଉଚିତ । ବୃକ୍ଷ ନିରନ୍ତର ତା'ର ଛାୟା, ଫଳ ଓ ଜାଳେଣି ଆମକୁ ଯୋଗାଇ ଦାନ ଭଳି ମହାନ ବ୍ରତ ସାଧନ କରିଚାଲିଛି ।

ସୂର୍ଯ୍ୟଦେବତା ନିର୍ବିକାର ଭାବରେ ତାଙ୍କର କିରଣ ଅହରହ ସର୍ବତ୍ର ବିତରଣ କରିଚାଲିଛନ୍ତି । ଯାହା ଆମକୁ ଶିଖାଏ ସମସ୍ତଙ୍କୁ ଭଲପାଇବାର ମହାମନ୍ତ୍ର ।

ନଦୀ ସମସ୍ତ ବାଧାବିଘ୍ନକୁ ଏଡ଼ାଇ ଆଗକୁ ପ୍ରବହମାନ ହେଉଥାଏ । ତା'ଠୁଁ ଆମେ ସକଳ ସମସ୍ୟାକୁ ପାରକରି ଆଗକୁ ବଢ଼ିବାର ଗୁଣ ଆହରଣ କରିବା ଉଚିତ ।

ପିମ୍ପୁଡ଼ି ଭଳି କ୍ଷୁଦ୍ର ଜୀବଟିଏ କିଭଳି ଦାନାଟିଏକୁ ବୁହାଇ ନେଇ ସଞ୍ଚୟ କରେ ଭବିଷ୍ୟତ ଜୀବନ ପାଇଁ ତାହା ଆମେ ଦେଖିଥାଉ, ଏଣୁ ତା'ଠୁଁ ସଂଗ୍ରହ ଗୁଣ ଶିଖିବା ଉଚିତ । ସେହିଭଳି କୁକୁର ଏକ ଜୀବ, ତା'ଠୁ ବିଶ୍ୱାସୀ ହେବାର ଗୁଣକୁ ଆମେ ଅନୁଭବ କରିଥାନ୍ତି । ମହୁମାଛିର ସଞ୍ଚୟ ବା ସଂଗ୍ରହ ଗୁଣ କାହାକୁ ଅଜଣା ନୁହେଁ । ଏଣୁ ମହୁମାଛିଠୁ ମଧ୍ୟ ସଞ୍ଚୟ ଗୁଣ ଶିଖିନେବା ଜରୁରି ।

ବଗଟିଏ ନିଜର ଏକାଗ୍ରତା ଗୁଣରେ କିଭଳି ଶିକାରରେ ସଫଳତା ପାଏ ତାହା ଆମେ ସମସ୍ତେ ଜାଣନ୍ତି । ଏଣୁ ବଗର ଗୁଣକୁ ନେଇ ଏକାଗ୍ରତା ଭିତ୍ତିରେ ଯେକୌଣସି ଅସାଧ୍ୟକୁ ସାଧ୍ୟ କରାଯାଇପାରେ । ଚାତକର ନିଷ୍ଠା-ଜ୍ଞାନ କାହାକୁ ଅଛପା ନୁହେଁ ।

ମା' ବସୁଧା ନିର୍ବିକାର ଚିତ୍ତରେ ତାଙ୍କ ସନ୍ତାନର ସକଳ ଅଝଟପଣକୁ ସହ୍ୟ କରି ଚାଲିଥା'ନ୍ତି । ବସୁଧା ହିଁ ଆମକୁ ସହ୍ୟଗୁଣ ଶିଖାନ୍ତି । ସାଗର ବା ସମୁଦ୍ର ଦିଗନ୍ତ ବିସ୍ତାରି ଅଗାଧ ଜଳରାଶିକୁ ଧାରଣ କରି ତା'ର ନୀଳବୀଚିମାଳାର ମନଲୋଭା ଦୃଶ୍ୟ ଭିତରେ ଥାଇ ସେ ଯେଉଁ ଉଦ୍ଦେଶ୍ୟରେ ବିଧାତାଙ୍କଠାରୁ ସୃଷ୍ଟ, ପରୋପକାର ଆଦେଶକୁ କେବେ ଉଲ୍ଲଙ୍ଘନ ନ କରି ନିଜର ସୀମା ସରହଦରେ ରହିଥାନ୍ତି । କାରଣ ଜୀବଜଗତର ପରୋପକାର ପାଇଁ ସେ ତାଙ୍କର ସୀମା ଟପି ନ ଥାଆନ୍ତି ।

ସେହିଭଳି ବାୟୁ(ପବନ) ଅହରହ ପ୍ରବହମାନ ହେଉଥାନ୍ତି ଏହି ମାନବଜଗତକୁ ଜିଇଁ ରଖିବା ପାଇଁ । ସେ ତ ସୃଷ୍ଟ ପରମପିତାଙ୍କ ନିର୍ଦ୍ଦେଶରେ ଏହି ପରୋପକାର ଗୁଣକୁ ପାଳନ କରିବା ପାଇଁ ।

ଶାସ୍ତ୍ର ଅଧ୍ୟୟନରୁ ଆମକୁ ଜ୍ଞାନ ଆହରଣ ହୋଇଥାଏ ଜୀବନ କିପରି ଗଢ଼ିବାକୁ ପଡ଼ିବ । ଗୁରୁଙ୍କର କରୁଣାଲାଭରେ ଆମର ଅଜ୍ଞତା ଦୂରୀଭୂତ ହୁଏ । ଏଣୁ ବାସ୍ତବରେ କୁହାଯାଇଛି, ଦୂବରୁ ଦାରୁଯାଏଁ, କୀଟପତଙ୍ଗଠୁଁ ନଇ, ସମୁଦ୍ର ଯାଏଁ ସବୁ ପ୍ରାଣୀଜଗତ ଓ ଉଦ୍ଭିଦଜଗତ ମଧ୍ୟରୁ ଆମକୁ ଜ୍ଞାନ ଆହରଣ କରି ଜୀଇଁବାର ଅସଲ ଜ୍ଞାନ ଆହରଣ କରିନେବାକୁ ପଡ଼ିବ ।

ଜଗତ ହେଉଛି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ । ଆମ ପାଠ୍ୟପୁସ୍ତକ ମଧ୍ୟରୁ ଆହରିତ ଜ୍ଞାନ ପରେ ଏହି ଜଗତରେ ବିଦ୍ୟମାନ ଜଡ଼ ଓ ଚଳମାନ ବସ୍ତୁ ଭିତରୁ ଅନେକ କିଛି ଜ୍ଞାନଲାଭ କରିବାକୁ ପଡ଼ିଥାଏ । ଏଥିପାଇଁ ଅନ୍ତର୍ଚକ୍ଷୁ ଫିଟିଗଲେ ବ୍ୟକ୍ତିସତ୍ତାର ଉତ୍ତରଣ ଘଟେ । ଜଗତର ପ୍ରତିଟି ସୃଷ୍ଟି ଭିତରେ ଏକ ଦିବ୍ୟ ଗୁଣଚେତନାର ବାର୍ତ୍ତା ନିହିତ । ସେସବୁକୁ କେବଳ ଆମର ଦୂରଦୃଷ୍ଟିସଂପନ୍ନ ଭାବନା ଭିତରେ ଦର୍ଶନ କରିପାରିଲେ ବାହ୍ୟଜ୍ଞାନ ଦୂର ହୋଇ ଅନ୍ତର୍ଜଗତରେ ଆଲୋଡ଼ନ ସୃଷ୍ଟି ହୋଇଥାଏ । ବ୍ୟକ୍ତିସତ୍ତାର ଉତ୍ତରଣରେ ଜଗତ ହୁଏ ଆନନ୍ଦମୁଖର । ଏହି ବ୍ୟକ୍ତିସତ୍ତା ତା'ର ମନକୁ ନିୟନ୍ତ୍ରଣ କରି ଇନ୍ଦ୍ରିୟସୁଖ ସାଧନର ଅଳୀକ ଜିଜ୍ଞାସାରୁ ଯଥାସମ୍ଭବ ନିଜକୁ ନିବୃତ୍ତ କରାଇପାରିଲେ ହିଁ ସେ ଏକ ଦିବ୍ୟତ୍ୱ ସଂଧାନୀ ହୋଇ ସୁଶୃଙ୍ଖଳିତ ଆଦର୍ଶ ଜୀବନଯାତ୍ରାର ଯାତ୍ରୀ ହୋଇ ଭୌତିକ ସୁଖସାଧନର ଦୌଡ଼ ଭିତରୁ ଅନେକ ପରିମାଣରେ ନିବୃତ୍ତ କରିବାରେ ସଫଳ ହେବ, ଯାହା ଜୀବନ-ମୃତ୍ୟୁର ଅସଲ ରହସ୍ୟ ସନ୍ଧାନୀ ହେବାକୁ ପ୍ରଚୋଦିତ କରାଏ । ଜୀବନ ଯେ ପାଣିଫୋଟକା ସମ କ୍ଷଣସ୍ଥାୟୀ ଏହି ଚିରନ୍ତନ ସତ୍ୟର ଉପଲବ୍ଧି ଯେତେଶୀଘ୍ର ଆସିଯିବ ସେ ସେତେଶୀଘ୍ର ଈଶ୍ୱରଙ୍କ ପ୍ରତି ସମର୍ପିତ ହୋଇ ଜଗତର ପ୍ରତିଟି ଚଳ, ଅଚଳ ସତ୍ତା ଭିତରୁ ଅକଳନ ଜ୍ଞାନକୁ ସଂଧାନ କରି ନିଜ ଜୀବନପଥକୁ ପରିମାର୍ଜିତ କରିନେଇ ପାରିବ ।

+ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ).:୯୪୩୭୦୮୯୨୪୧

ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ବିରଚିତ ଅଷ୍ଟାଦଶ ପୁରାଣ ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ବିରଚିତ ଯୋଗ ଶାସ୍ତ୍ର, ଆୟୁର୍ବେଦ, ବେଦବେଦାନ୍ତ, ତର୍କଶାସ୍ତ୍ର, ଉପନିଷଦ, ଦର୍ଶନ ଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ତର୍କ ଶାସ୍ତ୍ର, ଧର୍ମ ଶାସ୍ତ୍ର, ନାଟକ, ସଙ୍ଗୀତ ଓ ବହୁବିଧ କଳା ପ୍ରଭୃତି ଭାଷା ସାହିତ୍ୟର ଅପରିହାର୍ଯ୍ୟ ଅଙ୍ଗ । ନିରାନନ୍ଦ ପ୍ରାଣରେ ଆନନ୍ଦ ଭରି ଦେବା ପାଇଁ ଯେପରି କଳା ଓ ସଙ୍ଗୀତ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ ସେହିପରି ନୀତିଭ୍ରଷ୍ଟ ଜନ ସମାଜକୁ ନୀତିନିଷ୍ଠ କରାଇବା ପାଇଁ ପୁରାଣ ଓ ଧର୍ମଶାସ୍ତ୍ର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି । ତତ୍ ସଙ୍ଗେ ସଙ୍ଗେ ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷରେ ଧର୍ମ ନିରପେକ୍ଷତାର ବାର୍ତ୍ତା ପ୍ରଚାର କରିଥାଆନ୍ତି । ଅପରପକ୍ଷରେ ବସ୍ତୁବାଦୀ ଜଗତରେ ସର୍ବଜନ ପ୍ରାଣରେ ଧର୍ମ ଓ ସଂସ୍କାରଧର୍ମୀ ଭାବମୟ ଚେତନା ହିଁ ସାହିତ୍ୟ ଜାଗ୍ରତ କରାଇଥାଏ । ଜ୍ୟୋତିଷଶାସ୍ତ୍ର ଯେପରି ଭବିଷ୍ୟତର ପନ୍ଥା ନିର୍ଦ୍ଧାରଣ ପାଇଁ ପଥ ପ୍ରଦର୍ଶନ କରିଥାଏ ସେହିପରି ଦର୍ଶନଶାସ୍ତ୍ର ମାନବୀୟ ଚିନ୍ତା ଓ ଚେତନାକୁ ଉଦ୍‌ବୁଦ୍ଧ କରାଇବା ପାଇଁ ସହାୟକ ହୋଇଥାଏ ।

ସାହିତ୍ୟ ହିଁ ସମାଜର ଦର୍ପଣ । ଏହି ନ୍ୟାୟରେ ଯୁଗଯୁଗର ସମାଜର ପ୍ରତିଛବି ହିଁ ସାହିତ୍ୟରେ ପ୍ରତିଫଳିତ ହୋଇଥାଏ ।

ଅଜୟ କୁମାର ପାତ୍ର
ସମ୍ପାଦକ ପୂରବୀ
ଡାଳିଯୋଡ଼ା ବ୍ରହ୍ମପୁର, ଚାରବାଟିଆ, କଟକ-୭୫୪୦୨୮
ମୋ: ୯୪୩୭୦୬୩୮୨୧

## ଅଲୌକିକ ଅନୁଭବ

# ମୋର ଶିରିଡ଼ିଯାତ୍ରା

### ଡ. ଉଦ୍ଧବ ଚରଣ ନାୟକ

ସବୁ ବାବାଙ୍କ ଦୟା । ଟ୍ରେନ୍ ଆସିଲା । ଟ୍ରେନ୍‌ରେ ବସିଲି । ପୁଣି ତଳ ବର୍ଥଟିଏ ପାଇଲି । ସହଯାତ୍ରୀ ଯେଉଁମାନେ ଥିଲେ ଭଲ ଲୋକ । ସେମାନେ ହାଇଦ୍ରାବାଦରେ ଓହ୍ଲାଇ ପଡ଼ିଲେ । ଆରାମରେ ଭୁବନେଶ୍ୱରରେ ଆସି ପହଞ୍ଚିଲି । ସାଇନାଥ ଯାହାର ସହାୟ ତା'ର ପୁଣି ଭୟ କ'ଣ ?



(ପୂର୍ବ ପ୍ରକାଶିତ ଉତ୍ତାରୁ) ସକାଳ ହେଲା । ସେଠାକାର ନିର୍ଦ୍ଦେଶକଙ୍କୁ ଦେଖାକଲି । ମୋର ସେଠାରେ ଦଶଦିନ ରହିବାର ସ୍ଥିର ହୋଇଥାଏ । ମୁଁ ଭଲରେ ପହଞ୍ଚିଲି ବୋଲି ଆମ ନିର୍ଦ୍ଦେଶକଙ୍କୁ ଫୋନ୍ ଦ୍ୱାରା ଜଣାଇ ଦେଲି । ସେଠି ଅନୁବାଦ କାର୍ଯ୍ୟରେ ଲାଗିପଡ଼ିଲି । ସେଠାରେ ଥିଲେ ଜଣେ ବ୍ୟକ୍ତି । ତାଙ୍କ ନାମ ଡ଼ଃ. ବାଳକୃଷ୍ଣ ଓ୍ୱକିଲ । ସେ ସେହି ସାଧନ କେନ୍ଦ୍ରରେ କାମ କରନ୍ତି । ତାଙ୍କର ମୋର ଲକ୍ଷ୍ନୌରେ ଏକାଠି ଟ୍ରେନିଂ ନେଉଥିଲୁ । ବନ୍ଧୁତା ଖୁବ୍ ଜୋରରେ ବଢ଼ିଯାଇଥିଲା । ସେଇଟା ୧୯୯୦ ମସିହାର କଥା । ତା'ପରେ ଅନେକ ଥର ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ଜାଗାରେ ଦେଖାହୋଇଛି । ବନ୍ଧୁତ୍ୱ ସେହିପରି ଅତୁଟ । ଆମେ ଯେମିତି ଦୁଇ ଜଣ ଯାକ ସହପାଠୀ । ସେ ଗସ୍ତରେ ଥିଲେ । ମୁଁ ଆସିଛି ଶୁଣି ମୋତେ ଅତିଥି ଭବନରେ ଆସି ଦେଖାକଲେ । ତାଙ୍କର ନିଜ ଘର ପୁଣେ ପାଖରେ । ପୁଣେଠାରୁ ମାତ୍ର ୨୫ କି.ମି. ଦୂର । ତାଙ୍କର ଶ୍ରୀମତୀ ଜଣେ ଶିକ୍ଷୟିତ୍ରୀ । ସେ ମଧ୍ୟ ତାଙ୍କ ସହିତ ଆସିଥିଲେ । ସେ ତାଙ୍କ ସହିତ ମୋତେ ଚିହ୍ନା କରାଇ ଦେଲେ । ଆମେ ତିନିଜଣ ଯାକ ସନ୍ଧ୍ୟାରେ ପୁଣେ ସହରରେ ଥିବା ବିଭିନ୍ନ ମନ୍ଦିର ବୁଲିବା ପାଇଁ ଗଲୁ । ସେଠାରେ ଡ଼ଃ ଓ୍ୱକିଲ୍‌ଙ୍କ ଶ୍ରୀମତୀ ମୋତେ କହିଲେ- ଆପଣ ଆମ ଗାଁକୁ ଯିବେ ଆସନ୍ତା କାଲି (ବୁଧବାର ଦିନ) ସନ୍ଧ୍ୟାରେ ।

ଗୁରୁବାର ଦିନ ଫେରି ଆସି ସକାଳୁ ସକାଳୁ ଅଫିସ୍‌ରେ ଯୋଗଦେବେ । ମୁଁ ତାଙ୍କ କଥାରେ ରାଜି ହେଲି ।

ତା'ପରଦିନ (ବୁଧବାର) ବସି ଅନୁବାଦ କାମ କରୁଛି ଡ଼ଃ ଓ୍ୱକିଲ ଆସି ପହଞ୍ଚିଲେ । କହିଲେ ବନ୍ଧୁ ! ଚାଲନ୍ତୁ, ବାହାରନ୍ତୁ, ଆମ ଗାଁକୁ ଯିବା । ବସ୍‌ରେ ଯିବା । ଭାରି ଭଲ ଲାଗିବ । ପ୍ରାକୃତିକ ଦୃଶ୍ୟ ଉପଭୋଗ କରି କରି ଯିବା । କାଗଜପତ୍ର ରଖିଦେଇ ତାଙ୍କ ସହ ବ୍ୟାଗ୍ ଖଣ୍ଡିଏ ଧରି ବାହାରିଲି । ବସ୍‌ରେ ବସିଲୁ । ତାଙ୍କ ଗାଁରେ ଏକ ଘଣ୍ଟା ଭିତରେ ପହଞ୍ଚିଲୁ । ସମୟ ସନ୍ଧ୍ୟା ଛ'ଟା । ଗାଁର ନାମ ଖେଡ଼ା ଶିବପୁର । ତାଙ୍କର ଶ୍ରୀମତୀ ଓ ତିନିଝିଅ ଆମକୁ ଅପେକ୍ଷା କରିଥାଆନ୍ତି । ଭବ୍ୟ ସ୍ୱାଗତ ଜଣାଇଲେ । କେତେ ସ୍ନେହ, କେତେ ଆଦର, କେତେ ଭକ୍ତି ସେମାନଙ୍କର । ମରାଠୀମାନେ ବନ୍ଧୁ ଚର୍ଚ୍ଚା କରିବାରେ ସିଦ୍ଧହସ୍ତ । ଶ୍ରୀମତୀ ଓ୍ୱକିଲ ସଂଗେ ସଂଗେ ଆମକୁ ଜଳଖିଆ ଖାଇବାକୁ ଦେଇ କହିଲେ- ନାୟକ ସାହେବଙ୍କୁ ଆମ ଗାଁର ପୀର ଓ ଶିବ ମନ୍ଦିର ବୁଲେଇ କରି ଆଣି ଆସ । ଆମେ ଗଲୁ, ତାଙ୍କ ଗାଁ ଖେଡ଼ା ଶିବପୁରର ପୀରଙ୍କ ପୀଠ ବୁଲି ଦେଖିଲୁ । ତା'ପରେ ଗଲୁ ଶିବ ମନ୍ଦିରକୁ । ଶିବମନ୍ଦିରର ଉପରିଭାଗ ଦେଖିବାକୁ ମସ୍‌ଜିଦ୍ ପରି । ମୁଁ କହିଲି- ଏ ମନ୍ଦିର କ'ଣ ଏପରି ତିଆରି ହୋଇଛି । ବନ୍ଧୁ ଓ୍ୱକିଲ ସାହେବ କହିଲେ- 'ମୁସଲମାନମାନେ ହିନ୍ଦୁ ମନ୍ଦିର ଆକ୍ରମଣ କରି ଭାଙ୍ଗି ପକାଉଥିଲେ । ତେଣୁ ମନ୍ଦିରଗୁଡ଼ିକୁ ମସ୍‌ଜିଦ୍ ଷ୍ଟାଇଲ୍‌ରେ ତିଆରି କରାଯାଇଛି ।" ମୁଁ ବୁଝିଗଲି ।

ତାଙ୍କ ଘରକୁ ଆସିଲୁ । ତାଙ୍କ ପରିବାର ଓ ମୋ ପରିବାରର ସାଦୃଶ୍ୟ ରହିଛି । ତାଙ୍କ ଶ୍ରୀମତୀ ଶିକ୍ଷୟିତ୍ରୀ । ମୋର ବି । ତାଙ୍କର ପୁଅ ନାହିଁ- ତିନୋଟି ଝିଅ । ମୋର ବି ପୁଅ ନାହିଁ- ପାଞ୍ଚୋଟି ଝିଅ । କେତେ ଆଳାପ ଆଲୋଚନା ହେଲା । ଘର କଥା । ରାଜ୍ୟ କଥା ଆଲୋଚନା ହେଲା । ଖାଇଲୁ ପିଇଲୁ । ଓ୍ୱକିଲ ଦମ୍ପତି ପଚାରିଲେ- ଆପଣ ତ ଆସନ୍ତା ମଙ୍ଗଳବାର ଦିନ ଚାଲିଯିବେ । ଆଉ କ'ଣ ପ୍ରୋଗ୍ରାମ କରିଛନ୍ତି ? ମୁଁ କହିଲି- ପ୍ରକୃତରେ ମୋର ଶିରିଡ଼ି ଯିବାକୁ ଭାରି ଇଚ୍ଛା । କେମିତି ଯିବି ? ରବିବାର ଦିନ ଗଲେ ଭଲ ହୁଅନ୍ତା । ଓ୍ୱକିଲ୍ ସାହେବ କହିଲେ- ମୋ ଶଳାଙ୍କର ଗୋଟିଏ ଟ୍ରାନ୍ସପୋର୍ଟ କମ୍ପାନୀ ସହ ବହୁତ ଭଲ ସମ୍ପର୍କ । ସେହି କମ୍ପାନୀର ବସ୍ ପ୍ରତ୍ୟହ ଶିରିଡ଼ି ଯିବା ଆସିବା କରେ । ଏଠାରୁ ସକାଳ ଛ'ରେ ଯାଏ । ସେଠାରୁ ସନ୍ଧ୍ୟା ସାଢ଼େ ଚାରିଟାରେ ଫେରେ । ଆସନ୍ତାକାଲି ଆପଣଙ୍କ ପାଇଁ ରବିବାର ଦିନ ସକାଶେ ଟିକେଟ୍ ବୁକ୍ କରିଦେବି । ମୋତେ ବହୁତ ଖୁସି ଲାଗିଲା ।

ଓ୍ୱକିଲ ସାହେବ ରବିବାର ଦିନ ସକାଳୁ ଅତିଥି ଭବନରେ ଆସି ପହଞ୍ଚିଲେ । ତାଙ୍କ ସ୍କୁଟରରେ ବସାଇ ବସ୍‌ଷ୍ଟାଣ୍ଡକୁ ନେଇଗଲେ । ବସ୍ ଛାଡୁ ଛାଡୁ ୭ଟା ହୋଇଗଲା । ସେ କଣ୍ଡକ୍ଟରକୁ କହିଦେଲେ- ଏ ଭଦ୍ରଲୋକ ଶିରିଡ଼ି ମନ୍ଦିର ବୁଲାବୁଲି କରି ତୁମ ବସ୍ ପାଖକୁ ଠିକ୍ ସମୟରେ ଆସି ପହଞ୍ଚିବେ । ଯଦି ଆସିବାରେ କିଛି ବିଳମ୍ବ ହୁଏ ତେବେ ଟିକିଏ ଅପେକ୍ଷା କରିବ । ତାଙ୍କୁ ଧରିକରି ଆସିବ ।

ବାଟରେ ଅହମ୍ମଦନଗର ପଡ଼ିଲା । ସେଦିନ ଅହମଦ୍‌ନଗରର ପୌରପାଳିକା ନିର୍ବାଚନ ହେଉଥାଏ । ଶିରିଡ଼ିରେ ପହଞ୍ଚିଲାବେଳକୁ ଦିନ ୧୦.୩୦ । ମନ୍ଦିର ବେଢ଼ା ଭିତରେ ପଶିଲି । ମୋତେ ଲାଗୁଥାଏ ଯେମିତି ଏଠାକୁ ମୁଁ ଆଗରୁ ଆସିଥିଲି । ପୂଜା ଉପକରଣ ଧରି ଲାଇନ୍‌ରେ ଠିଆ ହେଲି । ସେଦିନ ରବିବାର ବହୁତ ଭିଡ଼ । ମୁମ୍ବାଇରୁ ଅନେକ ଲୋକ ଆସିଥାଆନ୍ତି । ମୋ ଆଗରେ ଓ ପଛରେ ଠିଆ ହୋଇଥିବା ଲୋକଙ୍କୁ ପଚାରି ବୁଝୁଥାଏ କିଏ କେଉଁଠୁ ଆସିଛନ୍ତି ବୋଲି । ଅର୍ଗଳି ଭିତରେ ପଶିଲୁ । ହଠାତ୍ ଧାଡ଼ି କାହିଁକି ଜାମ୍ ହୋଇଗଲା । ଆଉ ଚାଲିଲା ନାହିଁ । ଆମେ ଅଧାରେ ଥାଉ । ସାଢ଼େ ଏଗାରଟା ହୋଇଗଲାଣି । କିଏ କହିଲା ଆଉ ଛାଡ଼ିବେ ନାହିଁ । ହେଲେ ଠିକ୍ ବାରଟା ବେଳେ ତ ଆଳତି ଆରମ୍ଭ ହେବ । କ'ଣ କରିବୁ ? ସମସ୍ତେ ବାବାଙ୍କର ଜୟଗାନ କରୁଥାଉ । ଉଚ୍ଚ ସ୍ୱରରେ ଧ୍ୱନି ଉଠୁଥାଏ । ସଚ୍ଚିଦାନନ୍ଦ ସଦ୍‌ଗୁରୁ ସାଇନାଥ ମହାରାଜ କୀ ଜୟ । କ'ଣ ହେଲା କେଜାଣି ? ଲାଇନ୍ ପୁଣି ଦ୍ରୁତଗତିରେ ଚାଲିଲା । ବାରଟା ବାଜିବାକୁ ପାଞ୍ଚମିନିଟ୍ ଥାଏ ଆମେ ଭିତରେ ପହଞ୍ଚିଗଲୁ । ଆଳତି ଆରମ୍ଭ ହେଲା । ଆଳତି ଦେଖିଲି । ମନ ଖୁସି ହୋଇଗଲା ।

ଲୋକଙ୍କୁ ବାବାଙ୍କ ସମାଧି ପାଖରେ ଦର୍ଶନ କରାଇ ବିଦା କରି ଦେଉଥାଆନ୍ତି । ମୁଁ ବାବାଙ୍କ ସମାଧିରେ ମୁଣ୍ଡକୁ ମନଇଚ୍ଛା ପିଟି କରି ଆନନ୍ଦ ପାଇଲି । ମୋର ଆଶା ସଫଳ ହୋଇଛି । ଆନନ୍ଦାଶ୍ରୁ ବୋହି ପଡୁଥାଏ । ଭିତରେ ତଦାରଖ କରୁଥିବା ଲୋକଟି ମୋତେ ବିଦା କରିଦେଲା ବେଳକୁ ମୁଁ ପୁଣି ସେଇ କଡ଼ରେ ରହିଯାଇ ମଝିରେ ମଝିରେ ସମାଧିରେ ମୁଣ୍ଡିଆ ମାରୁଥାଏ । ଏମିତିରେ ମୁଁ ମନ୍ଦିର ଭିତରେ ପ୍ରାୟ ଘଣ୍ଟାଏ ଖଣ୍ଡେ ରହିଗଲି । ଆଳତି ସାଢ଼େ ବାରଟାରେ ଶେଷ ହେଲା । ହଲ୍ ଭିତରେ ବସିଲି । ଲୋକାରଣ୍ୟ ଧୀରେ ଧୀରେ କମି ଆସିଲା । ବାବାଙ୍କୁ ମନ ପୂରେଇ ଦର୍ଶନ କଲି । ତା'ପରେ ଆସିଲି ବାହାରକୁ । ଉଦି ସଂଗ୍ରହ କଲି । ଲଡୁ ବଣ୍ଟା ହେଉଥିଲା । ସେଠାରୁ ଲଡୁ ଆଣିକରି ଖାଇଲି । ଯେତକ ଦର୍ଶନୀୟ ସ୍ଥାନ ତା' ଭିତରେ ଥିଲା, ସବୁ ଏକା ଏକା ବୁଲିକରି ଦେଖିଲି । ଗୋଟିଏ ହୋଟେଲ୍‌ରେ ଯାଇ ଖାଇଲି । ହୋଟେଲ୍‌ଟି ମନ୍ଦିର ପଛପାଖକୁ ଲାଗିକରି ଥାଏ । ଫଟୋ କିଣିଲି । ପୁଣି ମନ୍ଦିର ବେଢ଼ାରେ ପ୍ରବେଶ କରି ଶିରିଡ଼ି ସଂସ୍ଥାନ ଅଫିସ୍‌ରୁ ବହି କିଣିଲି । ଚାରି ଆଡ଼ ବୁଲିଲି । ମନ ହେଉ ନଥାଏ ସେଠାରୁ ଆସିବା ପାଇଁ । ପ୍ରାୟ ଚାରିଟା ବେଳେ ମନ୍ଦିର ପରିସରରୁ ବାହାରିଲି । ବାହାରେ ଥିବା ଦୋକାନରୁ ବାବାଙ୍କ ଭଜନ ଓ ଆଳତି କ୍ୟାସେଟ୍ ସହ ଅନ୍ୟ କେତେକ ଜିନିଷ କିଣିଲି । ସେତେବେଳକୁ ସାଢ଼େ ଚାରିଟା ହୋଇ ଯାଇଥାଏ । ବସ୍ ପାଖରେ ପହଞ୍ଚିଲି । ଲୋକମାନେ ବସି ସାରିଲେଣି । ମୋ ସିଟ୍ ଖାଲି ଅଛି । କଣ୍ଡକ୍ଟର ମୋତେ ଅପେକ୍ଷା କରି ଥାଆନ୍ତି ।

ପ୍ରାୟ ସନ୍ଧ୍ୟା ସାତଟାରେ ବସ୍‌ବାଲା ମୋତେ ଆଇ.ଆଇ.ଇ. ସାମନା ଜେ.ପି. ନାୟକ ରୋଡ଼ରେ ଓହ୍ଲାଇ ଦେଲେ । ମୁଁ ଆସି ବିଶ୍ରାମ ନେଲି । ଅତିଥିଶାଳାର କେୟାରଟେକର ଆସି ରାତିରେ କ'ଣ ଖାଇବି ବୋଲି ପଚାରିଲେ । ଯାହା ଖାଇବା କଥା ତାଙ୍କୁ କହିଲି । ଖାଇପିଇ ଶୋଇଲି । ରାତ୍ରି ପ୍ରାୟ ଦୁଇଟା, ସାଢ଼େ ଦି'ଟା ବେଳକୁ ମୁଁ ସ୍ୱପ୍ନରେ ଦେଖିଲି- ଜଣେ ଦିବ୍ୟପୁରୁଷ ମୋ ଆଗରେ ଠିଆ ହୋଇଛନ୍ତି । ମୋତେ କହୁଛନ୍ତି- ଆରେ ବାପ ! ତୁମର ପରା ଶିରିଡ଼ି ଆସିବାର ଥିଲା । ଆଉ ତୁମେ ଯା' ତା' ହାତରେ ପଇସା କାହିଁକି ପଠଉଥିଲ ? ତୁମର ଆଶା ପୂରଣ ହେଲା କି ନାହିଁ ? ତୁମେ ସବୁବେଳେ ବାବାଙ୍କୁ ଧ୍ୟାନ ରଖିଥିବ, ସେ ତୁମ ପାଖରେ ସବୁବେଳେ ଅଛନ୍ତି । ତୁମର ହାନିଲାଭ, ମଳମନ୍ଦ କଥା ବୁଝୁଛନ୍ତି । ଏତିକି କହି ସେହି ଦିବ୍ୟମୂର୍ତ୍ତି କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ମୋ ନିଦ ଭାଙ୍ଗିଗଲା । ମୁଁ ଉଠି ବସିଲି । ଶିରିଡ଼ିରୁ ଆଣିଥିବା ବାବାଙ୍କ ଫଟୋକୁ ବାହାର କରି ମୁଣ୍ଡିଆ ମାରିଲି । ଆଉ ନିଦ ହେଲାନି । ବସିକରି ବାବାଙ୍କର ନାମ ସ୍ମରଣ କଲି । ସକାଳ ହେଲା । ନିତ୍ୟକର୍ମ ସାରି ନିଜ କାମରେ ଲାଗିଲି ।

ଫେରିବା ଟିକେଟ କନଫର୍ମ ହୋଇଛି କି ନାହିଁ ଦେଖିବା ପାଇଁ ଜଣେ ଲୋକ ଗଲେ । ସେ ଆସି କହିଲେ- ଯେଉଁ ପୋଜିସନ୍ ସେଇ ଓ୍ୱେଟିଙ୍ଗ୍-୧ରେ ଅଛି । ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ନିର୍ଦ୍ଦେଶକ ଗୋଟିଏ ଚିଠି ଲେଖିଲେ ରେଲୱେ କର୍ତ୍ତୃପକ୍ଷଙ୍କୁ ସରକାରୀ କୋଟାରୁ ବର୍ଥ ରିଲିଜ୍ କରିବା ପାଇଁ । ସେଥିରେ ମଧ୍ୟ ଫଳ କିଛି ହେଲାନି । ଶେଷରେ ବାବାଙ୍କ ଦୟାକୁ ନିର୍ଭର କରି ରହିଲି । ସେ ଦିନ ଅର୍ଥାତ୍ ସୋମବାର ଦିନ ଜଣେ ଅଧିକାରୀ ମୋତେ ପୁଣେ ବିଶ୍ୱବିଦ୍ୟାଳୟ ନେଇ ବୁଲାଇ କରି ଆଣିଲେ । ତା'ପରେ ରାତିରେ ତାଙ୍କ ଘରେ ଖାଇବା ପାଇଁ ନିମନ୍ତ୍ରଣ କଲେ । ତାଙ୍କର ନାମ ମଧୁ । ତାଙ୍କ ସହଧର୍ମିଣୀଙ୍କର ନାମ କମଳା ଦେବୀ । ସେ ଜଣେ ଆର୍କିଟେକ୍ଟ ଭାବରେ କାମ କରନ୍ତି । ମଧୁବାବୁ ପୁଣେର ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରରେ ସଂଯୋଜକ ।

ସେ ଦିନ ସନ୍ଧ୍ୟାରେ ମଧୁବାବୁ ତାଙ୍କ କାର୍‌ରେ ତାଙ୍କ ସହଧର୍ମିଣୀ କମଳାଦେବୀଙ୍କ ସହ ମୋତେ ପୁଣେ ମାର୍କେଟ୍ ପଠାଇ ଦେଲେ କେତେଟା ସ୍ଥାନୀୟ ଡ଼ିଜାଇନ୍‌ର ଶାଢ଼ୀ ମୋତେ କିଣେଇ ଦେବା ପାଇଁ । ମୁଁ ତାଙ୍କୁ ଏକଥା ଆଗରୁ କହିଥିଲି । ନିଜେ ମଧୁବାବୁ ଘରେ ରୋଷେଇ କରିବାରେ ଲାଗିଲେ । ଆମେ ପ୍ରାୟ ନ'ଟା ସମୟରେ ମାର୍କେଟ କରି ଫେରିଲୁ । ମଧୁବାବୁଙ୍କ ଘରେ ଖାଇଲୁ । ସେ ଅତିଥିଶାଳାରେ ମୋତେ ଆଣି ଛାଡ଼ିଦେଲେ । ମରାଠୀ ଲୋକଙ୍କର ଅତିଥିଚର୍ଚ୍ଚା କେବେ ଭୁଲିବାର ନୁହେଁ ।

ପରଦିନ ସକାଳେ ଉଠି ସେହି ଅନୁବାଦ କାମ ଦେଖିଲି । ତାହା ଶେଷ ହୋଇପାରିଲା ନାହିଁ । ଭୁବନେଶ୍ୱର ନେଇ ଆସିବା ପାଇଁ ଠିକ୍ କଲି । ସେମାନେ ବି ରାଜି ହୋଇଗଲେ ।

ବାରଟା ବେଳକୁ ପୁଣେ ରେଳୱେ ଷ୍ଟେସନ୍‌କୁ ଆସିଲି । ଟ୍ରେନ୍ ଦୁଇଘଣ୍ଟା ବିଳମ୍ବ । ଟିକେଟ୍ କଥା ବୁଝିଲି । ସେଇ ସ୍ଥିତିରେ ମୋ ଟିକେଟ୍ ଥାଏ । ମୋତେ ଯିଏ ଛାଡ଼ିବାକୁ ଆସିଥିଲେ ସେ ମୋ ପାଇଁ ବ୍ୟସ୍ତ ହେଇ ଥାଆନ୍ତି । ଟିକେଟ୍ ଧରି ବୁଲୁଥାଆନ୍ତି । ମୁଁ ତାଙ୍କୁ କହିଲି- ଆପଣ ଯାଆନ୍ତୁ ଭାରି- ମୁଁ ତ ଯେମିତି ହେଲେ ଯିବି । ସେ କହିଲେ- ଟ୍ରେନ୍‌ରେ ଆପଣ ନବସିଲା ଯାଏଁ ମୁଁ ଯିବି ନାହିଁ । ସେଠାରେ ଜଣେ ଟି.ଟି.ଇ. କହିଲେ- ଆପଣ ଆଉ ଘଣ୍ଟାକ ପରେ ଆସି ମୋତେ ଦେଖାକରନ୍ତୁ । ଟ୍ରେନ୍ ତ ଆସିବା ପାଇଁ ଆହୁରି ଦୁଇଘଣ୍ଟାରୁ ଅଧିକ ସମୟ ଅଛି । ମୁଁ ବାବାଙ୍କୁ ପ୍ରାର୍ଥନା କରୁଥାଏ । ମୋତେ ଜଣାପଡୁଥାଏ ମୋ ଟିକେଟ୍ କନଫର୍ମ ନିଶ୍ଚୟ ହୋଇଯିବ ।

ତା'ପରେ ବାହାରକୁ ଆସି ପୁରୁଣା ବହିଦୋକାନରୁ 'ପାରେବଲ୍ ଅଫ୍ ରାମକୃଷ୍ଣ' ବୋଲି ଖଣ୍ଡିଏ ବହି ପାଇଲି । ସଂଗେ ସଂଗେ କିଣି ପକାଇଲି । ଭାବିଲି ବାଟରେ ପଢ଼ି ପଢ଼ି ଯିବା ପାଇଁ ଖୋରାକ୍ ମିଳିଗଲା । ତା'ପରେ ଫେରିଲି ଷ୍ଟେସନ୍ ଭିତରକୁ । ସେଇ ଟି.ଟି.ଇ.ଙ୍କୁ ଦେଖାକଲି । ସେ କହିଲେ ମୁମ୍ବାଇରୁ ଜଣେ ଟିକେଟ୍ କାଟି ଥିଲେ ହାଇଦ୍ରାବାଦ୍ ଯିବା ପାଇଁ, ସେ ଏହି ପୁଣେରୁ ଟ୍ରେନ୍ ଧରି ଥାଆନ୍ତେ ହେଲେ କୌଣସି କାରଣବଶତଃ ସେ ଯିବେ ନାହିଁ । ଏବେ ଟିକେଟ କ୍ୟାନ୍‌ସେଲ କରିବା ପାଇଁ ଆସିଥିଲେ । ମୋ ଠାରୁ ବୁଝିକରି ଗଲେଣି । ଏଣୁ ଆପଣ ନିଶ୍ଚୟ ବର୍ଥ ପାଇବେ । ଆପଣ ଟ୍ରେନ୍ ଆସିଲେ ବଗିରେ ଚଢ଼ିଯିବେ । କୌଣସି ଅସୁବିଧା ହେବନାହିଁ ।

ଭାବିଲି, ଏସବୁ ବାବାଙ୍କ ଦୟା । ଟ୍ରେନ୍ ଆସିଲା । ଟ୍ରେନ୍‌ରେ ବସିଲି । ପୁଣି ତଳ ବର୍ଥଟିଏ ପାଇଲି । ସହଯାତ୍ରୀ ଯେଉଁମାନେ ଥିଲେ ଭଲ ଲୋକ । ସେମାନେ ହାଇଦ୍ରାବାଦରେ ଓହ୍ଲାଇ ପଡ଼ିଲେ । ଆରାମରେ ଭୁବନେଶ୍ୱରରେ ଆସି ପହଞ୍ଚିଲି । ସାଇନାଥ ଯାହାର ସହାୟ ତା'ର ପୁଣି ଭୟ କ'ଣ ? (ସମାପ୍ତ)

ସାଇ ଦିଗ୍‌ବଳୟ,
ଇ-୬୫, ୟୁନିଟ୍-୮,
ଭୁବନେଶ୍ୱର-୧୨

## ଲୁହା କଡେଇ

### ନଗେନ୍ଦ୍ର ନାଥ ପଟ୍ଟନାୟକ

ଛୋଟ ଗପ



ଶିବାଙ୍ଗ ନିଜର ପୁରୁଣା ପୈତୃକ ଘରକୁ ଭାଙ୍ଗିରୁଜି ଆଧୁନିକ ଶୈଳୀରେ ଭବ୍ୟ ଅଟ୍ଟାଳିକାଟିଏ ତୋଳାଇଲେ । ପୁରୁଣା ଘରେ ବର୍ଷ ବର୍ଷ ଧରି ସାଇତା ହୋଇ ରହିଥିବା ପୁରୁଣା ଆସବାବପତ୍ର ଓ ଆଳିମାଳିକା ଗୁଡ଼ିକୁ ରଦ୍ଦି ଜିନିଷ ବିକାଳୀ ହାତକୁ ଟେକିଦେଲେ । ପ୍ରକୃତରେ ଶିବାଙ୍ଗ ଅନୁଭବ କରୁଥିଲେ ଘରେ ଏମିତି କେତେ ଜିନିଷପତ୍ର ଅଛି ଯେଉଁଗୁଡ଼ିକର ବ୍ୟବହାର ବର୍ଷ ବର୍ଷ ଧରି ହେଉନି । ଏଣୁ ସେ ସବୁକୁ ଘରୁ ଅପସାରଣ କରି କବାଡ଼ିବାଲାକୁ ଦେବା ଉଚିତ । କିନ୍ତୁ ତାଙ୍କ ବାପା ଶିବାଙ୍ଗର ନିଷ୍ପତିରେ ଖୁବ୍ ଅସୁଖୀ ଥିଲେ, କାହିଁକିନା ତାଙ୍କର ଦୃଢ ବିଶ୍ୱାସ ଘରେ ସାଇତା ହୋଇଥିବା ପ୍ରତିଟି ଚିଜ କେବେ ନା କେବେ କାମରେ ଲାଗିବ । ସେମିତି ସେ ଅତ୍ୟନ୍ତ ସ୍ନେହ ଆଦରର ସହ ତଥା ଯତ୍ନରେ ସେ ଚିଜ ସବୁକୁ ଏକାଠି ସଂଗ୍ରହ କରିଥିଲେ । ଘରର ପ୍ରତିଟି ଚିଜ ସହ ତାଙ୍କର ଆସକ୍ତି, ଆତ୍ମୀୟତା ଏତେ ଗଭୀର ଥିଲା ଯେ ସେ ଜିନିଷ କେବେ ନେଲେ, କିପରି ନେଲେ ଓ କାଇଁକି ନେଲେ ଆଦି ବାବଦରେ ବଢେଇ ପାରୁଥିଲେ ବିସ୍ତାରିତ ଭାବେ । ପରନ୍ତୁ ଶିବାଙ୍ଗ ପୁରୁଣା ଘରେ ଜମା ହୋଇଥିବା କୌଣସି ଆଜୁରୁବାଜୁରୁ ଓ ରଦ୍ଦି ଜିନିଷକୁ ନୂତନ ଭାବେ ନିର୍ମିତ ଅଟ୍ଟାଳିକାରେ ସ୍ଥାନ ଦେବାକୁ ଅନିଚ୍ଛୁକ ଥିଲେ ।

ସେ ବିରାଟ ଲୁହା କଡେଇକୁ କବାଡିବାଲାକୁ ଦେବାକୁ ଗଲାବେଳେ ଖୁବ୍ ଭାବବିହ୍ୱଳ ହୋଇପଡିଲେ ବାପା । ପ୍ରାୟତଃ ପ୍ରାର୍ଥନା ମୁଦ୍ରାରେ ସେ ଲୁହା କଡେଇଟିକୁ କବାଡିବାଲା ହାତକୁ ନ ଟେକିବାକୁ ବିନୀତ ଅନୁରୋଧ କରିବାକୁ ଲାଗିଲେ । ଶିବାଙ୍ଗ ମନେ ମନେ ଖୁବ୍ ଖେଦ ପ୍ରକାଶ କଲେ ବାପାଙ୍କ ଲୁହା କଡେଇ ପ୍ରତି ପ୍ରେମଭାବ ଦେଖି । ହେଲେ ଅନିଚ୍ଛା ସତ୍ତ୍ୱେ ବି ସେ ତାଙ୍କ ଆଗ୍ରହକୁ କୁଠାରଘାତ କରିପାରିଲେ ନାହିଁ ।

କିଛିଦିନ ନୂତନ ଭାବେ ନିର୍ମିତ ଅଟ୍ଟାଳିକା ଶିବାଙ୍ଗକୁ ଆକୃଷ୍ଟ କରିଥିଲା ସତ କିନ୍ତୁ ପାର୍ଥିବ ଦୁନିଆର ଧାଁ-ଦଉଡ ଭିତରେ ସାମିଲ ହୋଇ ମାନସମ୍ମାନ ଓ ମର୍ଯ୍ୟାଦା ପଛରେ ଏମିତି ଧାଇଁଲା ଯେ ନା ସିଏ ନୂତନ ଅଟ୍ଟାଳିକାକୁ ମନେ ପକାଇଲା ନା ତାର କୌଣସି ଖବରଅନ୍ତର ବାପାଙ୍କୁ ଜଣାଇ ପାରିଲା । କିଛିଦିନ ପରେ ପୁଣି ଦିନେ ଫୁରସତ୍ ପାଇ ସେ ଅଟ୍ଟାଳିକାର ସାଜସଜ୍ଜା ଓ ଏବର ସ୍ଥିତି ଉପରେ ଦୃଷ୍ଟିପାତ କଲା । ଏତିକିବେଳେ ତାର ମନେ ପଡିଗଲା ସେ ବିରାଟ ଲୁହା କଡେଇ କଥା । ଅନିସନ୍ଧିତ୍ସୁ ହୋଇ ଦେଖେତ ତା ବାପା ସେଟାକୁ



ବ୍ୟବହାର କରୁଛନ୍ତି । ସେ ଜାଣିବାକୁ ପାଇଲା ବାପା ଲୁହା କଡେଇଟିକୁ ଅଟ୍ଟାଳିକାର ମୁଖ୍ୟ ଫାଟକ କଡରେ ଥୋଇଛନ୍ତି । ସଦାବେଳେ ସେ କଡେଇଟିରେ ପାଣି ଭର୍ତ୍ତି ହୋଇ ରହିଥାଏ । ତହିଁରେ ପାଣି ଭରିବା କାମ ଖୋଦ୍ ତୁଲାଇଥାନ୍ତି ବାପା । ତା ଉପରେ ସେ ପୁଣି ଆଖି ପହଁରାଇ ଆଣିଲା । ଦେଖିଲା ସଡକରେ ଯା'ଆସ କରୁଥିବା ଗାଈଗୋରୁ, ବଳଦ, ମଇଁଷୀ ଇତ୍ୟାଦି ଜନ୍ତୁ ସେଠିକି ଆସନ୍ତି ଏବଂ କଡେଇରୁ ଢୋକେ ଢୋକେ ପାଣି ପିଇନ୍ତି । ଶେଷରେ ଶୋଷ ମେଂଟାଇ ପରିତୃପ୍ତ ହୋଇ ଯେଝା ଯେଝା ବାଟରେ ଚାଲି ଯାଆନ୍ତି । ଭୀଷଣ ନିଦାଘରେ କିଚିରିମିଚିର ରାବୁଥିବା ପକ୍ଷୀକୁଳ ପାଇଁ ପାଣିଭରା ଲୁହା କଡେଇଟି ମନପସନ୍ଦର ଆଶ୍ରୟସ୍ଥଳ ପାଲଟିଗଲା । ବେଳେବେଳେ ସେମାନେ ଡେଇଁଡେଇଁ ଆସି ସେ ବଗିଚାର ସଜପୁଟା ଫୁଲଗୁଡ଼ିକ ଉପରେ ବସିପଡନ୍ତି । ପୁଣି କେବେ କେବେ ପାଣିଭର୍ତ୍ତି କଡେଇରେ ବୁଡ ମାରନ୍ତି । କେବେ କୁନିକୁନି ଚଂଚୁକୁ ପାଣିରେ ପୂରାଇ ଶୋଷ ମାରନ୍ତି ତ ପୁଣି କେବେ ଆନନ୍ଦରେ ବିଭୋର ହୋଇ କିଚିରିମିଚିରି ସୁରରେ ମିଠା ଗୀତ ଗାଆନ୍ତି । ଅଗଣାରେ ପଡିଥିବା ଆରାମ ଚଉକି ଉପରେ ବସିପଡି ସେ ସବୁ ପଶୁପକ୍ଷୀଙ୍କୁ ନିର୍ନିମେଷ ନୟନରେ ନିରୀକ୍ଷଣ କରି ଆତ୍ମବିଭୋର ହୋଇଉଠନ୍ତି ବାପା ।

ଏସବୁ ଦେଖି ଶିବାଙ୍କ ମନରେ ଭାବାନ୍ତର ସୃଷ୍ଟିହେଲା । ସଙ୍ଗେ ସଙ୍ଗେ ସେ ତା' ନିଷ୍ପତ୍ତିକୁ ବଦଳାଇ ଦେଲା । ଅଟ୍ଟାଳିକାର ପାଚେରି ସହିତ ଯୋଉ ବିରାଟ ପାଣିଟାଙ୍କିଟି ଯୋଡା ହୋଇଥିଲା ସେଥିରେ ଥିବା ପେୟଜଳ ଶୀତଳ ରହିପାରୁଥିଲା । ସେଥିରେ ଏକ ନଳାମୁହଁ ଲଗାଇଥିଲା, ଯାହାକି ତା'ଘର ପରିସର ବାହାରେ ଖୋଲା ଥିଲା । ପଶୁପକ୍ଷୀଙ୍କ ସହିତ କେତେ ଜଣାଅଜଣା ବାଟୋଇ ତାଙ୍କ ଘର ବାଟଦେଇ ଯାଉଥିବା ବେଳେ ସେହି ପାଣିରେ ନିଜ ତୃଷା ମେଂଟାଇବାକୁ ଲାଗିଲେ । ଆଖି ପିଛୁଡାକେ ତାର ଇଟା-ପଥର ତିଆରି ଅଟ୍ଟାଳିକାଟି ଚଳଚଂଚଳ ହୋଇଉଠିଲା ।

♥ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ
, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ପାଇଛୁ...ପଢ଼ିଛୁ...



**ପ୍ରତିବେଶୀ**
ସଂପାଦକ : ପୀତାମ୍ବର ବାରିକ
ଉତ୍କଳ ଶିକ୍ଷା ସଂସଦ, ୩୮ ଜେ/୨୨, ମହାରାଜା ଠାକୁର ରୋଡ,ଧାକୁରିଆ, କଲକାତା-୩୧
(ମୋ) ୯୪୩୩୧୪୬୪୧୭

"ଏବେ ଯେମିତି ଦିଶୁଛି ଚାରିଆଡ଼େ ପ୍ରଳୟର ପାଦଚିହ୍ନ। ଧ୍ୱଂସାଭିମୁଖୀ ମାନବ ସଭ୍ୟତା ବଂଚି ରହିବାର ସ୍ୱପ୍ନ ଦେଖିବ କେମିତି ? ସବୁ ସଂଘାତ ଓ ଘନଘଟା ଭିତରେ ମଣିଷ ବଂଚି ରହିବାକୁ ଚାହେଁ। ଏଇ ବଂଚି ରହିବା ଯେମିତି ତା'ର ସହଜାତ ପ୍ରବୃତ୍ତି। ସେ ସ୍ୱପ୍ନ ଦେଖିବ, ଏକ ନୂଆ ସୂର୍ଯ୍ୟୋଦୟର। ଅଂଧାରର ପକ୍ଷ ରଖେନାହିଁ ସାହିତ୍ୟ। ମୃତ୍ୟୁକୁ ଅସ୍ୱୀକାର କରେ ସୃଜନଶିଳ୍ପୀ। କ୍ଲାନ୍ତ ଗୋଧୂଳି ପରେ ଅଂଧାର ତାର କାମ୍ୟ ନୁହେଁ ବରଂ ସେ ଚାହେଁ ସକାଳର ଶାନ୍ତ ଶୀତଳ କିରଣ, ଯେଉଁଠୁ ଆରମ୍ଭ ହେବ ଜୀବନର ମହାକାବ୍ୟ।

ଯୁଦ୍ଧ ହିଁ ଅଂଧାର।
ଅସହିଷ୍ଣୁତା ହିଁ ଅଂଧାର
ବିଭେଦ ହିଁ ଅଂଧାର।

ଆମକୁ ମିଳିଥିବା ସ୍ୱାଧୀନତା ଅଂଧାରର ନୁହେଁ ବରଂ ଆଲୋକର ଅମୃତ ମହୋତ୍ସବ ହିଁ ଆମ ସ୍ୱାଧୀନତା।"

ଏଇପରି ଏକ ଚିନ୍ତାଦ୍ୟୋତକ ଓ ମନନଶୀଳ ବକ୍ତବ୍ୟ ରଖିଛନ୍ତି ପ୍ରତିବେଶୀର ସୁଯୋଗ୍ୟ ସଂପାଦକ ପୀତାମ୍ବର ବାରିକ।

ଉତ୍କଳ ଶିକ୍ଷା ସଂସଦ, କଲକତା ଦ୍ୱାରା ପ୍ରକାଶିତ ପୀତାମ୍ବର ବାରିକଙ୍କ ସମ୍ପାଦିତ ୨୮୪ ପୃଷ୍ଠା ବିଶିଷ୍ଟ ପ୍ରତିବେଶୀର ପୂଜା ସଂଖ୍ୟା ବେଶ୍ ସୁଦୃଶ୍ୟ ଓ ସୁଶୋଭିତ। ସୃଜନ ସମ୍ପାଦକ ଅତୁଲ ବଳଙ୍କ 'ବରଂ ମା'ଙ୍କ ଓଠରେ ରହୁ/ପ୍ରେମର ବଂଶୀ/ତାଙ୍କ ଉଜ୍ଜ୍ୱଳ ଦେହ ଦେଉଳରୁ/ ଶୁଭୁଥାଉ ଇଥରବ୍ୟାପୀ ଶଙ୍ଖଧ୍ୱନି/କାଳୀ କୃଷ୍ଣଙ୍କ ବାଂଶୁରିରେ ପୁଲକିତ ହେଉଥାଉ ଗୋପଦାଣ୍ଡ/ ଆମେ ବଂଚୁଥିବା ବିବ୍ରତ ଭୂଖଣ୍ଡ/ ଆଉ ଚେନାଏ ଭୂଖଣ୍ଡ।' ବକ୍ତବ୍ୟ ବେଶ୍ ଭାବ ଉଦ୍ଦୀପକ।

ଚଳିତ ସଂଖ୍ୟାରେ ଡ. ଶ୍ରୀନିବାସ ଉଦ୍‌ଗୀତା, ଅସିତ ମହାନ୍ତି, ଡ. ଆଲୋକ ବରାଳ, ରବୀନ୍ଦ୍ର ପ୍ରସାଦ ପଣ୍ଡା, ପ୍ରଫେସର ଉଦୟନାଥ ସାହୁ, ଗୁରୁକଲ୍ୟାଣ ମହାପାତ୍ର, ଡ. ଶତ୍ରୁଘ୍ନ ପାଣ୍ଡବ, ପ୍ରକାଶ କୁମାର ପରିଡ଼ା, ଡ. ଦିଲୀପ କୁମାର ସ୍ୱାଇଁ, ଭାଗ୍ୟଲିପି ମଲ୍ଲ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ନିଖିଳାନନ୍ଦ ପାଣିଗ୍ରାହୀ, ଡ. ମୃଣାଳ ଚାଟାର୍ଜୀ, ଓଁଅଭିଜ୍ଞାନ ସାହୁ ପ୍ରମୁଖ ଉପାଦେୟ ପ୍ରବନ୍ଧ ଲେଖିଥିବା ବେଳେ ଗଳ୍ପରେ ସର୍ବଶ୍ରୀ ରାମଚନ୍ଦ୍ର ବେହେରା, ନାରୁ ମହାନ୍ତି, ଦାଶ ବେନହୁର, ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ନୃସିଂହ ତ୍ରିପାଠୀ, ଅଧ୍ୟାପକ ବିଶ୍ୱରଂଜନ, ବିଷ୍ଣୁ ସାହୁ, ପରେଶ କୁମାର ପଟ୍ଟନାୟକ, କୃପାସାଗର ସାହୁ, ରବି ପଣ୍ଡା, କାଳୀଚରଣ ଦାସ, ରବି ସ୍ୱାଇଁ, ରାଜବର୍ଦ୍ଧନ ଧଳ ମହାପାତ୍ର, ଅନୀଲ କୁମାର ପାଢ଼ୀ, କବିତା ବାରିକ, କାଶୀନାଥ ନନ୍ଦୀ, ପ୍ରଦୀପ ନାୟକ, ବିରଜା ରାଉତରାୟ, ଶ୍ରୀପ୍ରସାଦ ମହାନ୍ତି, ନିବାରଣ ଜେନା, ସୁନନ୍ଦା ପ୍ରଧାନ, ବିନୋଦ, ଡା. ଅନୀତା ପଣ୍ଡା ଓ ଶୈବାଳିନୀ ସାହୁ ତାଙ୍କର ସ୍ୱଶୈଳୀର କାହାଣୀ ଉପସ୍ଥାପନା କରିଛନ୍ତି, ଯାହା ବେଶ୍ ସୁଖପାଠ୍ୟ ।

କବିତାରେ ଜୟନ୍ତ ମହାପାତ୍ରଙ୍କଠାରୁ ଆରମ୍ଭ କରି ପ୍ରଣୟସୁଧା ଓ ସନାତନ ମହାକୁଡ଼ଙ୍କ ପର୍ଯ୍ୟନ୍ତ ବହୁ ପ୍ରବୀଣ ଓ ନବୀନ କବିଙ୍କର ପ୍ରାୟ ୬୭ଟି କବିତା ଏଥିରେ ସ୍ଥାନିତ ହୋଇଛି। ଚିତ୍ତରଂଜନ ନାୟକଙ୍କ 'ରତ୍ନର ନାଁ ତାରୁଣ୍ୟ' ଏହାର ଅନ୍ୟ ଏକ ଆକର୍ଷଣ। କ୍ଷୀରୋଦ ପରିଡ଼ାଙ୍କ ପୁସ୍ତକ ସମୀକ୍ଷା ବେଶ୍ ମାର୍ମିକ ଓ ଅମିତାଭ ଖିଲାରଙ୍କର ହିମାଂଶୁ ଖଟୁଆଙ୍କ ସିନେଯାତ୍ରାର ଉପସ୍ଥାପନା ବେଶ୍ ସାବଲୀଳ।

ମୋଟାମୋଟି ପତ୍ରିକାଟି ବେଶ୍ ଲୋଭନୀୟ ଓ ସଂଗ୍ରହଣୀୟ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

## ଆ ଲୋ ଚ ନା..

# ଜୀବନ କ'ଣ ?

■ ଡକ୍ଟର ମନୋରଞ୍ଜନ ବିଷୋୟୀ



'ପୁନରପି ଜନମମ୍ ପୁନରପି ମରଣମ୍ / ପୁନରପି ଜନନୀ ଜଠରେ ଶୟନମ୍'- ଏହା ହେଉଛି ଭାରତୀୟ ଚେତନାର ମୂଳକଥା। ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ। ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ। ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ- 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା'। କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ। ପ୍ରଶ୍ନବାଚୀରୁ ଆରମ୍ଭ ହୁଏ - 'ହଇରେ ଫୁଲଗଛ ତୁ କାହିଁକି ମଲୁ ?'ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ। ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ। ନଚିକେତା ଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇ ଆସିଛି। ଏହି ଅନୁତ୍ତରିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି। ପ୍ରକୃତରେ ଭାରତୀୟ ଜୀବନ ଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ। ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି। ଶୁଣ୍ଢରେ ପହଞ୍ଚିଲେ - ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ। ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ। ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତ ବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରି ନାହିଁ। ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ। ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ି ତୋଳିଛି। ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇନାହିଁ। ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ ଆବିଷ୍କାର ନିମନ୍ତେ ବହୁ ଉତ୍‌ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି। ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି।

ପ୍ରକୃତ ପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ। ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ। ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ। ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ। ତେଣୁ କଠୋପନିଷଦ କହେ-

"ଅତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ
ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ।"

ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେ କରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେ କର।

ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ। ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ। ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ୍ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ) : ୮୮୯୫୧୪୧୭୨୭

## ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୪୪

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କେତେ ଯେ ହର୍ଷ କେତେ ଆହ୍ଲାଦ
କେତେ ଦାରୁଣ ବ୍ୟଥା
(ତା) ମାଟି ଅଗଣା ସାଇତି ରଖେ
ବିରହ ବିଧୂ ଗାଥା । ୪୫୬ ।

ନିରୂତା ତାର ପୂଣ୍ୟ ଜଳରେ
ମାଟି ଆକାଶ ରାସ
ଡେଣାକୁ ଝାଡ଼େ ଶୈଶବ ସ୍ୱପ୍ନ
ଶିଶୁ କଅଁଳ ଶ୍ୱାସ । ୪୫୭ ।

ପ୍ରତିନିୟତ ଚାଲଇ ଏଠି
ହୃଦୟ ଦିଆ ନିଆ
ପ୍ରତିଟି ଛାତି କାଗଜେ ଲେଖା
ମୋ' ଗାଆଁ ପ୍ରିୟା ନାଆଁ । ୪୫୮ ।

ତା' ଆୟୁଷର ନଥିପତ୍ରରେ
ଆମରି ଆଭା ଉଭା
ବାଟବଣା ବି ହୁଏ ସାଗର
ଦେଖି ତା' ରୂପ ଶୋଭା । ୪୫୯ ।

କାଗଜ ସରେ କାଳି ବି ସରେ
ସରେନା ତା'ର କଥା
ଏଇଠୁ କରେ କୋଟି ପ୍ରଣାମ
ନୁଆଁଇ ମୋର ମଥା । ୪୬୦ ।

### ଗାଆଁର ସନେଟ୍

### କେବେ ବି ମରେନା ଯାହା...

ନିଃଶବ୍ଦ ରାତିରେ ସ୍ପଷ୍ଟ ଶୁଣୁଛି ମୁଁ ତୁମରି ଦୀର୍ଘଶ୍ୱାସ
ନଈର ଆଣ୍ଠୁଏ ପାଣିରେ ଠିଆ ମୋ ପିଲାଦିନର ବିଶ୍ୱାସ
ଡେଙ୍ଗା ଗଛ ଡାଳୁ ଏବେ ବି ଝୁଲିଛି ଲଟକା ଗୁଡ଼ି କଙ୍କାଳ
ଆଉ କି ମିଳିବ ସେଇ ଦ୍ୱିପହର ଆମ୍ବଚୋରି ଖରାବେଳ ?

ଭୁଆସୁଣୀ ପାଦ ରୁଣୁଝୁଣୁ ଚାଲି ଉଚ୍ଛୁଳା ଯମୁନା ନଈ
ଆଉ କି ମିଳିବ ପାହାନ୍ତି ତାରାର ସୁରିଲା ଅଳସ ହାଇ
ସାଧ କାହାର ପୋଛିଦେବ ସେଇ ଅଦୃଶ୍ୟ ନିବିଡ଼ତା
ଯେତେ ବର୍ଣ୍ଣିଲେ ବି ଅଧୁରା ରହୁଛି ନିଗିଡ଼ା ସ୍ମୃତିର କଥା ।

ନିରବ ସେ ତୀର୍ଥ ପୂଣ୍ୟ ଜଳରେ ମାଟି ଆକାଶର ସ୍ନାନ
ପବିତ୍ର ସେ ଧୂଳି ଧୂପର ବାସ୍ନାରେ ଶତ ଇନ୍ଦ୍ରପୁରୀ ମ୍ଳାନ
ନହକା ତା' ଚାଲି ନମ୍ର ଠାଣିରେ ସୋରିଷ ଫୁଲର ହସ
ତା' ପଦ୍ମ ପୋଖରୀ ଅଖଣ୍ଡ ଜଳରେ ଜୀବନର ମଧୁମାସ ।

ମରିଯାଇପାରେ ତା' ଫୁଲେଇ ନଈ,
କେବେ ବି ମରେନା ଯାହା
କବତାରେ ଯିଏ ଫୁଲ ହୋଇ ଫୁଟେ,
ସେଇ ମୋର ପ୍ରିୟା ଗାଆଁ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା

୪୮



ଦୀପକ ରଂଜନ ମିଶ୍ର

# ॥ ବଟୁକେଶ୍ୱର ଦତ୍ତ-୪॥

ଏସେମ୍ବ୍ଲି ବୋମା ବିସ୍ଫୋରଣର ଦୁଇ ଅଭିଯୁକ୍ତଙ୍କୁ ସେସନ୍ କୋର୍ଟ ଦେଇଥିବା ଆଜୀବନ କାରାବାସ ଦଣ୍ଡ ହାଇକୋର୍ଟ ଦ୍ୱାରା ମଧ୍ୟ କାୟମ ରହେ । ଲାହୋର ଷଡ଼ଯନ୍ତ୍ର କେସ୍ ତଥା ସାଣ୍ଡର୍ସ ହତ୍ୟାକାଣ୍ଡରେ ବଟୁକେଶ୍ୱର ଦତ୍ତଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇ ନପାରିବାରୁ ତାଙ୍କୁ ସେଇ କେସ ଅନ୍ତର୍ଭୁକ୍ତ କରିବା ସମ୍ଭବ ହୋଇ ପାରେନାହିଁ । ଭଗତ୍ ସିଂହ କିନ୍ତୁ ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରମାଣିତ ହୋଇଯିବାରୁ ତାଙ୍କୁ ଦୁଇ ସହଯୋଗୀ ସୁଖଦେବ ଓ ରାଜଗୁରୁଙ୍କ ସହିତ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଏ । ବଟୁକେଶ୍ୱରଙ୍କୁ ଭାରତର ବିଭିନ୍ନ ଜେଲ୍‌ରେ କିଛିବର୍ଷ ରଖାଯିବା ପରେ ୧୯୩୩ ମସିହାରେ ପଠାଇ ଦିଆଯାଏ ଆଣ୍ଡାମାନ । ସେଠାରେ ୧୯୩୩ ରୁ ୧୯୩୭ ମସିହା ପର୍ଯ୍ୟନ୍ତ ସେ କଳାପାଣି ଦଣ୍ଡ ଭୋଗନ୍ତି ସେଲ୍ୟୁଲାର ଜେଲ୍ ଭିତରେ । ସେଇ ସମୟର କଥା ବିସ୍ତାର ଭାବରେ ପୂର୍ବରୁ ଏହି ସ୍ତମ୍ଭରେ ଆଲୋଚିତ ହୋଇ ସାରିଛି ।

ଦୀର୍ଘଦିନ ଧରି ଆମରଣ ଅନଶନ ତଥା ଜେଲ୍ କର୍ତ୍ତୃପକ୍ଷଙ୍କ ସହ ଅସହଯୋଗ କରିବା ଦ୍ୱାରା ଶେଷକୁ ସରକାର ଆଣ୍ଡାମାନରୁ ପେନାଲ୍ ସେଟେଲମେଣ୍ଟ ଉଠାଇବାକୁ ବାଧ୍ୟ ହୁଅନ୍ତି । ସବୁ ରାଜବନ୍ଦୀଙ୍କୁ ମୂଳ ଭାରତ ଭୂଖଣ୍ଡକୁ ଫେରାଇ ଅଣାଯାଇ ବିଭିନ୍ନ ଜେଲ୍‌ରେ ରଖାଯାଏ । ବଟୁକେଶ୍ୱର ମଧ୍ୟ 'ମହାରାଜା' ନାମକ ଜାହାଜରେ ଚଢ଼ି ଭାରତ ଫେରନ୍ତି । କଲିକତାରେ ଓହ୍ଲାଇବା ପରେ ତାଙ୍କୁ ଦିଲ୍ଲୀ ଅଣାଯାଏ ସେଠିକାର ଜେଲ୍‌ରେ ରଖିବା ପାଇଁ । ସେତେବେଳେ ସେ ଖୁବ୍ ଅସୁସ୍ଥ ଥାଆନ୍ତି । ରାଜେନ୍ଦ୍ର ପ୍ରସାଦ ତାଙ୍କୁ ଜେଲ୍ ଭିତରକୁ ଦେଖା କରିବାକୁ ଯାଆନ୍ତି । ସେଠାରୁ ଫେରି ତାଙ୍କ ଅସୁସ୍ଥାବସ୍ଥା ବିଷୟରେ ଜବାହାରଲାଲଙ୍କୁ କହିବାରୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ତାଙ୍କୁ ଜେଲ୍‌ରୁ ମୁକ୍ତି ଦେବାପାଇଁ ସରକାରଙ୍କ ଆଗରେ ପ୍ରସ୍ତାବ ରଖାଯାଏ । କିନ୍ତୁ ତାହାର କିଛି ଫଳ ମିଳେ ନାହିଁ । ସେତେବେଳେ ବିହାର ସରକାର ରାଜବନ୍ଦୀମାନଙ୍କୁ ମୁକ୍ତି ଦେବାର ଯୋଜନା କରୁଥାଆନ୍ତି । ବଟୁକେଶ୍ୱରଙ୍କୁ ସେଠାକୁ ପଠାଇ ଦେଲେ ସେଠାରୁ ମୁକ୍ତି ପାଇବା ସହଜ ହେବ ବୋଲି ବିଚାର କରି ବିହାରର ବାଁକୀପୁର କେନ୍ଦ୍ରୀୟ କାରାଗାରକୁ ସ୍ଥାନାନ୍ତରିତ କରିବା ପାଇଁ ପ୍ରୟାସ କରନ୍ତି ରାଜେନ୍ଦ୍ର ପ୍ରସାଦ । ଶେଷକୁ ତାଙ୍କୁ ଦିଲ୍ଲୀରୁ ବାଁକୀପୁର କାରାଗାରକୁ ଅଣାଯାଏ । ଲିଭରରେ ସଂକ୍ରମଣ ଯୋଗୁଁ ସେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଥାଆନ୍ତି । ବିହାରର ପ୍ରଧାନମନ୍ତ୍ରୀ ଶ୍ରୀକୃଷ୍ଣ ସିଂହ ତାଙ୍କର କ୍ରମଶଃ ଖରାପ ହେଉଥିବା ସ୍ୱାସ୍ଥ୍ୟକୁ ଆଧାର କରି ତାଙ୍କୁ ଜେଲ୍‌ରୁ ମୁକ୍ତି ଦେବାକୁ ସରକାରଙ୍କ ନିକଟରେ ଆବେଦନ କରନ୍ତି । ଅନେକ ସଂଗଠନ ମଧ୍ୟ ତାଙ୍କର ମୁକ୍ତି ଦାବି କରି ପତ୍ର ପତ୍ରିକାରେ ଲେଖାମାନ ପ୍ରକାଶ କରିବାକୁ ଲାଗନ୍ତି । ସାରା ଦେଶରେ ତାଙ୍କ ସପକ୍ଷରେ ଜନମତ ସୃଷ୍ଟି ହୁଏ । ଏପଟେ କ୍ଷୟ ରୋଗ ଯୋଗୁଁ ତାଙ୍କର ପେଟବ୍ୟଥା କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଥାଏ । ସେ ଜେଲ୍ ଭିତରେ ରହି ଅସ୍ତ୍ରୋପଚାର କରିବାକୁ ରାଜି ହୁଅନ୍ତି ନାହିଁ । ଏଭଳି ଅବସ୍ଥାରେ ସେ ତାଙ୍କ ପରିବାର ଲୋକଙ୍କ ସହ କିଛି ସମୟ କାଟିବାକୁ ଇଚ୍ଛା ପ୍ରକାଶ କରନ୍ତି । ଶେଷରେ ଇଂରେଜ ସରକାରଙ୍କ ସର୍ତ୍ତାନୁଯାୟୀ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ କୌଣସି ହିଂସାତ୍ମକ ରାଜନୀତି ସହ ସମ୍ପର୍କ ରଖିବେ ନାହିଁ ବୋଲି ଲିଖିତ ଆବେଦନପତ୍ରରେ ଦସ୍ତଖତ କରି ସେ ତା. ୮.୯.୧୯୩୮ ଦିନ ବାଁକୀପୁର ଜେଲ୍‌ରୁ ମୁକ୍ତିଲାଭ କରନ୍ତି । ତାଙ୍କୁ ପଞ୍ଜାବ, ବଙ୍ଗଳା କିମ୍ବା ଦିଲ୍ଲୀର ସୀମାରେ ପ୍ରବେଶ କରିବାକୁ ବାରଣ କରାଯାଇଥାଏ । ବଡ଼ଭାଇ ବିଶେଶ୍ୱର ଦତ୍ତ ସେତେବେଳେ ପାଟନାରେ ଅବସ୍ଥାନ କରୁଥାନ୍ତି । ତାଙ୍କରି ପାଖରେ ରହିବାକୁ ନିଷ୍ପତ୍ତି କରି ବଟୁକେଶ୍ୱର ପାଟନା ଆସି ସେଠାରେ ରହି ଆପଣା ଚିକିତ୍ସା କରାନ୍ତି ।




ବଟୁକେଶ୍ୱର ୧୯୩୯-୪୦ କଂଗ୍ରେସ ଅଧିବେଶନରେ ଯୋଗ ଦେବାପାଇଁ କନ୍‌ଖଲ୍, ହରିଦ୍ୱାର ଯାଆନ୍ତି । ସେଠାରେ ତାଙ୍କର ଭେଟ ହୁଏ କାକୋରୀ ଟେନ୍ ଲୁଟ୍‌ର ଅଭିଯୁକ୍ତ, ମହାନ କ୍ରାନ୍ତିକାରୀ ମନ୍ମଥନାଥ ଗୁପ୍ତଙ୍କ ସହିତ । କ୍ରମଶଃ ଦିନକୁ ଦିନ ଦୁର୍ବଳ ହୋଇପଡୁଥିବା ବଟୁକେଶ୍ୱରଙ୍କୁ ଦେଖି ମନ୍ମଥନାଥ ଖୁବ୍ ଚିନ୍ତିତ ହୋଇପଡ଼ନ୍ତି । ତାଙ୍କର ଅସ୍ତ୍ରୋପଚାର ନିହାତି ଆବଶ୍ୟକ ବୋଲି ହୃଦୟଙ୍ଗମ କରି ସେ ଦିଲ୍ଲୀରେ ଜଣେ ଭଲ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତି । ୧୯୪୧ ମସିହା ମଧ୍ୟଭାଗରେ ଦିଲ୍ଲୀର ଡାକ୍ତର ଯୋଶୀଜ୍ ନର୍ସିଙ୍ଗ୍ ହୋମ୍‌ରେ ତାଙ୍କର ଅସ୍ତ୍ରୋପଚାର କରାଯାଏ । ଏଥର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଟିକେ ସୁଧୁରିବାକୁ ଲାଗେ । ତାଙ୍କ ମନରେ ବାରମ୍ବାର ପ୍ରତିଧ୍ୱନି ତୋଳୁଥାଏ ସାଥୀ ଭଗତ୍ ସିଂହଙ୍କ ସହିତ ତାଙ୍କ ଶେଷ ସାକ୍ଷାତ ବେଳର କଥା । ଭଗତ୍ ସିଂହ ତାଙ୍କୁ ବିଦାୟ ଜଣାଇବା ବେଳେ କହିଥିଲେ, "ମୁଁ ତ ଆଉ କିଛିଦିନ ଭିତରେ ଆରପାରିକୁ ଚାଲିଯିବି କିନ୍ତୁ ବଟୁକ୍ ତୁମେ ରହିବ ଅନେକ ଦିନ ପର୍ଯ୍ୟନ୍ତ । ଗୋଟିଏ କଥା ସବୁବେଳେ ମନେ ରଖିଥିବ । କ୍ରାନ୍ତିକାରୀ କେବେ ବି ଚୁପ୍ ହୋଇ ହାତବାନ୍ଧି ବସିରହେ ନାହିଁ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଅହରହ ସଂଗ୍ରାମରତ ରହେ ସ୍ଥିତାବସ୍ଥାକୁ ସୁଧାରିବା ଲକ୍ଷ୍ୟରେ ।" ଭଗତ୍ ସିଂହଙ୍କ ଫାଶୀ ଓ ପୋଲିସ୍ ସହ ମୁହାଁମୁହିଁ ଲଢ଼େଇ କରି ଚନ୍ଦ୍ରଶେଖରଙ୍କ ଶହୀଦ୍ ହୋଇଯିବା ପରେ କ୍ରାନ୍ତିକାରୀ ସଂଗ୍ରାମ ଖୁବ୍ ଶିଥିଳ ହୋଇ ପଡ଼ିଥାଏ । ହାତବାନ୍ଧି ଘରେ ବସି ରହିବାକୁ ଭଲ ଲାଗେନି ବଟୁକେଶ୍ୱରଙ୍କୁ । ସେ ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହେଉଥିବା ଭାରତ-ଛାଡ଼ ଆନ୍ଦୋଳନରେ ସକ୍ରିୟ ରୂପେ ଭାଗ ନେବାର ନିଷ୍ପତ୍ତି କରନ୍ତି । ତାଙ୍କୁ ପୋଲିସ୍ ଗିରଫ୍ କରି ମୋତିହାରୀ ଓ ମୁଜାଫର୍‌ପୁର ଜେଲ୍‌ରେ ବନ୍ଦୀ ଭାବରେ ରଖେ । ଜେଲ୍ ଭିତରେ ଅସହଯୋଗ ନୀତି ଯୋଗୁଁ ତାଙ୍କୁ ପୁଣି ଭୀଷଣ ନିର୍ଯ୍ୟାତନା ଭୋଗ କରିବାକୁ ହୁଏ । ତାହାର ପ୍ରତିବାଦରେ ସେ ଆମରଣ ଅନଶନ ଆରମ୍ଭ କରିଦିଅନ୍ତି । ତାଙ୍କ ସ୍ୱାସ୍ଥ୍ୟ ପୁଣି ବିଗିଡ଼ିବା ଆରମ୍ଭ କରେ । ଜେଲ୍ ଭିତରେ ଚିକିତ୍ସା ସମ୍ଭବ ହୋଇ ନପାରିବାରୁ ତାଙ୍କୁ ୧୯୪୫ ମସିହା ମଧ୍ୟ ଭାଗରେ ପାଟନାରେ ତାଙ୍କ ଘରେ ନଜରବନ୍ଦ କରି ରଖାଯାଏ। ସେତେବେଳେ ଭାରତ ବିଭାଜନର ସ୍ପଷ୍ଟ ସଂକେତ ମିଳି ସାରିଥାଏ । ସରକାର ଚାହୁଁ ନଥାନ୍ତି କ୍ରାନ୍ତିକାରୀମାନେ ପୁନଃ ମିଳିତ ହୋଇ ବିଭାଜନକୁ ବିରୋଧ କରି କିଛି ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଦିଅନ୍ତୁ। ତେଣୁ ସେମାନଙ୍କର ମୁକ୍ତ ବିଚରଣ ଉପରେ କଟକଣା ଲଗାଇବା ସହ ତାଙ୍କ ଉପରେ କଡ଼ା ନଜର ରଖାଯାଉଥାଏ । ବଟୁକେଶ୍ୱର ପାଟଣା ସ୍ଥିତ ତାଙ୍କ ବଡ଼ଭାଇଙ୍କ ଘରେ ପ୍ରାୟ ତିନିବର୍ଷ ନଜରବନ୍ଦ ଅବସ୍ଥାରେ ରହନ୍ତି । ଦେଶ ସ୍ୱାଧୀନ ହେବା ପରେ ଯାଇ ତାଙ୍କ ଘର ସମ୍ମୁଖରୁ ପୋଲିସ୍ ପହରା ଉଠାଇ ଦିଆଯାଏ ।

ଦେଶ ସ୍ୱାଧୀନ ହେବାପରେ ସେ ଆପଣା ବିବାହ ବିଷୟରେ ଚିନ୍ତା କରି ଖବରକାଗଜରେ ଏକ ବିଜ୍ଞାପନ ପ୍ରକାଶିତ କରନ୍ତି । ପ୍ରଥମ ପ୍ରସ୍ତାବ ଆସେ ଅଞ୍ଜଳିଙ୍କର । ତାଙ୍କ ବାପା ସତୀଶଚନ୍ଦ୍ର ଦାସ ଆସାନ୍‌ସୋଲ୍ ନିକଟସ୍ଥ ଏକ କୋଲିଆରୀରେ ଠିକାଦାରୀ କରୁଥାନ୍ତି । ଅଞ୍ଜଳିଙ୍କୁ ସେତେବେଳେ କୋଡ଼ିଏ ବର୍ଷ ବୟସ । ସେ କଲିକତାର ସାର୍ ଆଶୁତୋଷ କଲେଜ୍‌ରୁ ସ୍ନାତକ ପରୀକ୍ଷା ପାସ୍ କରିଥାନ୍ତି । ୧୮ ନଭେମ୍ବର ୧୯୪୭ ଦିନ ଆସାନ୍‌ସୋଲ୍ ଠାରେ ଅଞ୍ଜଳି ଦେବୀଙ୍କ ସହିତ ବଟୁକେଶ୍ୱରଙ୍କ ବିବାହ ସମ୍ପନ୍ନ ହୁଏ । ବିବାହ ପରେ ଦୁହେଁ ଦେଓଘର ଆସନ୍ତି ତାଙ୍କ ବଡ଼ଭାଇଙ୍କ ପାଖକୁ । ବଡ଼ଭାଇ ସେତେବେଳେ ପାଟଣାରୁ ବଦଳି ହୋଇ ଦେଓଘରର ଏକ ବ୍ୟାଙ୍କ୍‌ରେ କାର୍ଯ୍ୟରତ ଥାଆନ୍ତି । କିଛିଦିନ ସେଠାରେ ରହିବା ପରେ ବଟୁକେଶ୍ୱର ପାଟନାରେ ଛୋଟଘରଟିଏ ଭଡ଼ାରେ ନେଇ ସେଠାରେ ରହିବାକୁ ନିଷ୍ପତ୍ତି କରନ୍ତି । ସେଇ ଭଡ଼ାଘରେ ତାଙ୍କର ବୈବାହିକ ଜୀବନର ଆଠବର୍ଷ କଟେ । ଅର୍ଥ ଉପାର୍ଜନର କୌଣସି ସାଧନ ତାଙ୍କ ପାଖରେ ନଥାଏ । ଧନୀ ପରିବାରରୁ ଆସିଥିବା ଅଞ୍ଜଳି ଦେବୀ କେବେ ତାଙ୍କ ସ୍ୱାମୀଙ୍କୁ ଏପରି ଆଭାସ ମଧ୍ୟ ହେବାକୁ ଦିଅନ୍ତିନି ଯେ ଆର୍ଥିକ ଅନଟନ ଯୋଗୁଁ ତାଙ୍କୁ କିଛି ମାନସିକ କଷ୍ଟ ଭୋଗିବାକୁ ପଡୁଛି । ସେ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ହସି ହସି ଅଣ୍ଟା ଭିଡ଼ି ବାହାରି ପଡ଼ନ୍ତି । ନିଜ ସ୍ୱାମୀଙ୍କୁ କୌଣସି ପ୍ରକାର ଚିନ୍ତା ଦେବାକୁ ସେ ଆଦୌ ଚାହାନ୍ତି ନାହିଁ । ଏତେବଡ଼ ସ୍ୱାଧୀନତା ସଂଗ୍ରାମୀଙ୍କର ପତ୍ନୀ ବୋଲି ସେ ସର୍ବଦା ଗର୍ବ ଅନୁଭବ କରୁଥାଆନ୍ତି । ୮ ଜୁନ୍ ୧୯୪୯ ରେ ତାଙ୍କର ଏକ ଝିଅ ଜନ୍ମ ହୁଏ। ବଟୁକେଶ୍ୱର ତା'ର ନାମକରଣ କରନ୍ତି 'ଭାରତୀ' । ପିଲାଙ୍କୁ ଟିଉସନ୍ କରି ପରିବାର ବୋଝ ମୁଣ୍ଡାଇବାକୁ ଚେଷ୍ଟା କରିବା ପରେ ଅଞ୍ଜଳି ଦେବୀ ଟ୍ରେନିଂ କରି ହାଇସ୍କୁଲରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦିଅନ୍ତି । ଛୋଟ ଝିଅର ସେବାଯତ୍ନ ଠାରୁ ଆରମ୍ଭ କରି ଘରର ସମସ୍ତ ଦାୟିତ୍ୱ ମୁଣ୍ଡାନ୍ତି ବଟୁକେଶ୍ୱର । ଏଥର ସେ ସିଗାରେଟ୍ ଓ ମାଂସାହାର ତ୍ୟାଗକରି ଖୁବ୍ ସିଧାସାଦା ଜୀବନ ବଞ୍ଚିବାକୁ ଲାଗନ୍ତି । ବାହାର ଲୋକଙ୍କ ସହ ଅଧିକ ମିଶିବା ପାଇଁ ତାଙ୍କୁ ଆଉ ମନ ହୁଏନି । ଚାରିଆଡ଼େ ସ୍ୱାର୍ଥର ରାଜୁତି । ଦେଶ ପରାଧୀନ ଥିଲାବେଳେ ସାଥୀଙ୍କ ସହ ମିଶି ସେ କେତେ ସ୍ୱପ୍ନ ଦେଖିଥିଲେ ତାଙ୍କ ପ୍ରିୟ ଜନ୍ମଭୂମି ପାଇଁ । ହେଲେ ସ୍ୱାଧୀନତା ପ୍ରାପ୍ତି ପରେ ସେ ସ୍ୱପ୍ନ ତାଙ୍କ ଆଖି ସାମ୍ନାରେ ଧୂଳିସାତ୍ ହୋଇ ଯାଉଥିବା ଦେଖି ସେ ଭୋଗୁଥିଲେ ଖୁବ୍ ମାନସିକ ଯନ୍ତ୍ରଣା । ତେଣୁ ସେ ନିଜକୁ ସବୁବେଳେ ଘର ଭିତରେ ହିଁ ବ୍ୟସ୍ତ ରଖିବାକୁ ଚେଷ୍ଟା କରନ୍ତି। ଛୋଟ ଝିଅ ସହିତ ଖେଳିବା, ଘରର ଯାବତୀୟ କାମ କରିବା, ବଗିଚାରେ ଗଛମାନଙ୍କ ଦେଖାରେଖା କରିବାରେ ତାଙ୍କର ସମୟ ଅତିବାହିତ ହେବାକୁ ଲାଗେ । ଝିଅ ଟିକିଏ ବଡ଼ ହୋଇଯିବାରୁ ତାକୁ ସାଇକେଲ୍‌ରେ ବସାଇ ସ୍କୁଲକୁ ନେବା ଆଣିବା ଦାୟିତ୍ୱ ବି ସେ ତୁଲାନ୍ତି । ଗୋଟେ ଚାକିରିରେ ଘର ଚଳୁଥିବାରୁ ତାଙ୍କର ଆର୍ଥିକ ସ୍ୱଚ୍ଛଳତା ଆଦୌ ନଥିଲେ ସୁଦ୍ଧା କେହି କେବେ ସାହାଯ୍ୟ ପାଇଁ ଆସିଲେ ତାକୁ ନିରାଶ ହୋଇ ଫେରିବାକୁ ଦେଉ ନଥିଲେ ବଟୁକେଶ୍ୱର । ନିଜ ପାଖରେ ଯାହା କିଛି ଥିଲେ ସେ ତାକୁ ତା' ହାତକୁ ବଢ଼ାଇ ଦେଉଥିଲେ ହସି ହସି । ତାଙ୍କ ଏଭଳି ବ୍ୟବହାରକୁ ଅଞ୍ଜଳି ଦେବୀ ଉତ୍ସାହିତ କରୁଥିଲେ ସିନା ହେଲେ କେବେ ପଦେ ବି ବାଧିଲା ଭଳି କହୁ ନଥିଲେ ।

ଦେଶର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଖୁବ୍ ସମ୍ମାନ କରୁଥିଲେ ବଟୁକେଶ୍ୱରଙ୍କର । ଦେଶ ସ୍ୱାଧୀନ ହେବା ପୂର୍ବରୁ ଜେଲ୍‌ରୁ ତାଙ୍କର ମୁକ୍ତି ପାଇଁ ସେ ଖୁବ୍ ପ୍ରୟାସ କରିଥିଲେ । ଏବେ ଦିଲ୍ଲୀରୁ ପାଟନା ଆସିଲେ ସେ ବଟୁକେଶ୍ୱରଙ୍କୁ ଦେଖା କରିବାକୁ ନିଶ୍ଚିତ ଆସନ୍ତି । ଘଣ୍ଟା ଘଣ୍ଟା ଦୁଃଖସୁଖ ହୁଅନ୍ତି। ଅଭାବ ଅନଟନ ଭିତରେ ବଞ୍ଚୁଥିବା ମହାନ୍ ଦେଶପ୍ରେମୀଙ୍କୁ ଦେଖି ରାଜେନ୍ଦ୍ର ବାବୁ ବିହାରର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଚିଠି ଲେଖି ବଟୁକେଶ୍ୱରଙ୍କ ପାଇଁ କିଛି ଅର୍ଥ ଉପାର୍ଜନର ବ୍ୟବସ୍ଥା କରିବାକୁ ଅନୁରୋଧ କରନ୍ତି। ହେଲେ ଏବେ ଦେଶର ପରିସ୍ଥିତି ବଦଳି ସାରିଥାଏ । ରାଷ୍ଟ୍ରପତିଙ୍କ ଅନୁରୋଧ ସତ୍ତ୍ୱେ ପ୍ରାଦେଶିକ ସରକାର କିଛି ବି ସ୍ଥାୟୀ ବ୍ୟବସ୍ଥା କରିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । କେବଳ ଘରଟିଏ ତିଆରି କରିବା ପାଇଁ ତାଙ୍କୁ ଋଣ ଉପଲବ୍ଧ କରାଯାଏ । ଅନୁଗ୍ରହ ନାରାୟଣ ସିଂହ ନିଜେ ଦଶ ହଜାର ଟଙ୍କା ଅନୁଦାନ ଦିଅନ୍ତି । ଏହା ଫଳରେ ପାଟନାର ଜକ୍କନ୍‌ପୁର ଠାରେ ଏକ ଛୋଟ ବାସଗୃହ ତୋଳାଇବା ସମ୍ଭବ ହୋଇପାରେ । ତାଙ୍କୁ ସରକାରଙ୍କ ତରଫରୁ ଦିଆ ଯାଇଥିବା ଗୃହଋଣର କିଛି କିସ୍ତି ସେ ନିୟମିତ ଜମା ବି କରନ୍ତି । ହେଲେ ପରେ ତାଙ୍କର ଆର୍ଥିକ ଦୁରବସ୍ଥା ଦେଖି ସେଇ ଋଣ ଛାଡ୍ କରିଦିଆଯାଏ । ଆପଣା ରହିବା ପାଇଁ ସ୍ଥାୟି ଘରଟିଏର ବ୍ୟବସ୍ଥା ହୋଇଯିବା ପରେ ବଟୁକେଶ୍ୱର ରୋଜଗାର ଆଶାରେ ପାଟନା ସହରରେ ଗୋଟେ ଛୋଟ ବିସ୍କୁଟ୍ ଓ ପାଉଁରୁଟି କାରଖାନା ଖୋଲନ୍ତି । ଦିନ ରାତି ମଇଦା ଚକଟି ଭାଟିର ନିଆଁରେ ସିଝି ପରିଶ୍ରମ କଲେ ବି କାରଖାନାଟି ଅଧିକ ଦିନ ଚାଲି ପାରେନି ତାଙ୍କ ପାଖରେ ବେପାରୀ ବୁଦ୍ଧିର ଘୋର ଅଭାବ ଥିବା ଯୋଗୁଁ । କିଛି ମାସ କ୍ଷତିରେ ଚାଲିବା ପରେ ତାଙ୍କ କାରଖାନା ବନ୍ଦ ହୋଇଯାଏ । ପରେ ସେ କେତେଦିନ ଟୁରିଷ୍ଟ ଏଜେଣ୍ଟ ଭାବରେ କାମ କରନ୍ତି । ହେଲେ ସେଥିରେ ବି ତାଙ୍କର କିଛି ଲାଭ ହୁଏନି ।

ଏତିକିବେଳେ ଭାରତ ସରକାର ରାଜନୀତିକ ପୀଡ଼ିତଙ୍କ ସହାୟତା ଉଦ୍ଦେଶ୍ୟରେ କିଛି ଯୋଜନା ଆରମ୍ଭ କରନ୍ତି । ତା' ଭିତରେ ବସ୍ ପରମିଟ୍ ବି ଥାଏ । ବଟୁକେଶ୍ୱରଙ୍କ କିଛି ମିତ୍ର ତାଙ୍କୁ ବସ୍ ପରମିଟ୍ ପାଇଁ ଆବେଦନ କରିବାକୁ ପରାମର୍ଶ ଦିଅନ୍ତି । ସେ ଆବେଦନ ପତ୍ରଟିଏ ଧରି ପାଟନାର କମିଶନରଙ୍କ କାର୍ଯ୍ୟାଳୟରେ ପହଞ୍ଚନ୍ତି । ଖଦଡ଼ ଧୋତି ଓ ହାପ୍ ସାର୍ଟଟିଏ ପିନ୍ଧିଥିବା ନଡ଼ନଡ଼ିଆ ଲୋକଟିକୁ କମିଶନର ସାହେବ୍ ବା ଚିହ୍ନନ୍ତେ କିପରି ? ଆବେଦନ ପତ୍ରଟି ପଢ଼ିବା ପରେ ସେ ତାଙ୍କୁ ପଚାରନ୍ତି ରାଜନୀତିକ ପୀଡ଼ିତ କି ବୋଲି । ବଟୁକେଶ୍ୱର ମୁଣ୍ଡ ଟୁଙ୍ଗାରନ୍ତି ସକାରାତ୍ମକ ଭଙ୍ଗୀରେ । ହେଲେ ସରକାରୀ କାମରେ ମୁଣ୍ଡ ଟୁଙ୍ଗାରିଲେ ତ ଚଳିବନି ସେଥିପାଇଁ ଉପଯୁକ୍ତ ଅଧିକାରୀଙ୍କ ପାଖରୁ ପ୍ରମାଣପତ୍ର ଆଣି ଅଫିସ୍‌ରେ ଦାଖଲ କରିବା ଦରକାର। କମିଶନରଙ୍କ ଏଭଳି ରୋକ୍‌ଠୋକ୍ କଥା ଓ ରକ୍ଷ ବ୍ୟବହାର ସହଜରେ ହଜମ୍ କରି ପାରନ୍ତିନି ସ୍ୱାଭିମାନୀ ବଟୁକେଶ୍ୱର ଦତ୍ତ । ଆପଣା କୈଶୋର ତଥା ଯୌବନକୁ ଦେଶମାତୃକାର ହିତସାଧନ ପାଇଁ ଉତ୍ସର୍ଗ କରିଥିବା କ୍ରାନ୍ତିକାରୀଙ୍କୁ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯିବା ଥାଏ ପ୍ରକୃତରେ ଖୁବ୍ ଅପମାନଜନକ । କମିଶନରଙ୍କ ସାମ୍ନାରେ ହିଁ ଆବେଦନପତ୍ରଟିକୁ ଖଣ୍ଡ ଖଣ୍ଡ କରି ଚିରିଦେଇ ସେ ଅତ୍ୟନ୍ତ ଦୁଃଖୀ ମନରେ ସେଠାରୁ ଚାଲିଆସନ୍ତି ଘରକୁ ।

ଘଟଣାର କିଛିଦିନ ପରେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ତାଙ୍କୁ କେମିତି ଅଛନ୍ତି ବୋଲି ପଚାରିବାରୁ ଥର ଥର କଣ୍ଠରେ ସେ ଉତ୍ତର ଦିଅନ୍ତି, "ସ୍ୱାଧୀନ ଭାରତରେ ଏବେ ସେ କେବଳ ଅପମାନିତ ହେବାପାଇଁ ବଞ୍ଚି ରହିଛନ୍ତି ।" ପାଟନା କମିଶନରଙ୍କ ଅଫିସ୍‌ରେ ଘଟିଥିବା ଘଟଣା କଥା ବଟୁକେଶ୍ୱରଙ୍କ ପାଖରୁ ବିସ୍ତାରରେ ଶୁଣି ରାଜେନ୍ଦ୍ରବାବୁ ଖୁବ୍ ରାଗି ଯାଆନ୍ତି । ସାଙ୍ଗେ ସାଙ୍ଗେ ବିହାରର ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଧମକାଇଲା ଭଙ୍ଗୀରେ କହନ୍ତି ଏହା ଖୁବ୍ ଲଜ୍ଜାକର କଥା ବୋଲି । ପାଟନା କମିଶନର ବଟୁକେଶ୍ୱର ଦତ୍ତଙ୍କ ଭଳି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନି ପାରୁ ନାହାନ୍ତି ଓ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ହୋଇଥିବା ପ୍ରମାଣପତ୍ର ମାଗୁଛନ୍ତି ! ଏଇ ଘଟଣା ଚିରଦିନ ପାଇଁ ଏକ କଳଙ୍କ ହୋଇ ରହିଯିବ ସ୍ୱାଧୀନ ଭାରତର ଇତିହାସ ପୃଷ୍ଠାରେ । ମୁଖ୍ୟମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ତତ୍‌କ୍ଷଣାତ୍ କମିଶନରଙ୍କୁ ସେଇ ଘଟଣା ବିଷୟରେ ପଚାରନ୍ତି। କମିଶନର ଆପଣା ଭୁଲ ବୁଝିପାରି ବଟୁକେଶ୍ୱର ଦତ୍ତଙ୍କୁ ଆସି କ୍ଷମା ମାଗନ୍ତି । ତାଙ୍କୁ ପାଟନା ଠାରୁ ଆରା ପର୍ଯ୍ୟନ୍ତ ବସ୍ ଚଳାଇବା ପାଇଁ ପରମିଟ୍ ଦିଆଯାଏ । ବସ୍ ଚାଲେ ସେଇ ରାସ୍ତାରେ। ଥରେ ବସ୍‌ରେ ବଟୁକେଶ୍ୱର ନିଜ ଝିଅ ଭାରତୀକୁ ସାଙ୍ଗରେ ଧରି ପାଟନାରୁ ଆରା ପର୍ଯ୍ୟନ୍ତ ଯାଆନ୍ତି । ସେଦିନ ବସ୍‌ରେ ଆଉ କୌଣସି ଯାତ୍ରୀ ନଥାନ୍ତି । କେବଳ ବାପ ଓ ଝିଅ । ହେଲେ ଯାହାଦ୍ୱାରା ଛୋଟ ବିସ୍କୁଟ କାରଖାନାଟିଏ ଚଲାଯାଇ ପାରେନି ତାଙ୍କଦ୍ୱାରା ବସ୍ କେମିତି ବା ଚଲାଯାଇ ପାରନ୍ତା ? ବସ୍‌ର ଆୟ ଷ୍ଟାଫ୍ ଓ ଏଜେଣ୍ଟ ଖାଇ ଯାଆନ୍ତି । କିଛିମାସ ପରେ ବସ୍ ଚଳାଚଳ ବନ୍ଦ ହୋଇଯାଏ .....

(ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଭିନ୍ନ ସ୍ୱାଦ



# ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍

**ସୁଧାଂଶୁ ଶେଖର ଦ୍ୱିବେଦୀ**
❤ ବିସି-୭୪,ସେକ୍ଟର-୧,ସଲଟ ଲେକ,କଲକାତା-୭୦୦୦୬୪
ମୋ-୯୬୮୧୩୭୩୫୧୨

ଅକ୍ଟୋବର ୨ ତାରିଖ ପ୍ଲାଷ୍ଟିକ ବର୍ଜନ ଦିବସରେ ଏକ ଘୋଷଣା ଶୁଣିବାକୁ ମିଳିଲା- ବନ୍ଧୁଗଣ !ଆଜି ଅନ୍ତରାଷ୍ଟ୍ରୀୟ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ସମ୍ମାନୀୟ ଶ୍ରୀଯୁକ୍ତ ଠୁସା ପାତ୍ରଙ୍କୁ ଅନ୍ତଃରାଷ୍ଟ୍ରୀୟ ସାହିତ୍ୟ ଶିରୋମଣି ପୁରସ୍କାରରେ ସମ୍ମାନିତ କରୁଛି ।ଶ୍ରୀଯୁକ୍ତ ଠୁସା ପାତ୍ର ରିକ୍ସାଲା ଏସୋସିଏସନର ଜଣେ ପୁରୁଖା ଅଧକ୍ଷ । ନିକଟରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ରିକ୍ସାବାଲା ନିମନ୍ତେ ସେ ପୁରସ୍କୃତ ହେବେ। ନିଜ ସାହିତ୍ୟ ରଚନା ମାଧ୍ୟମରେ ଗରିବ, ଦଳିତ, ମୂଲିଆ, ଚାଷୀମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ନିଜ ରଚନାରେ ପରିପୁଷ୍ଟ କରି ସୁନ୍ଦର ଭାବେ ଅଳଙ୍କୃତ କରିଛନ୍ତି। ପ୍ରକୃତରେ ଆଜି ଜଣେ ମହାନ ସ୍ରଷ୍ଟାଙ୍କୁ ପୁରସ୍କୃତ କରି ଆମ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଗୌରବାନ୍ୱିତ ହେବ।

ଭଲ କଥା, ଠୁସା ପାତ୍ର କେବଳ ଖଣ୍ଡିଏ ପୁସ୍ତକ ଲେଖି ପୁରସ୍କାର ପାଇବାର ଯୋଗ୍ୟତମ ଲେଖକ ହେଇଗଲା। ରାଷ୍ଟ୍ରୀୟ ସ୍ତରରେ ହେଉ କି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ହେଉ ଯିଏ ଧରା ଧରି କରି ହାତଗୁଞ୍ଜା ଦେଇପାରିବ ସେ ପୁରସ୍କାରର ହକଦାର ହେବ। ସେ ଯାହାବି ଲେଖୁ ସମାଜ ଉପଯୋଗୀ ହେଉ କି ସମାଜ ବିରୋଧୀ ହେଉ ପୁରସ୍କାର ଦେଉଥିବା କମ୍ପାନୀ ପାଖରେ ଧନରାଶି ଜମା ହେଇଗଲେ ତାପର ଦିନକୁ ଭବ୍ୟ-ସଭ୍ୟ ସଭା। ସେ ପୁଣି ଯାଇ-ତାଇ ସଭା ନୁହେଁ ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏପରିକି ମନ୍ତ୍ରୀ ଚୌକିରେ ଥିବା ବଡ଼ ବଡ଼ ମନ୍ତ୍ରୀ କୁଜି ମନ୍ତ୍ରୀମାନେ ବି ମୁଖ୍ୟ ଅତିଥି ହୋଇ ଆସନ୍ତି। ସଭା ହୁଏ ଠୁସା ପାତ୍ର ଭଳି ଲେଖକମାନେ ମାନପତ୍ର, ମୋମେଂଟୋ ଓ କାନ୍ଧ ଓହଳା ଝୁଲା ଖଣ୍ଡେ ଲେଖାଏଁ ପାଆନ୍ତି। ହସ ମାଡୁନଥିଲେ ବି ମୁହଁରେ ମୁଚୁକୁନ୍ଦିଆ ହସ ହସି ଫଟୋ ଦିଇ ଚାରିଟା ଉଠାହୁଏ। ତାପରେ ପେପର, ଫେସବୁକ ଆଦିରେ ଠୁସା ପାତ୍ରଙ୍କ ନାମ ସହିତ କେଉଁଠାରୁ ପୁରସ୍କୃତ ହୋଇଛନ୍ତି ସମ୍ବାଦ ପ୍ରଚାର ହୋଇଯାଏ ସାହିତ୍ୟ ମହଲରେ। କଂଗ୍ରାଚୁଲେସନ, ଅଭିନନ୍ଦନରେ ଠୁସା ପାତ୍ରଙ୍କ ଜୀବନ ଧନ୍ୟ ଧନ୍ୟ ହୋଇଯାଏ।

ଘଟଣା ହେଉଛି ଦିନେ ଚାରି ଚକିଆ କାର ମଧ୍ୟରୁ ଚାରଣା ଚୌଧୁରୀ ଓହ୍ଲାଇଲେ। ଚାରଣା ବାବୁ ମ୍ୟୁନିସପାଲଟି ଚେୟାରମେନଙ୍କ ଚାମଚା। କିନ୍ତୁ ଚୋରି କରିବାରେ ଏକ୍ସପର୍ଟ। ଧନ, ଅଳଙ୍କାର କି ଆଉ କିଛି ଦାମୀ ଚିଜ ଚୋରି କରନ୍ତିନି ମ ! ଚୋରି କରନ୍ତି କେବଳ ସାହିତ୍ୟ। ତା'ମାନେ ସାହିତ୍ୟ ଚୋର। କେହି କବିଙ୍କର ଭଲ କବିତା ହେଉ କି କୋଉ ଗାଳ୍ପିକଙ୍କର ଭଲ ଗପ ବାହାରିଥିଲେ ତାକୁ ଏପଟ ସେପଟ ବାଗେଇ କେଳେଇ ସଜେଇ ଏମିତି ଢଙ୍ଗରେ ରାନ୍ଧି ଦିଅନ୍ତି ଯେ ପତ୍ର ପତ୍ରିକାର ସମ୍ପାଦକ ସମ୍ପାଦିକାମାନେ ସୁଆଦିଆ ବ୍ୟଞ୍ଜନରେ ବିମୋହିତ ହୋଇ ଛାପିବାକୁ ବାଧ୍ୟ ହୋଇଯାଆନ୍ତି। କେତେଥର ଧରା ପଡିଛନ୍ତି ହେଲେ ଅଭ୍ୟାସ ନୈବ ମୁଚ୍ୟତେ। ଇଏ ତ ଗଲା ତାଙ୍କ ପରିଚୟ କଥା। କିନ୍ତୁ ସେ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ ଅଫିସକୁ କାହିଁକି ଆସିଛନ୍ତି ଆସନ୍ତୁ ଜାଣିବା।

ସମ୍ମୁଖରେ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ଅଫିସ ଗୋଟେ ଚାଳ ଛପର ଘରେ କାର୍ଯ୍ୟରତ ଥାଏ ।ତାହା ପୁଣି ଶ୍ମଶାନ ରୋଡ୍ ଅଶ୍ୱତ୍ଥ ବୃକ୍ଷ ଥିବା ଗଳି ଭିତରେ ଅବସ୍ଥିତ। ଯେଉଁ ରୋଡରେ ଲୋକ ସମାଗମ ବହୁତ କମ। ଚାରଣା ଚୌଧୁରୀ ଗାଡିରୁ ଓହ୍ଲେଇ ସିଧା ଚାଳଘର ଅଫିସ ଭିତରେ ପଶିଲେ। ଅଫିସରେ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ସେକ୍ରେଟାରୀ ଟୁକୁଣା ପଣ୍ଡା ବସି ମାଛି ଘଉଡାଉଥାନ୍ତି। ବେଳେ ବେଳେ ଦିଇ ଚାରି ଧାଡି ସଜ କବିତା ସମ୍ମୁଖସ୍ଥ ନୋଟ ବୁକରେ ରାମ୍ପି ଦେଉଥାନ୍ତି। ପ୍ରତି ଦିନ କବିତା ଲେଖିବା ତାଙ୍କର ଗୋଟେ ବଦଭ୍ୟାସ। କବିତା ନଲେଖିଲେ ତାଙ୍କର ଭାତ ହଜମ ହୁଏନି କି ଝାଡା ପରିଷ୍କାର ହୁଏନି। ଯେଉଁଠି ସେଇଠି ବସିପଡ଼ିଲେ କବିତାର ରସ ତାଙ୍କ ହାତ ଆଙ୍ଗୁଳିକୁ ଝରିଆସି କାଗଜ ଉପରେ ଗାରେଇଯାଏ।

ହଠାତ ଚାରଣା ଚୌଧୁରୀ ତାଙ୍କର ଅତି ନିକଟତର ହୋଇ ପରିଚୟ ଦେବା ସହ କହିଲେ-ଆଜ୍ଞା ! ମୁଁ ଗରିବ, ଦଳିତ, ସର୍ବହରା, ଚାଷୀ, ମୂଲିଆ ବର୍ଗଙ୍କ ପ୍ରତିନିଧି ।ଏଥରକ ମୋତେ ପୁରସ୍କୃତ କରି ବାକୁ ହେବ ।ପ୍ଲାଷ୍ଟିକ ବର୍ଜନ ଦିବସ ଆଉମାତ୍ର କେତୋଟି ଦିନ ବାକି ଅଛି। ଏଭଳି ସୁବର୍ଣ୍ଣ ମୁହୂର୍ତ୍ତରେ ମୁଁ ପୁରସ୍କୃତ ହେବା ନିହାତି ଆବଶ୍ୟକ। ନିଜର ବାଣୀକୁ ବିରାମ ଦେଇସାରି ପକେଟରୁ ୨୫,୦୦୦ ଟଙ୍କା ବାହାର କରି ପେପରରେ ଗୁଡେଇ ଅନ୍ତଃରାଷ୍ଟ୍ରୀୟ ସାହିତ୍ୟିକ କମ୍ପାନୀର ସେକ୍ରେଟାରୀ ଟୁକୁଣା ପଣ୍ଡାଙ୍କ ଆଗରେ ଥୋଇଦେଲେ। ଟୁକୁଣା ବାବୁଙ୍କ ଆଖିରେ ଚମକ ଥାଏ କିନ୍ତୁ କପାଳରେ ତ୍ରିଶୁଳ ରେଖାରୁ ସ୍ପଷ୍ଟ ବାରି ହେଉଥାଏ ଏତିକି ପାଉଣାରେ ସେ ସନ୍ତୁଷ୍ଟ ନୁହନ୍ତି। ପୁରସ୍କାର ଲାଳାୟିତ ଚାରଣା ଚୌଧୁରୀ ଧନରାଶିର ଚିଟାଉ ଜଣାଇ କହିଲେ--ଆଜ୍ଞା ! ପ୍ଲାଷ୍ଟିକ ବର୍ଜନ ଦିବସରେ ମୋତେ ଯେମିତି ହେଉ ସର୍ବଜନୀନ ରୂପେ ପୁରସ୍କୃତ କରିବେ। ଲାଇଟ, ମାଇକ, ଟେଣ୍ଟ ଖର୍ଚ୍ଚ ପାଇଁ ୨୫,୦୦୦ ଟଙ୍କା ଏଡଭାନ୍ସ ଦେଲି।

ଟୁକୁଣା ପଣ୍ଡା ଥରେ ୨୫,୦୦୦ ହଜାରିଆ ଟଙ୍କା ବିଡାକୁ ଥରେ ଚାରଣାଙ୍କ ମୁହଁକୁ ଚାହିଁ ଦାନ୍ତକୁ ଜାବି କଣସବୁ କହୁଥାନ୍ତି। ତତକ୍ଷଣାତ ତାଙ୍କ ମଗଜ ତେଜି ଉଠିଲା। କବିତା ଆବୃତି କଲାଭଳି କହିଲେ- ଆହେ ପ୍ରିୟ ବନ୍ଧୁ!ଏତକ ଟଙ୍କାରେ ମାନ ସମ୍ମାନ ଦେଇ ହେବନି କିନ୍ତୁ। ଦରଦାମ ବଢ଼ିଲାଣି ସବୁଠି, ଟେଣ୍ଟବାଲା ମାଗୁଛି ଥାଉଜାଣ୍ଡ ଟୋଣ୍ଟି। ଫୁଲବାଲାର ଦରଦାମ ଶୁଣିଲେ ଆଖି ଫୁଲିଯାଏ ମାଇକବାଲା ରାଜନୈତିକ ଚାପରେ ଧରା ନଦିଏ। ପୁଣି ଆପଣଙ୍କ ପାଇଁ ମୋମେଂଟୋ ଇତ୍ୟାଦି ଇତ୍ୟାଦି ଅଛି। ଏବେ ଠିକ୍ ଦୁଇ ଘଣ୍ଟା ପୂର୍ବରୁ ରିକ୍ସାବାଲା ଏସୋସିଏସନର ଅଧକ୍ଷ ଠୁସା ପାତ୍ର ଏଠିକୁ ଆସିଥିଲେ। ଗରିବମାନେ କେମିତି ରିକ୍ସା ଟାଣି ଗୁଜୁରାଣ ମେଣ୍ଟାଉ ଛନ୍ତି ତା' ଉପରେ ଏକ ପୁସ୍ତକ ଲେଖିଛନ୍ତି। ପୁସ୍ତକ ଉନ୍ମୋଚନ ସହିତ ପୁରସ୍କୃତ ହେବାକୁ ଆମପାଖେ ଗୁହାରି କରିଛନ୍ତି। ଏଇ ଦେଖନ୍ତୁ ସେ ପୂରା ୫୦,୦୦୦ ଟଙ୍କା ଦେଇଯାଇଛନ୍ତି। ଆପଣ ଏ ୨୫,୦୦୦ ଟଙ୍କା ପକେଟରେ ରଖନ୍ତୁ। ଅନ୍ତଃରାଷ୍ଟ୍ରୀୟ ଆୱାର୍ଡ ବିତରଣ ଏସୋସିଏସନର ରେଟ ଏତେ କମ ନୁହେଁ।

ଟୁକୁଣା ପଣ୍ଡା ଟେବୁଲ ଉପରୁ ୨୫,୦୦୦ ଟଙ୍କା ବିଡାକୁ ଉଠେଇ ଚାରଣା ଚୌଧୁରୀଙ୍କ ହାତରେ ଦେବାବେଳେ ସେ ପୁଣିଥରେ ପକେଟରେ ହାତ ପୂରେଇ ଆଉ ବିଡାଏ ନୋଟ ବାହାର କଲେ। ଟୁକୁଣା ପଣ୍ଡା ଛଞ୍ଚାଣ ଭଳି ତାଙ୍କ ହାତରୁ ଟଙ୍କା ଝାମ୍ପିନେଇ ପଚାରିଲେ - କେତେ ଅଛି ?

- ୩୦,୦୦୦ ହଜାର ଆଜ୍ଞା ! ଏବେ ଏତିକିରେ କାମ ଚଳାନ୍ତୁ। ଫୁଲମାଳ, ଟେଣ୍ଟ, ମାଇକବାଲା, ମୋମେଂଟୋ ସବୁକିଛି ମୋ ତରଫରୁ ଯୋଗାଡ଼ ହେଇଯିବ। ତା ସହିତ ଶ୍ରୋତା ବି ମୁଁ ଯୋଗାଡ଼ କରିଦେବି। ଆପଣ ଖାଲି ଆୱାର୍ଡ ଦେବାର ବ୍ୟବସ୍ଥା କରିଦିଅନ୍ତୁ।

ଟୁକୁଣା ପଣ୍ଡାଙ୍କ ମୁହଁ ଗୁଡ଼ କଳସୀରୁ ତରଳ ଗୁଡ଼ ଚାଟିଲା ପରି ଜିଭକୁ ଓଠ ଚାରିପଟେ ବୁଲେଇ କହିଲେ-କିଛି ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ। ଏଥର ଆମ ସାହିତ୍ୟ ବିକାଶ ପ୍ରାଇଭେଟ ଲିମିଟେଡ୍ ଆପଣଙ୍କୁ ହିଁ ସମ୍ମାନିତ କରି ପୁରସ୍କାର ଦେବ। ❤❤

## ସ୍ମୃତି ଶତଦଳ ୨୭୭



# ଏ ବିଶ୍ୱ ବଦଳି ହୁଏ ପଦ୍ମଟିଏ

**ଡା. ସରୋଜିନୀ ଷଡଙ୍ଗୀ**
❤ ଲିଙ୍କ୍‌ରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

କିଏ କହେ ପୃଥିବୀରେ/ଏତେ ଦୁଃଖ ଥାଏ ?/ କିଏ କହେ କ୍ଲେଶରେ, କଷ୍ଟରେ . . / ଏ ଜୀବନ ଚିରକାଳ/ ବନ୍ଦୀ ହୋଇଥାଏ ?/ ଥରଟିଏ ଇଚ୍ଛା କଲେ/ ଗଢି ହୁଏ ନିମିଷକେ/ ଏ ଧରାରେ ସ୍ୱର୍ଗ ମର୍ତ୍ତ୍ୟ/ ଅଥବା ପାତାଳ / ଥରେ ଖାଲି/ ଇଚ୍ଛା କଲେ/ ସହସ୍ର ପାଖୁଡା ମେଲି/ ଏ ବିଶ୍ୱ ବଦଳି ହୁଏ/ ପଦ୍ମଟିଏ ବିଚିତ୍ର ବିଶାଳ !"

ପ୍ରଭୁ ସମସ୍ତଙ୍କ ଜୀବନରେ ଦୁଃଖ ଓ ସୁଖ ସମାନ ଭାଗ ମାପରେ ବାଣ୍ଟି ଦେଇଥାନ୍ତି । କିଛି ମଣିଷଙ୍କ ଜୀବନରେ ସୁଖ, ଶାନ୍ତି, ହସ, ଖୁସି ଓ ଐଶ୍ୱର୍ଯ୍ୟର ଇନ୍ଦ୍ରଧନୁ ଭିତରେ ବି ଘୋଟିଆସେ ଦୁଃଖର କଳାବାଦଲ ଏବଂ ପୁଣି କାହା କାହା ଜୀବନରେ କଳା ବଉଦ ଭିତରେ ମଧ୍ୟ ଚମତ୍କାର ଭାବରେ ବିସ୍ଫୋରିତ ହୋଇଯାଏ ବିଦ୍ୟୁତର ଦୀପ୍ତ ସ୍ଫୁରଣ । ବିଜୁଳିର ସେଇ ଟିକକ ଦୀପ୍ତସ୍ଫୁରଣ ଚତୁର୍ଦ୍ଦିଗକୁ କରିଦେଇଥାଏ ଉଜ୍ଜଳ ଓ ଆଲୋକିତ । ଜଣେ ଜଣେ ମାତ୍ର ଟିକିଏ ଦୁଃଖରେ ମର୍ମ୍ମାହତ ଓ ମ୍ରୀୟମାଣ ହୋଇଯାନ୍ତି ଓ ସେଗୁଡିକ ସହିନପାରି ଭାଙ୍ଗି ପଡନ୍ତି ଏବଂ ଆଉ କେତେବେଳେ ଜୀବନର ସବୁ ଦୁଃଖ, କଷ୍ଟ, କ୍ଲେଶକୁ ଜଣେ ଜଣେ ଆନନ୍ଦର ସହ ସ୍ୱାଗତ କରି ନିଅନ୍ତି ଓ ସତ୍ ସାହସର ସହ ସେଗୁଡିକର ସାମ୍ନା କରିଥାନ୍ତି । କେବଳ ସେତିକି ନୁହେଁ ସେମାନେ ଦୁଃଖକୁ ସାମ୍ନା କଲାବେଳେ ତାକୁ ସମାଧାନ କରିବାର ଉପାୟ ମଧ୍ୟ ମନକୁ ମନ ଖୋଜି ନିଅନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଯାନ୍ତି । ଅବଶିଷ୍ଟ ଜୀବନ ସେମାନେ ସଂଘର୍ଷ କରି ବିଜୟ ଲାଭ କରିଥାନ୍ତି ।

ସମସ୍ତଙ୍କ ଜୀବନରେ ଭାଗ୍ୟଦେବୀ ସଜଳ ଓ ଚଳଚଞ୍ଚଳ ହୋଇନଥାନ୍ତି । ସଂଗ୍ରାମ କରି, ନୀରବ ସମର କରି ସେ ଯୁଦ୍ଧର ସାମ୍ନାସାମ୍ନି ହେବାକୁ ପଡେ । ଆମେ ଭାବୁ ଯେ, ଆମେ ବୋଧ ହୁଏ ଏ ଦୁନିଆଁରେ ସବୁଠାରୁ ବଡ ଦୁଃଖୀ କିନ୍ତୁ ଆମଠାରୁ କାହିଁ କେତେ ଗୁଣ ଦୁଃଖୀ ଯେ, ଏ ଦୁନିଆଁରେ ଅଛନ୍ତି, ତାହା ଆମେ ଭାବି ମଧ୍ୟ ପାରୁନାହିଁ । ବିଶେଷ ଭାବରେ ଜୀବନ କ୍ଷେତ୍ରରେ ନାରୀମାନେ ପ୍ରତିକୂଳ ପରିବେଶର ସାମ୍ନା କରିଥାନ୍ତି । କିନ୍ତୁ ଜୀବନ ନଈରେ ସେଇ ପ୍ରତିକୂଳ ପରିବେଶରେ ପହଁରି ପହଁରି ନଦୀ ପାର କରିବାରେ ଯେଉଁ ଆନନ୍ଦ ଅଛି, ଅନୁକୂଳ ପରିସ୍ଥିତିରେ ସେ ଆନନ୍ଦ କାହିଁ ? ଯେଉଁ ନାରୀଟି, ପ୍ରତିକୂଳ ପରିସ୍ଥିତିରେ କାମ କରି ସବୁ ଝଡ ଝଞ୍ଜାକୁ ସାମ୍ନା କରି ଅଣ୍ଟା ସଳଖି ଛିଡା ହୋଇପାରେ, ତା' ମୁହଁରୁ ଏକ ଅନନ୍ୟ ତେଜ ଏକ ଅପୂର୍ବ ଜ୍ୟୋତି ବାହାରୁଥାଏ ।

ବିଶେଷ ଭାବରେ ଲେଖାଲେଖି ବା' କଲମ ଚାଳନା କରୁଥିବା ନାରୀମାନେ କେବେହେଲେ ଶାନ୍ତିରେ ନିଃଶ୍ୱାସଟିଏ ନେଇ ପାରନ୍ତି ନାହିଁ କାରଣ ମନ ଭିତରେ ଶବ୍ଦର ଉଷ୍ମ ସ୍ରୋତଟିଏ ସଦାବେଳେ ଅନ୍ତଃସଲୀଳା ନଈ ଭଳି ବୋହି ଯାଉଥାଏ । କେତେବେଳେ ସେ ସ୍ରୋତଟି ଶାନ୍ତ ଶୀତଳ ହୋଇ ବହି ଚାଲିଥାଏ ତ' ଆଉ କେତେବେଳେ ଭୂକଂପନ ଭଳି ଲାଭା ହୋଇ ନଈର ବୁକୁଚିରି ବାହାରି ଆସେ ।

ଯେମିତି ପ୍ରକୃତିର ଅନନ୍ୟ ସୃଷ୍ଟି ଭଗବାନଙ୍କ ଆଶର୍ବାଦରୁ ମୁକ୍ତିଲାଭ କରେ, କୋମଳ ଚାରାଟିଏ ଭୂଇଁରୁ ଉଠି କିଶଳୟ ଟିଏ ପାଲଟିଯାଏ, ଫୁଲ ଫୁଟିଯାଏ, ଗଛ ତାର ପତ୍ର ଦୋହଲାଇ ପ୍ରକୃତିକୁ ସ୍ୱାଗତ କରେ, ବର୍ଷା ତାର ମେଘଫୁଲରେ ଶବ୍ଦ ବ୍ରହ୍ମଙ୍କୁ ଆମନ୍ତ୍ରଣ ଜଣାଇଥାଏ, ଝରଣାର ଜଳ ମଧୁର କଳ ରବରେ ଝରିଯାଇଥାଏ, ସେମିତି ଲେଖକ ବା' ଲେଖିକାର ଏଇ ସୃଜନ ସତ୍ତାଟି ତା' ଭିତରେ କ୍ରମେ କ୍ରମେ ଉଦ୍‌ବେଳନ ସୃଷ୍ଟି କରେ ।

**କିନ୍ତୁ ଏ ସବୁ ଭିତରେ ମୁକ୍ତାବିନ୍ଦୁ ଭଳି ଝଲସି ଉଠୁଥାଏ, ସ୍ନେହ, ପ୍ରେମ ଓ ଭଲ ପାଇବା । ପ୍ରତ୍ୟେକ ମଣିଷ ପାଇଁ ସ୍ନେହର ଏହି ଅନନ୍ୟ ଭାବଟି, ସୃଷ୍ଟି ହେଲେ ହିଁ ଏ ସୃଷ୍ଟି, ସାରା ବିଶ୍ୱ ଓ ଅନ୍ତରୀକ୍ଷ ଅମୃତମୟ ପାଲଟିଯାଏ ।**

କିନ୍ତୁ ଏ ସବୁ ଭିତରେ ମୁକ୍ତାବିନ୍ଦୁ ଭଳି ଝଲସି ଉଠୁଥାଏ, ସ୍ନେହ, ପ୍ରେମ ଓ ଭଲ ପାଇବା । ପ୍ରତ୍ୟେକ ମଣିଷ ପାଇଁ ସ୍ନେହର ଏହି ଅନନ୍ୟ ଭାବଟି, ସୃଷ୍ଟି ହେଲେ ହିଁ ଏ ସୃଷ୍ଟି, ସାରା ବିଶ୍ୱ ଓ ଅନ୍ତରୀକ୍ଷ ଅମୃତମୟ ପାଲଟିଯାଏ ।

ଆକାଶକୁ ଚାହିଁଦେଲେ/ ମେଘ ହିଁ ଉଛୁଳିଯାଏ/ ଅଦିନ ବର୍ଷାରେ/ ପୃଥିବୀର ଅଗଣାରେ/ ପଡିଯାଏ ଚିତା ସବୁ/ ଭିନ୍ନ ଭିନ୍ନ ଫୁଲଙ୍କର/ ଅନନ୍ୟ ରଙ୍ଗରେ/ ଏମିତି ମଙ୍ଗଳମୟ/ ତୀବ୍ର ଅନୁଭବଟିଏ/ ପାରିଜାତ ଫୁଲ ଭଳି/ ମହକିଯାଏ ସଘନେ/ ସ୍ୱପ୍ନର ଭାଷାରେ/ଆଶ୍ଚର୍ଯ୍ୟ ଏ ସମୟ ବି/ ସୁଖର ଶିହରଣରେ/ ସବୁତକ ଅଭାବ ଓ ହତାଶା ମନକୁ ଛୁଇଁ ଛୁଇଁ/ ପୂର୍ଣ୍ଣ କରିଦିଏ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୧୧)

# ମାଆ



ମୂଳ ମରାଠୀ :
**ଉତ୍ତମ କାମ୍ବଲେ**





ଅନୁସୃଜନ:
**ନନ୍ଦିତା ମହାନ୍ତି**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୋ ହାତରେ ଦଶ ଟଙ୍କା ଧରେଇ ଦେଇ ସିଏ ପୁଣି ଚାଲି ଚାଲି ଯିବାକୁ ବାହାରିଲା। ମୁଁ ମାଆ ହାତରୁ ଦଶଟଙ୍କା ନେଲି ସତ ହେଲେ ମନ ମଧ୍ୟରେ ଭୟଙ୍କର କ୍ଷୋଭ ସୃଷ୍ଟି ହେଲା। ମୁଁ ନିଜ ମାଆକୁ କାହିଁକି ଠକିଲି ? ସିଏ ବିଚାରୀ କେତେ ବ୍ୟସ୍ତ ହୋଇ ଦୌଡ଼ି ଆସିଥିଲା । ମୋ ଦ୍ୱାରା ଏକ ବଡ଼ ଭୁଲ ହୋଇ ଯାଇଥିଲା। କିନ୍ତୁ ସେଇ କଥାକୁ ସ୍ୱୀକାର କରିବାର କ୍ଷମତା ନଥିଲା ମୋର। ପ୍ରାୟଶ୍ଚିତ ସ୍ୱରୂପ ଆସନ୍ତା ବର୍ଷେ, ଦେଢ଼ବର୍ଷ ଯାଏଁ ମୁଁ ମାଆ ଠାରୁ ଗୋଟେ ପଇସା ମାଗିନଥିଲି। ବୋର୍ଡିଂ ସ୍କୁଲର ଅଧୀକ୍ଷକଙ୍କର ଲୁଗାପଟା ଧୋଇଲି, ତାଙ୍କର କମ୍ବଳଚଦର ସଫା କଲି। ସେଇଥିରୁ ବଞ୍ଚି ଯାଉଥିବା ସାବୁନକୁ ନିଜର ଲୁଗାପଟା ଧୋଇବାରେ ବ୍ୟବହାର କଲି। ଘରେ ବି ଅନେକ କାର୍ଯ୍ୟରେ ମୁଁ ସାହାଯ୍ୟ କରିବାକୁ ଲାଗିଲି। ଏହା ଦେଖି ମାଆ ବି ଆହୁରି ଅଧିକ ପରିଶ୍ରମ କରିବାକୁ ଲାଗିଲା । ବାପା କାମକୁ ଯିବା ପାଇଁ ସବୁବେଳେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଆଉ ସିଏ କାମକୁ ଗଲେ ବି ମଜୁରୀ ଯେ ଘରକୁ ଆସିବ ତାର କିଛି ଗ୍ୟାରେଣ୍ଟି ମଧ୍ୟ ନଥିଲା। ହୋଟେଲରେ ସିଏ ଉଧାର କରି ଚାହା ପିଉଥିଲେ। ବିଡ଼ି ବି ଧାର୍ କରି କିଣୁଥିଲେ। ଆଉ ମଜୁରୀ ମିଳିଲା ମାତ୍ରେ ତାହା କରଜ ସୁଝିବାରେ ସରି ଯାଉଥିଲା। ଶେଷରେ ମାଆ ହିଁ ଗୋଟେ ଉପାୟ କାଢିଲା। ବାପା ଯାହାଙ୍କ ଘରେ କାମ କରୁଥିଲେ, ସେଇ ସବର୍ଣ୍ଣଙ୍କ ଘରକୁ ସିଏ ଗଲା। ଆମେ ସେମାନଙ୍କୁ ବେପାରୀ ବୋଲି କରୁଥିଲୁ। ମାଆ ତାଙ୍କୁ କହିଲା "ମୋ ସ୍ୱାମୀ ଯାହା ମଜୁରୀ ପାଇବା କଥା, ସେଇଟା ମୋ ହାତରେ ଦିଅ। ତା ହାତରେ ପଇସା ପଡ଼ିଲେ ସିଏ ସବୁ କିଛି ଉଡେଇ ଦଉଛି। ଘରସଂସାର ଚଳେଇବାକୁ ଭାରି କଷ୍ଟ ହେଉଛି।"

ବେପାରୀ ପ୍ରଥମେ ଟିକେ ଦୋ'ଦୋ' ପାଞ୍ଚ ହେଲା। ହେଲେ ତା ପରେ ମାଆ କଥା ମାନିଗଲା। ଖର୍ଚ୍ଚ ପାଇଁ ଦୁଇ/ ଚାରି ଟଙ୍କା ଅଧିକ ବି ଦେବାକୁ ଲାଗିଲା। ତାର ଇଚ୍ଛା ଥିଲା, ବାପା ପରିବାବାଡ଼ି ଜଗିବା ପାଇଁ ତା ଘରେ ହିଁ ରୁହନ୍ତୁ। ବାପା କିନ୍ତୁ ଖୁବ୍ ବେପରୁଆ ଥିଲେ। ହେଲେ ବେପାରୀ ସବୁ କିଛି ସମ୍ଭାଳି ନେଉଥିଲା। ଅନ୍ୟ ଅର୍ଥରେ କହିଲେ ବାପାଙ୍କରମାଲିକ ଘରେ ରହି କାମ କରିବା ପୁଣି ଆରମ୍ଭ ହୋଇ ଯାଇଥିଲା। ସେଇ କାମ ଛାଡ଼ି ବାପା ମିଲେଟ୍ରିରେ ଯାଇଥିଲେ। ଗାଁକୁ ଫେରିବା ପରେ ପୁଣି ସେଇ ଚକ୍ର ଆରମ୍ଭ ହୋଇ ଯାଇଥିଲା। ତାଙ୍କୁ ଲେଖାପଢା ଆସୁ ନଥିଲା। ହେଲେ ମିଲେଟ୍ରିରେ ଗଲା ପରେ ସିଏ ଦସ୍ତଖତ କରିବା ଶିଖି ଯାଇଥିଲେ। ସେନା ନିବୃତ୍ତ ଯବାନମାନଙ୍କୁ ସେତେବେଳେ ସରକାର ଜମି ଦଉଥିଲେ। ହେଲେ ବାପାଙ୍କୁ ଏ ବିଷୟରେ କିଛି ଜଣାନଥିଲା। ନା ତାଙ୍କୁ ଜମି ମିଳିଲା ନା ବାହାରେ କେଉଁଠି ଚାକିରି। ତାଙ୍କର ଜୀବନ ସେଇ ଦିନ ମଜୁରିଆରେ ହିଁ ଆରମ୍ଭ ହୋଇଥିଲା। ଆଉ ସେଇଥିରେ ହିଁ ଶେଷ ହେଲା।

(୧୧)

ମାଆର ହାତ ତିଆରି ଖାଦ୍ୟ ମୋତେ ଜମାରୁ ଭଲ ଲାଗୁନଥିଲା। କେବେକେବେ ତ ପାଟିରେ ଦେବାକୁ ଇଚ୍ଛା ହେଉନଥିଲା। ଦଶ ପଇସାର ହରଡ଼ ଡାଲି ସିଏ ଦୁଇ ଓଳି ରୋଷେଇ କରୁଥିଲା। ଦଶ ପଇସାର ବାଦାମ ତେଲ ବି ଦୁଇଓଳି ଚାଲୁଥିଲା। ଆମଟୀ (ଗୁଡ଼ ଆଉ ତେନ୍ତୁଳି ପକାଯାଇ ତିଆରି କରାଯାଉଥିବା ଡାଲି)ରୁ ଡାଲି ଗାଏବ୍ ରହୁଥିଲା। ତେଲ ବି ରହୁନଥିଲା। କଞ୍ଚା ଲଙ୍କା ବାଟି ଚଟଣି ରୂପରେ ବ୍ୟବହାର କରାଯାଉଥିଲା। ଖାଇଲାବେଳେ ମୁଁ ନାକ ଟେକୁଥିଲି। ମାଆ କହୁଥିଲା "ମଣିଷ ନିଜର ଜିଭର ସ୍ୱାଦକୁ ଏତେ ବେଶୀ ମୂଲ୍ୟ ଦେବା ଉଚିତ୍ ନୁହେଁ। ନିଜ ପାଖରେ ଯାହା ଅଛି ସେଇଥିରେ ସନ୍ତୁଷ୍ଟ ହେବା ଉଚିତ୍।" ମୋତେ ଏଇ ଜୀବନ-ଦର୍ଶନ ଜମାରୁ ଭଲ ଲାଗୁନଥିଲା। ବେଳେବେଳେ ଆମେ ସବୁ ଆମଟୀ ଖାଇ ଦେଉଥିଲୁ। ତା ଭାଗ୍ୟରେ ଖାଇବା ପାଇଁ ରହିଯାଉଥିଲା ଖାଲି ଯଅ-ରୁଟି ଆଉ କଞ୍ଚାଲଙ୍କା ଚଟଣୀ। ଶେଷରେ ସିଏ ପାଣି ପିଇ ଶୋଇ ପଡୁଥିଲା। ମାଆ ଭୋକରେ ରହୁଥିଲା। ରୁଟି ନ ମିଳିଲେ ଭୋକକୁ ମାରିବା ପାଇଁ ତା ପାଖରେ ଅନ୍ୟ ଅନେକ ଉପାୟ ଥିଲା। ଜାଣେନା, କେମିତି ସିଏ ଏତେ ଉପାୟ କାଢି ନେଇଥିଲା ଭୋକ ମାରିବା ପାଇଁ। ସେଇ ସମୟରେ ସିଏକେବେ ହେଲେ ରୋଗରେ ପଡ଼ିଥିବାର ଓ ଔଷଧ ଖାଇବାର ବା ଇଞ୍ଜେକ୍‌ସନ୍ ନେବାର ପରିସ୍ଥିତି ଉପୁଜି ଥିବାର ମୋର ମନେ ପଡୁନାହିଁ। କେବେ କେବେ ଦେହ ଘୋଳାବିନ୍ଧା କରୁଛି କହି ସିଏ କାଙ୍କୁରିମାଙ୍କୁରି ଓଃ ! ଆଃ ! ହେଉଥିଲା। ଓଃ !ଆଃ ! ହୋଇ ସିଏ ଚୁଲି ଜାଳୁଥିଲା। ଦିନମଜୁରୀ କାମରେ ହାଜିରା ପଡ଼ି ପାରୁନଥିଲା। ଏମିତି ହେଲେ ମାଆକୁ ବହୁତ କଷ୍ଟ ଲାଗୁଥିଲା। ଏଇ କ୍ଷତିର ଭରଣା ପାଇଁ ସିଏ ମନେ ମନେ ଯୋଜନା କରୁଥିଲା। କୌଣସି ନା କୌଣସି ପ୍ରକାରେ, ଶୀଘ୍ର ହେଉ ବା ଡେରିରେ, ଏହାର ଭରଣା ହୋଇଯାଉଥିଲା। ବର୍ଷା ଋତୁ ଆସିବାର ସୂଚନା ପାଇଲା ମାତ୍ରେ ଚାଷୀଙ୍କର କ୍ଷେତରେ ବାଦାମରୁ ମଞ୍ଜି ବାହାର କରିବ କାମ ଆରମ୍ଭ ହୋଇଯାଉଥିଲା। ଆମେମାନେ ବାଦାମ ମଞ୍ଜି ଛଡ଼େଇବା ପାଇଁ କ୍ଷେତକୁ ଯାଉଥିଲୁ। କାମ କରିଲାବେଳେ ଯେତେ ଇଚ୍ଛା ସେତେ ବାଦାମ ଖାଅ, ଚାଷୀ ମନା କରୁନଥିଲେ। ହେଲେ ସେଦିନ ରାତିରେ ଖାଇବାକୁ ମିଳୁ ନଥିଲା। ଆମ ଭିତରୁ କାହାର ବି ଦେହ ବ୍ୟସ୍ତ ହେଲେ ମାଆ ଅସହଜ ହୋଇ ପଡୁଥିଲା। ଔଷଧ କିଣିବା ପାଇଁ ପଇସା ନଥିଲା। କେଉଁଠୁ ବିଭୁତି ଆଣି ସିଏ ଲଗାଇ ଦେଉଥିଲା। ଗାଁରେ ଥିବା ବ୍ୟବସାୟୀମାନଙ୍କ ଘରକୁ ଯାଇ ସିଏ ଘୋଳ ଦହି, ଆଚାର କିମ୍ବା ବାସିରୁଟି ମାଗି ଆଣୁଥିଲା। ମାଆ ବଡ଼ ଆଗ୍ରହ କରି କହୁଥିଲା, ଦେହ ଖରାପ ହେଲେ ଜିଭର ସ୍ୱାଦ ବାରିବାର ଶକ୍ତି ବିଗିଡ଼ି ଯାଏ। ବାପାରେ, ଘୋଳ ଦହି ଆଉ ରୁଟି ଖାଇଦେ। ମୁଁ ଆଜି କହିପାରିବିନି କେମିତି, ହେଲେ ବାସି ଖାଦ୍ୟକୁ ପେଟଭରି ଖାଇଲେ ବି ବେମାରୀ ଦୌଡ଼ି ପଳାଉଥିଲା। ସତ କହିବି... ଆଜି ମୋତେ ଲାଗୁଛି ସେଇ ଅସୁସ୍ଥତା ପେଟ ଭରି ଖାଦ୍ୟ ଖାଇବା ପାଇଁ ହିଁ ହେଉଥିଲା।

ମାଆ ଯେବେ ବି ମୋର ନାସିକ ଘରକୁ ଆସୁଥିଲା, ତାକୁ ପେଟପୁରା ଖୁଆଇବା ପାଇଁ, ଭିନ୍ନ ଭିନ୍ନ ପ୍ରକାରର ତରକାରୀ ବନେଇବାର ଇଚ୍ଛା ମୋ ମନରେ ଜାଗୁଥିଲା। ମୋର ସ୍ତ୍ରୀ ତିଆରି କରୁଥିଲା। କିନ୍ତୁ ଏ ସବୁ ଖାଇଲେ ତାର ଶ୍ୱାସରୋଗ ବାହାରୁଛି। ଯାକୁ ଖାଇଲେ ନିଶ୍ୱାସ ବଳଉଛି, କହି ସିଏ ସବୁ ପ୍ରକାର ଖାଦ୍ୟକୁ ମନା କରି ଦଉଥିଲା। ଗୋଟେ/ ଦୁଇଟା ରୁଟି କୌଣସି ମତେ ପକେଇ ଦେଉଥିଲା ପ୍ଲେଟରେ। କେବେହେଲେ ଭଲକରି ପେଟ ଭର୍ତ୍ତି ଖାଉନଥିଲା। ଏଇ କଥାକୁ ନେଇ ଆମ ଭିତରେ ଖୁବ୍ ଝଗଡ଼ା ହେଉଥିଲା। ପାଖାପାଖି ୨୫-୩୦ ବର୍ଷ ଯାଏଁ ପ୍ରତିଦିନ ସକାଳ ଓ ରାତି ଦୁଇଓଳି ମୁଁ ଓ ମାଆ ଗୋଟିଏ ଗୋଟିଏ ରୁଟି ହିଁ ଖାଉଥିଲୁ। କାରଣ ତାର ପୁରୁଣା ବିଚାର ଅନୁସାରେ, ମୋ ପାଇଁ, ବାପାଙ୍କ ପାଇଁ, ଛୋଟ ଭାଇ ଭଉଣୀମାନଙ୍କ ପାଇଁ ଗୋଟିଏ କିମ୍ବା ଦେଢଟାରୁଟିର କୋଟା ସ୍ଥିର ହୋଇଥିଲା। ହେଲେ ଏବେ ମୋତେ ଲାଗୁଥିଲା, ମାଆର ପେଟ ଭର୍ତ୍ତି ଖାଇବା ଉଚିତ୍ । ହେଲେ ସିଏ ଅନ୍ୟମନସ୍କ ଭାବରେ କହୁଥିଲା "ଏବେ ତ ମୋର ଶରୀର ଶବ ପାଲଟି ଗଲାଣି। ଆଉ କାହିଁକି ଏ ସବୁ କରିବାକୁ କହୁଛୁ? ତୁ କାହିଁକି ଖାଉନୁ?" ମୁଁ ତାକୁ କହୁଥିଲି "ମୋର ଡାଇବେଟିସ ଅଛି। ଡାକ୍ତର ଯେତିକି ଖାଇବାକୁ କହିଛି ସେତିକି ଖାଉଛି ମୁଁ।"

ମାଆ ନିରାଶ ହୋଇ କହୁଥିଲା "ପୁଅରେ ! ଆମ ଦୁଇ ଜଣଙ୍କ ଭାଗ୍ୟରେ ହିଁ ପେଟପୂରା ଖାଦ୍ୟ ଖାଇବା ଲେଖା ହୋଇନି। ଦେଖ ! ଏମିତି ହିଁ ହୁଏ..." ମାଆର କଥା ଶୁଣି ସତକୁ ସତ ଖରାପ ଲାଗୁଥିଲା।

(୧୨)

ମୋତେ ମୋର ସାନ ପୁଅ ଜନ୍ମ ସମୟରେ ଘଟିଥିବା ଗୋଟିଏ ଘଟଣା କଥା ମନେପଡ଼େ। ମୁଁ 'ଖଳନାୟକ' ସିନେମା ଦେଖିବାକୁ ଯାଇଥିଲି। ଅଭ୍ୟାସବଶତଃ ହେଉ ବା ଅନୁଶାସନର ଏହା ଏକ ଅଂଶ ବୋଲି ଭାବି ହଉ, ମୁଁ କେଉଁ ସିନେମା ହଲକୁ ଯାଉଛି, ତାର ସୂଚନା ମୁଁ ଅଫିସର ସହକର୍ମୀମାନଙ୍କୁ ଦେଇ ଯାଉଥିଲି। ସିନେମା ଆରମ୍ଭ ହେଲା। ଅଧଘଣ୍ଟା ଯାଇଥିବ କି ନାହିଁ ସିନେମା ହଲର ବ୍ୟାଟେରୀବାଲା ମୋର ନାଁ ନେଇ ଚିତ୍କାର କରିବାକୁ ଲାଗିଲା "ଉତ୍ତମ କାମ୍ବଲୀ କିଏ ? ସିଏ ଯଥାଶୀଘ୍ର ହସ୍‌ପିଟାଲ ଯାଆନ୍ତୁ। ତାଙ୍କର ସ୍ତ୍ରୀଙ୍କର ଡେଲିଭରି ହୋଇଛି" ଦୁଇ/ ଚାରି ଥର ସିଏ ଜୋରରେ ପାଟିକଲା । ସିନେମା ଦେଖିବାରେ ମଗ୍ନ ଥିବା ଲୋକମାନେ ବିରକ୍ତ ହୋଇଗଲେ ।ଆଉ ଏପରି ଏକ ବିଚିତ୍ର ଅନୁରୋଧ ଶୁଣି କେତେ ଜଣ ହସିବାକୁ ଲାଗିଲେ। ମୁଁ ସିନେମା ହଲ୍‌ରୁ ବାହାରକୁ ବାହାରିଲି। ଶଳା...କେତେ ଦିନ ପରେ ଆଜି ସିନେମା ଦେଖିବାକୁ ଆସିଥିଲି। ସ୍ତ୍ରୀର ଡେଲିଭରିର ମୂହୂର୍ତ୍ତ କଣ ଏଇ ସମୟରେ ହିଁ ନିର୍ଣ୍ଣିତ ହୋଇଥିଲା ? ଦିନସାରା ତ ସିଏ କାହିଁ କିଛି କହି ନଥିଲା ! ମୁଁ ଯେତେବେଳେ ସିନେମା ଦେଖିବାକୁ ବାହାରିଲି ସିଏ ଘରେ ହିଁ ଥିଲା। କେମିତି ଡାକ୍ତରଖାନାକୁ ଯାଇଥିବ ସିଏ ? ତାର କଣ ହୋଇଥିବ ? ମସ୍ତିଷ୍କରେ ଉଠୁଥିବା ଅନେକ ପ୍ରଶ୍ନକୁ ସାଙ୍ଗରେ ନେଇ ସେଠାରୁ ବାହାରିଲି ମୁଁ। ମୁଁ କି.ଏଲ୍.ବାଗ୍‌ର ଡାକ୍ତରଖାନାକୁ ଗଲି। ସେଠି ବରିଷ୍ଠ ସାହିତ୍ୟକାର ରାଓସାହେବ କେତେବେଳୁ ଅପେକ୍ଷା କରିଥିଲେ। ସିଏ ମୋ ଘରକୁ ବି ଯାଇଥିଲେ। ମୋର ପତ୍ନୀକୁ ଏକୁଟିଆ ଡେଲଭରୀ ପାଇଁ ଡାକ୍ତରଖାନାକୁ ଯିବା କଥା ସିଏ ଶୁଣିଥିଲେ ଆଉ ଡାକ୍ତରଖାନା ଯାଇ ଥିଲେ। ଡାକ୍ତରଖାନା କରିଡର୍‌ରେ, ସିଏ ଚିନ୍ତିତ ମୁଦ୍ରାରେ ଏପଟ ସେପଟ ହେଉ ଥିଲେ। ପତ୍ନୀଙ୍କର ଅପରେସନ୍ ଚାଲିଥିଲା। ମୁଁ ଉଦ୍‌ବିଗ୍ନତାର ସହିତ ସେଠାରେ ଅପେକ୍ଷା କରିବାକୁ ଲାଗିଲି। (କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ଜାତି, ଧର୍ମ ଓ ବର୍ଣ୍ଣର ସଂକୀର୍ଣ୍ଣତା ଠାରୁ ଆମେ ବହୁ ଉର୍ଦ୍ଧରେ : ଜନଜାଗୃତି ମଂଚ

ଉଦଳା, ୨୫/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଗୁଡ଼ୁଡ଼ିହା ଗ୍ରାମ ଠାରେ ଚଳିତ ଫେବୃଆରୀ ୨୪ ଓ ୨୫ ତାରିଖ, ଶୁକ୍ରବାର / ଶନିବାର ୨ ଦିନ ଧରି ନବାଗତ ଯୁବକ ଯୁବତୀ ମାନଙ୍କର ସ୍ୱେଚ୍ଛାସେବୀ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜୀବି ମଂଚ, ଭୁବନେଶ୍ୱରର ସାମାଜିକ କର୍ମୀ ପଂଚାନନ ପ୍ରଧାନ, ଜନଜାଗଅତି ମଂଚର ଟିମ ଲିଡ଼ର ଗଦାଧର ଦାଶ ତାଲିମ ପ୍ରଦାନ କରୁଛନ୍ତି । ତାଲିମ ମଧ୍ୟରେ ଗୁଣାତ୍ମକ ଶିକ୍ଷା, ମନରେଗା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଇତ୍ୟାଦି ସ୍ଥାନ ପାଇଛି । ୨ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ନାଚ, ଗୀତ ଓ ଖେଳ ମାଧ୍ୟମରେ ପ୍ରଶିକ୍ଷଣ ଖୁବ୍ ଆନନ୍ଦଦାୟକ ହୋଇ ଉଠିଛି । ଶିବିର ପରିଚାଳନାରେ ଗୌତମ ମହାପାତ୍ର, ସୁମତୀ ମୁର୍ମୁ, ରାଧିକା ହେମ୍ବ୍ରମ ଓ ନିରୁପମା ଦାସ ପ୍ରମୁଖ ସହଯୋଗ କରିବା ସହିତ ଜାତି, ଧର୍ମ ଓ ବର୍ଣ୍ଣର କୁତ୍ସିତ ମାନସିକତା କିପରି ଦେଶ ଗଠନରେ ପ୍ରତିବନ୍ଧକ ସାଜିଥାଏ ବିଭିନ୍ନ ଉଦାହରଣ ମାନ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ୫୦ ରୁ ଉର୍ଦ୍ଧ ଭାଇ ଭଉଣୀ ଏହି ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଛନ୍ତି ।

## ଚଣ୍ଡିଖୋଲ ସଡକ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଣ୍ଡିଖୋଲ ନିକଟରେ ସଡକ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଚଣ୍ଡିଖୋଲ ନେଉଳପୁର ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅନେକଙ୍କ ପ୍ରାଣହାନି ଖବର ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏଥିସହ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।

## ସ୍କୁଲ ପିଲାଙ୍କୁ ମିଳିବ ନୋଟ ବୁକ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଘରୋଇ ସ୍କୁଲ ଭଳି ଏବେ ସରକାରୀ ସ୍କୁଲ ପିଲାଙ୍କୁ ମଧ୍ୟ ନୋଟ ବୁକ୍ ମିଳିବ । ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ନୋଟ ବୁକରେ ହୋମଓ୍ୱାର୍କ ଓ ପାଠ ପଢ଼ା ସମ୍ପର୍କରେ ଉଲ୍ଲେଖ ରହିବ । ଏହାଦ୍ୱାରା ଅଭିଭାବକମାନେ ପିଲା କଣ ପଢୁଛି ଜାଣିପାରିବେ ବୋଲି ସେ କହିଛନ୍ତି ।

# ୧୯ତମ ସର୍ବଭାରତୀୟ ବିଏସଏନଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ହାରି ରନର୍ସଅପ୍ ହେଲା ଓଡ଼ିଶା ବିଏସଏନଏଲ



ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଅହମ୍ମଦାବାଦରେ ଚାଲିଥିବା ୧୯ତମ ସର୍ବଭାରତୀୟ ବିଏସଏନଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବିଏସଏନଏଲ ଓଡ଼ିଶା ଦଳ ନୂଆଦିଲ୍ଲୀର ସିଏନ ଟିଏକ୍ସ ନର୍ଥ ଦଳ ଠାରୁ ୮ ୱିକେଟରେ ପରାସ୍ତ ହୋଇଛି । ଟୁକୁନା ସାହୁଙ୍କ ୮୦ ରନ୍ ଏବଂ ନିରଞ୍ଜନ ବେହେରାଙ୍କ ୩୬ ରନ୍ ବଳରେ ଓଡ଼ିଶା ୨୦ ଓଭରରେ ୪ ୱିକେଟ୍ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା । ଜବାବରେ ସିଏନ ଟିଏକ୍ସ ନର୍ଥ ଦଳ ଆଉ ଗୋଟିଏ ବଲ ବାକି ଥାଇ ଆଠ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଓଡ଼ିଶାର ଟୁକୁନା ସାହୁଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ନିରଞ୍ଜନ ବେହେରାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଚୟନ କରାଯାଇଥିଲା । ଓଡ଼ିଶା ବିଏସଏନଏଲର ପାଞ୍ଚ ଜଣ ଖେଳାଳୀ - ବିବିସିସି ମହାପାତ୍ର, ନିରଞ୍ଜନ ବେହେରା, ଟୁକୁନା ସାହୁ, ବିକାଶ ପତି, ପ୍ରିୟବ୍ରତ ପ୍ରଧାନଙ୍କୁ ସର୍ବଭାରତୀୟ ବିଏସଏନଏଲ କ୍ରିକେଟ ଟିମ୍ ପାଇଁ ଚୟନ କରାଯାଇଛି ।

# ସଂଖ୍ୟାଲଘୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବାଲେଶ୍ୱର, ୨୫/୦୨ (ନି.ପ୍ର): ଓଡ଼ିଶା ଷ୍ଟେଟ ମାଇନୋରିଟି ଆଡଭୋକେଟ ଆସୋସିଏସନ (ଓସମା) ଜିଲା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ କୋହିନୁର ପ୍ୟାଲେସ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ କମାଲ ଜାଫରଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଉତ୍ତରୋତ୍ତର ଉନ୍ନତି କାମନା ସହ ଆଇନସେବା ପ୍ରଦାନରେ ପାରଙ୍ଗମତା ବୃଦ୍ଧି ଓ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଉପସ୍ଥିତ ସଂଖ୍ୟାଲଘୁ ଆଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ନୂତନ ଭାବେ ଆଇନ ସେବାରେ ଯୋଗ ଦେଉଥିବା ଆଇନଜୀବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଶେଖ ଉମରୁଦ୍ଦିନ, ବାଲେଶ୍ୱର ବାର ଆସୋସିଏସନର ପୂର୍ବତନ ସଭାପତି ତ୍ରିଦିପ ନାୟକ, ବାର ଆସୋସିଏସନର ଉପ-ସଭାପତି ନୃସିଂହ ଚରଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ଶ୍ରେଷ୍ଠ ଭିଜିଲାନ୍ସ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ ଶେଖ ହାଜିରୁଦ୍ଦିନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ବାଲେଶ୍ୱରରେ ନୂଆକରି ବୃତ୍ତି ଆରମ୍ଭ କରିଥିବା କୁଲସୁମ ନେସା, ବୁମରା ରୌଫ, ସାହିନ ଅଖତର, ସକିଲା ବାନୋ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଶେଖ ଇସତାର ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଶେଖ ଇସଲାମ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ଶେଷରେ ଆଇନଜୀବୀ ସାହିରୁଲ ହକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶେଖ ହମିଦ, ଶେଖ ସାହିଦ, ଶେଖ ଅନିସ, ଶେଖ ମମତାଜ, ସବାନା ପରବିନ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# କାର୍ଯ୍ୟରତ କୃଷକ ସାଥିର ପରଲୋକ : ସହାୟତା ଦାବିକଲା ସଂଘ



ଜଳେଶ୍ୱର, ୨୫/୨(ନି.ପ୍ର): ଜଣେ କାର୍ଯ୍ୟରତ କୃଷକ ସାଥିର ପରଲୋକ ହୋଇଥିବାରୁ ସେ ଅଂଚଳର କୃଷି ବିକାଶ ନେଇ ସନ୍ଦେହ ପ୍ରକଟ ହୋଇଛି । ଅନ୍ୟପକ୍ଷରେ ମୃତ କୃଷକ ସାଥିର ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣ ବାଡିଆ ପଂଚାୟତର ଛୋଟଖାନପୁର ଗାଁର କୃଷକ ସାଥି ସୁଶାନ୍ତ ପ୍ରଧାନ (୪୮)ଙ୍କର ଆଜି ସକାଳେ ଦେହାନ୍ତ ହୋଇଛି । ସେ ବହୁମୂତ୍ର ରୋଗରେ ଦୀର୍ଘବର୍ଷ ପିଡିତ ଥିବା ବେଳେ ହଠାତ୍ କିଡନୀ ରୋଗରେ ପିଡିତ ହୋଇଥିଲେ । ସେ ୨୦୦୮ରୁ କୃଷକସାଥିଭାବେ କାର୍ଯ୍ୟ କରି ଆସୁଥିବା ବେଳେ ତାଙ୍କ ଅବର୍ତ୍ତମାନରେ ସ୍ତ୍ରୀ, ପୁଅ ଓ ଝିଅ ଆଗାମୀ ଦିନରେ ପେଟପୋଷଣ କରିବାଲାଗି ସନ୍ଦିହାନ ହୋଇ ପଡିଛନ୍ତି । ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା ସହିତ ସରକାରୀ ସହାୟତାଲାଗି ଜଳେଶ୍ୱର ବ୍ଲକର ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଘ ସଭାପତି ଗୋକୁଳାନନ୍ଦ ପ୍ରଧାନ ଦାବୀ ଜଣାଇଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ଜଳେଶ୍ୱର ଗୋଷ୍ଠୀ କୃଷି ଅଧିକାରୀ ସଂଜୟ ରାଉତ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ରାଜକିଶୋର ଦାସ, ଶ୍ରୀକାନ୍ତ କିସ୍କୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୮୦ ହଜାର ଟଙ୍କା ଚୋରୀ

ନୀଳଗିରି, ୨୫/୦୨ (ନି.ପ୍ର): ଘରେ କେହି ନ ଥିବା ବେଳେ ଦୁବୃତମାନେ ଏହାର ସୁଯୋଗ ନେଇ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୮୦ଜହାର ଟଙ୍କା ଚୋରି କରି ଘରେ କଳାକନା ବୁଲାଇ ଦେଇଛନ୍ତି । ପରିବାର ଲୋକେ ଘରେ ପହଂଚିବା ପରେ ଏସବୁ ଅଘଟଣ ଦେଖିବାକୁ ପାଇଲା ପରେ ପୋଲିସର ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ଘାଟଘରସାହି ଗ୍ରାମର ମନୋରଂଜନ ବେହେରାଙ୍କ ଘରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି । ମନୋରଂଜନ ଙ୍କ ପରିବାର ଏକ ବିବାହ ଉତ୍ସବରେ ଯାଇଥିବା ବେଳେ ଦୁବୃତମାନେ ଏହାର ସୁଯୋଗ ନେଇ ଘରର ତାଲା ଭାଙ୍ଗି ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୮୦ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି । ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ନୀଳଗିରି ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସନ୍ଧାନୀକୁକୁର ଟିମକୁ ଆଣି ତଦନ୍ତ ଜାରି ରଖିଛନ୍ତି । ସୂଚନାଥାଉକି ମନୋରଂଜନ ବେହେରା ବିଜେପି ଦଳର ପ୍ରମୁଖ କାର୍ଯ୍ୟକର୍ତା ଥିବା ବେଳେ ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଘଟଣାକୁ ଗୁରୁତ୍ୱର ସହ ନେବା ପାଇଁ ପୋଲିସକୁ ପରାମର୍ଶ ଦେଇଛନ୍ତି ।

# ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର ବିକାଶ ହୋଇଥାଏ

ନୀଳଗିରି, ୨୫/୦୨ (ନି.ପ୍ର): ଆଜିର ସମାଜରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟର ଏକତା ରହିଲେ ଶିକ୍ଷାର ବିକାଶ ଘଟିଥାଏ ବୋଲି ଅନ୍ନଦା ପ୍ରସାଦ ସରକାରୀ ଉ:ପ୍ରା: ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖନ୍ତାପଡ଼ା ପଂଚାୟତର ସରପଂଚ ଯଶମତୀ ମହାଳିକ ନିଜର ଦିଗଦର୍ଶନ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ସି.ଆର.ସି.ସି. ଦେବବ୍ରତ ଦାସ ମଂଚାସୀନ ରହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଗୁଣକୁ ପରିପ୍ରକାଶ କରିବାର ମାଧ୍ୟମ ହିଁ ଉତ୍ସବ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍କୁଲ କମିଟିର ସଭାପତି ଉମାକାନ୍ତ ଶୀଳ, ଗଣେଶ ପ୍ରସାଦ ପୁଟି ମନୋରଂଜନ ଦାସ, ମନୋରଂଜନ ମହାନ୍ତି, ସି.ଆର.ସି.ସି. ପ୍ରଭଞ୍ଜନ ବେହେରା, ପୂର୍ବତନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦାସ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ କୁନିମଣୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସୁଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କମିଟିର ସଭ୍ୟ ଓ ସଭ୍ୟା ଯଥା ସୁରେଶ ପ୍ରଧାନ, ପୁଷ୍ପଲତା ପାତ୍ର, ମମତା ଦାସ, ରାଜଲକ୍ଷ୍ମୀ ମହାଳିକ, ମମତା ବେହେରା, ଆଲୋକ ସ୍ୱାଇଁ, ବିଦ୍ୟାଧର ମହାଳିକ, କମଳାକାନ୍ତ ପୁଟି ପ୍ରମୁଖ ସହଯୋଗ କରିଥିଲେ ।

## ନିଆଁରେ ପୋଡି ମହିଳାଙ୍କ ଜୀବନ ଗଲା

ବସ୍ତା, ୨୫/୦୨ (ନି.ପ୍ର): ବସ୍ତା ବ୍ଲକ ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡାଙ୍ଗିରି ଗ୍ରାମର ମହିଳା ମିନି ମାରାଣ୍ଡି ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି । ମୃତ ମହିଳାଙ୍କ ବୟସ ୨୦ ବର୍ଷ । ଡାକ୍ତର ମାରାଣ୍ଡିଙ୍କ ସ୍ତ୍ରୀ ମିନି ମାରାଣ୍ଡି ଗତ ୨୦ ତାରିଖରେ ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା । ନିଆଁରେ ପୋଡି ସେ ଗୁରୁତର ଆହତ ହୋଇଥିଲେ । ପରିବାରଲୋକେ ତାଙ୍କୁ ମେଡିକାଲ ନ ନେଇ କବିରାଜି ଚିକିତ୍ସା କରୁଥିଲେ । ଅବସ୍ଥା ଗୁରୁତର ହେବାରୁ ଶୁକ୍ରବାର ରାତିରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏ ସମ୍ପର୍କରେ ରୂପସା ଥାନା ପୋଲିସ ୧/୨୩ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଜି ମୃତଦେହ ବ୍ୟବଚ୍ଛେଦ ହୋଇଛି । ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ପୌରପାଳିକା ଉଦ୍ୟାନରେ ସ୍ଥାପିତ ହେବ କବି ଦୀନକୃଷ୍ଣଙ୍କ ବ୍ରଞ୍ଜ ପ୍ରତିମୂର୍ତ୍ତି

ଜଳେଶ୍ୱର, ୨୫/୨(ନି.ପ୍ର): ବହୁ ତର୍କବିତର୍କ ପରେ ଭକ୍ତକବି ଦୀନକୃଷ୍ଣ ଦାସ ଜଣେ ଓ ଅଭିନ୍ନ ବୋଲି ବିଶେଷଜ୍ଞମାନେ ମତ ଦେଇଥିବା ବେଳେ ତାଙ୍କ ଜନ୍ମସ୍ଥାନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀକୂଳ ମୁଣତୁଣିଆ ଗାଁରେ ବୋଲି ସ୍ପଷ୍ଟ ହୋଇଛି । ଜଳେଶ୍ୱର ମାଟିର ପୁଅ ଭକ୍ତକବି ଦୀନକୃଷ୍ଣ ଦାସ ରୀତିଯୁଗୀୟ କବି ଓ ଶ୍ରୀଜଗନ୍ନାଥଙ୍କ ଉପାସକ । ତେଣୁ ତାଙ୍କର ପ୍ରତିମୂର୍ତ୍ତି ଜଳେଶ୍ୱରରେ ସ୍ଥାପିତ ହେବାକୁ ବହୁବର୍ଷଧରି ଦାବି ହୋଇ ଆସୁଥିଲା । କିନ୍ତୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜଳେଶ୍ୱର ମ୍ୟୁନିସିପାଲଟିରେ କବିଙ୍କ ଏକ ପୂର୍ଣ୍ଣ ଅବୟବ ବ୍ରଞ୍ଜ ମୂର୍ତ୍ତୀ ସ୍ଥାପନ ହେବ ବୋଲି ସ୍ଥିର କରିଥିବା ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ତାଙ୍କ ଚିଠି ନଂ ୧୭୭୧ ତା ୭-୨-୨୩ରେ ଜଳେଶ୍ୱର ପୌରପାଳଙ୍କୁ ଜଣାଇଛନ୍ତି । ଫଳରେ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦନ୍ତ ପରୀକ୍ଷା ଶିବିର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଭର ରେଞ୍ଜର ଓ ମୋ କଲେଜ ମିଳିତ ଭାବରେ ହାଇଟେକ୍ ଡେ ।ଲ କଲେଜ ଓ ହସ୍ପିଟାଲର ସହାୟତାରେ ୨୪.୦୨.୨୦୨୩ ରିଖରେ ଏକ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ । ଅଧକ୍ଷ ଡଃ ଜି.ଏମ୍. ଖାନ୍ ଓ ଉପାଧକ୍ଷା ଡଃ ମଧୁବ୍ରତା ଶତପଥୀ ଏହି ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନିୟମିତ ମୁଖ ଓ ଦନ୍ତର ଯତ୍ନ ସମ୍ବନ୍ଧରେ ସଚେତନ କରାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ହିଣ୍ଡେନବର୍ଗ ଚଡ଼କ ପରେ....

ଆଦାନୀ ଗ୍ରୁପରେ ଏଲଆଇସି ନିବେଶ କରିଥିବା ପୁଞ୍ଜିର ମୂଲ୍ୟ, ଏବେ ସୁଦ୍ଧା ପ୍ରାୟ ୩ହଜାର କୋଟି ଟଙ୍କା କ୍ଷତି ହୋଇଛି । ଅର୍ଥାତ ଆଦାନୀ ଗ୍ରୁପରେ ଏଲଆଇସି ନିବେଶ କରିଥିବା ୩୦ ହଜାର କୋଟି ଟଙ୍କା, ୨୭ ହଜାର କୋଟି ଟଙ୍କାରେ ପହଁଚି ଯାଇଛି । ତେବେ ଏଲଆଇସି ଭଳି ବଡ ସଂସ୍ଥାକୁ ଏହି କ୍ଷତି ବିଶେଷ ଭାବେ ପ୍ରଭାବିତ କରିବ ନାହିଁ ବୋଲି କହିଛନ୍ତି ଅର୍ଥନୀତି ବିଶେଷଜ୍ଞ । ହିଣ୍ଡେନବର୍ଗ ରିପୋର୍ଟ ପରେ, ଆଦାନୀ ଗ୍ରୁପର ପ୍ରାୟ ୧୨ଲକ୍ଷ କୋଟି ଟଙ୍କା କ୍ଷତି ହେଲାଣି । ଶୁକ୍ରବାର ଆଦାନୀ ଗ୍ରୁପର ୧୦ଟି ଗ୍ରୁପ୍ର ସେୟାର ମୂଲ୍ୟ ରେଡ ସିଗନାଲରେ ବନ୍ଦ ହୋଇଥିଲା । ଆଦାନୀ ଟୋଟାଲ ଗ୍ୟାସ, ଆଦାନୀ ଗ୍ରୀନ ଏନର୍ଜି, ଆଦାନୀ ଟ୍ରାନ୍ସମିଶନ, ଓ ଆଦାନୀ ପାଓ୍ୱାର ସେୟାର ମୂଲ୍ୟ ୫ପ୍ରତିଶତ ତଳେ ବନ୍ଦ ହୋଇଥିଲା । ଏପରିକି ଗ୍ରୁପର ଫ୍ଲାଗସିପ୍ ଆଦାନୀ ଏଂଟରପ୍ରାଇଜେସର ମୂଲ୍ୟ ୫ପ୍ରତିଶତ ତଳେ ବନ୍ଦ ରହିଥିଲା ।

# ଆଦିବାସୀ ମେଳାର ଷଷ୍ଠ ସନ୍ଧ୍ୟା : ପ୍ରଦର୍ଶନୀରେ ଦେଖିବାକୁ ମିଳୁଛି ଆଦିବାସୀମାନଙ୍କର ପ୍ରଗତି ଓ ପରିବର୍ତ୍ତନର ନିଖୁଣ ଚିତ୍ର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଫେବୃଆରୀ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା-୨୦୨୩ ଷଷ୍ଠ ଦିନରେ ପହଂଚିଛି । ସାମଗ୍ରିକ ଭାବରେ ଆଦିବାସୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ବାଣିଜ୍ୟିକ କ୍ଷେତ୍ରରେ ଘଟିଥିବା ପ୍ରଗତି ଓ ପରିବର୍ତନର ନିଖୁଣ ଚିତ୍ର ମେଳା ପରିସରରେ ଖୋଲା ଯାଇଥିବା ପ୍ରାଚୀନ ଜନଜାତିଙ୍କ ଦୁନିଆରେ ଦେଖିବାକୁ ମିଳୁଛି । ବିଭିନ୍ନ ଜନଜାତି ବର୍ଗଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଚାହିଦା ଏବେ ଆଶାତୀତ ଭାବରେ ବୃଦ୍ଧି ପାଇଛି । ସହରାଞ୍ଚଳରେ ଏହିସବୁ ସାମଗ୍ରୀ ଉପଲବ୍ଧ ହେବା କଷ୍ଟକର ହୋଇଥିବାରୁ ବର୍ଷକରେ ଥରେ ଅନୁଷ୍ଠିତ ହେଉଥିବା ମେଳାରୁ ତାହା କିଣିବାକୁ ଗୃହିଣୀମାନଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉଛି । ଏହାଛଡ଼ା ଆଦିବାସୀ ସମାଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ଜୈବିକ ଗୁଣ ଏଯାବତ୍ ଅକ୍ଷୁର୍ଣ୍ଣ; ରହିଛି ବୋଲି ଲୋକଙ୍କ ମନରେ ଯେଉଁ ଦୃଢ଼ ଧାରଣା ରହିଛି, ଗୃହିଣୀଙ୍କ ଆଗ୍ରହରୁ ତାହା ବେଶ୍ ଅନୁମାନ କରିହେଉଛି । ଆଜି ମାସର ଚତୁର୍ଥ ଶନିବାର ଛୁଟିଥିବାରୁ ଅପରାହ୍ନରେ ମେଳା ପରିସରକୁ ବହୁ ଲୋକ ନିଜ ପରିବାର ସାଙ୍ଗରେ ଆସି ଆଗ୍ରହ ଓ ଉତ୍ସାହର ସହ ଆଦିବାସୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା- ବାସମତି ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଳୁଅ, ରାଶି ଆଦି କିଣିବାକୁ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ମହୁ, ଲାଖ, ଝୁଣା, ହରିଡ଼ା, ବାହାଡ଼ା ଓ ଅଁଳା ଭଳି ଲଘୁ ବନଜାତ ଦ୍ରବ୍ୟ ବିକ୍ରି ହେଉଥିବା ଷ୍ଟଲଗୁଡ଼ିକ ବୁଲିବାକୁ ଅନେକ ପରିବାର ଆଗ୍ରହ ଦେଖାଇଥିଲେ । ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରସ୍ତୁତ ବଡ଼ି, ପାମ୍ପଡ଼, ହଳଦୀଗୁଣ୍ଡ, ଆଚାର ଆଦି କିଣିବାକୁ ସହରୀ ଗରାଖଙ୍କ ବ୍ୟଗ୍ରତା କିଛି କମ୍ ନଥିଲା । ଆଦିବାସୀ ମେଳାର ସ୍ୱତନ୍ତ୍ର ଆକର୍ଷଣ ହେଉଛି ଜନଜାତିଙ୍କ ସଂସ୍କୃତିର ସଂପଦର ସଂରକ୍ଷଣ ଓ ବିକାଶ ପାଇଁ ପ୍ରତିଷ୍ଠିତ ଓଡ଼ିଶାର ୯ ଗୋଟି ଆଦିବାସୀ ଅଧୁଷିତ ଜିଲ୍ଲାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ପ୍ରଦର୍ଶିତ ୯ ଗୋଟି ଷ୍ଟଲର ସ୍ୱାତନ୍ତ୍ର୍ୟ । ପ୍ରତ୍ୟେକ ଜିଲ୍ଲାର କାରିଗରମାନେ ସେମାନଙ୍କ ସ୍ୱତନ୍ତ୍ର ତଥା ମୂଲ୍ୟଯୁକ୍ତ କଳା ସାମଗ୍ରୀର ପ୍ରଦର୍ଶନ ସହ ଦର୍ଶକମାନଙ୍କୁ ଆକର୍ଷିତ କରୁଛନ୍ତି । ମୟୂରଭଞ୍ଜର ସବାଇ ଘାସର କଳା ସାମଗ୍ରୀ, ଗଜପତିର ଫୁଲଝାଡୁ, ନବରଙ୍ଗପୁରର ଗଣ୍ଡ ଚିତ୍ରକଳା, କନ୍ଧମାଳର କାଷ୍ଠଶିଳ୍ପ, କେନ୍ଦୁଝରର କାଗଜରୁ ପ୍ରସ୍ତୁତ ବିଭିନ୍ନ କଳାବସ୍ତୁ ଇତ୍ୟାଦି ଏକ ଅନନ୍ୟ ଆକର୍ଷଣ ଗ୍ରାହକମାନଙ୍କୁ ଆକୃଷ୍ଟ କରୁଛି ।

# ପରିବେଶ ସୁରକ୍ଷା ତାଲିମ ଶିବିର



ବସ୍ତା, ୨୫/୦୨ (ନି.ପ୍ର): ଆଜିର ସମାଜରେ ଗଛ କାଟି ପରିବେଶକୁ ବିପଥଗାମି କରୁଛନ୍ତି ।ବୃକ୍ଷ ହିଁଜିବନ ବୃକ୍ଷ ନଥିଲେ ମାନବ ସମାଜ ତିଷ୍ଠିବା ବହୁ କଷ୍ଟ ହୋଇ ପଡିବ ବୋଲି ଆଜିର ଏହି ତାଲିମ ଶିବିରରେ ମତ ପ୍ରକାଶ ପାଇଛି । ମେଳକ ତଳତା ପଣ୍ଡା ଅଖିଳ ଭୂମଣ୍ଡଳିୟ ସର୍ବଶିରୋମଣି ସଦଜ୍ଞାନ ଯାଗୃତି ଶେବାଶ୍ରମ ପକ୍ଷରୁ ପରିବେଶ ସୁରକ୍ଷା ତାଲିମ ଶିବିର ବାହାର୍ଦ୍ଧାପଞ୍ଚାୟତ ର ବାରିଦା ଆର କେ ଯେଜୁକେସନ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇ ଅଛି । ଶାଖାର ଯୋଗ ଶିକ୍ଷକ ସ୍ଥାୟି ସଭାପତି ଦାଶରଥି ରାଉତଙ୍କ ପୌରହିତ୍ୟରେ ଯୁବ ସମାଜ ସେବୀ ସୁମନ୍ତ କୁମାର ଜେନା, ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ଲକ୍ଷ୍ମୀ ବାସନ୍ତି ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅମରକୁମାର ପାଳ, ସମୟଚକ୍ର ସମ୍ପାଦକ ସମାଜସେବୀ ସର୍ବେଶ୍ୱର ଯେନା ବରିଷ୍ଠ ସାମ୍ବାଦିକ, ବିଜୟ କୁମାର ଭୂୟାଁ, ସୁଶାନ୍ତ ପ୍ରଧାନ ଗଛ ମଣିଷ ଅନ୍ତର୍ଯ୍ୟାମି ରାଉଳ, ଯୋଗ ଦେଇ ବୃକ୍ଷ ରୋପଣ କରିବାସହିତ ତାର ଉପକାରିତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । କୁନିଲତା ଜେନା, ସଦାଶିବଜେନା, ଗୁରୁମା ମଧୁମୀତା, ଅର୍ପିତା ରାଉଳ, ସଧନ୍ଧ୍ୟାରାଣୀ ରାଉଳ, ମମତା ଜେନା, ସମେତବହୁ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ ।

# ଡିଭିଜିନାଲ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ପାଇଁ ନିରବ ପ୍ରତିବାଦ ଧାରଣା



ବସ୍ତା, ୨୫/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ପ୍ରତ୍ୟେକ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଡାକ୍ତର ଅଭାବ ସମସ୍ୟା ବିଗିଡି ଯାଇଛି । ସରକାର ଯଥାଶିଘ୍ର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ । ଏନେଇ ଶନିବାର ବସ୍ତା ଡାକ୍ତର ଖାନା ସମ୍ମୁଖରେ ଜିଲ୍ଲା କ୍ରୀୟାନୁଷ୍ଠାନ କମିଟିର ଉପସଭାପତି କୁମୁଦ ରଞ୍ଜନ ଗିରିଙ୍କ ନେତୃତ୍ୱରେ ଏକ ନିରବ ପ୍ରତିବାଦ ଧାରଣା ଦିଆଯାଇଥିଲା । ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ସତ୍ୟନାରାୟଣ ଗୁପ୍ତା, କୋମଳ ଲୋଚନ ବାରିକ, ସମାଜସେବୀ ଶଙ୍କର କୁମାର କର, କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ସୁଂଧାଂଶୁଶେଖର ଯେନା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ, ସାମ୍ବାଦିକ ସୁଶାନ୍ତ ପ୍ରଧାନ, ସମବାୟ ବିତ ମନୋଜ ମହାନ୍ତି, କଂଗ୍ରେସନେତା ରବିନ୍ଦ୍ର ଦାସ, ଲିଲିମୁଖୀ, ରେବତୀ ରାମ, ରମେଶ ରାଉଳ, ଦେବେନ୍ଦ୍ର ନାୟକ, ଅଭୟ ଲେଙ୍କା ପ୍ରମୁଖ ଧାରଣା ରେ ବସିଥିଲେ । ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ବସ୍ତା ଡାକ୍ତର ଖାନାର ଅଧିକାରୀ ଡା ଦେବ ବ୍ରତ ଜେନାଙ୍କୁ ଦାବୀପତ୍ର ଦିଆଯାଇଥିଲା ।

# 'ଖଡ଼ିଆ' ଜନଜାତିଙ୍କୁ ମିଳୁନି ପ୍ରମାଣପତ୍ର



ଉଦଳା, ୨୫/୦୨ (ନି.ପ୍ର): 'ଖଡ଼ିଆ' ଜନଜାତିଙ୍କୁ ଜାତିଗତ ପ୍ରମାଣପତ୍ର ତହସିଲ କାର୍ଯ୍ୟାଳୟରୁ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି । ଏହିଭଳି ଅଭିଯୋଗଟିଏ ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଗୋଠସାହି, ଶାଳବଣୀ ଓ ନାଇକସାହି ଠାରେ ଥିବା 'ଖଡ଼ିଆ' ବସ୍ତି ଅଂଚଳରୁ ଆସିଛି । ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ମଧ୍ୟରେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିଙ୍କୁ ପ୍ରାରମ୍ଭିକ ସମ୍ବେଦନଶୀଳ ଜନଜାତି ବା ପିଟିଜି ଗୃପ ଭାବରେ ଚିହ୍ନଟ କରାଯାଇଛି । ତେବେ ଆଶ୍ଚର୍ଯ୍ୟ ଜନକ ଭାବରେ ତହସିଲ କାର୍ଯ୍ୟାଳୟରୁ ସମସ୍ତ ଜନଜାତିଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁଥିବା ବେଳେ କେବଳ 'ଖଡ଼ିଆ' ଜନଜାତି କାହିଁକି ଏଥିରୁ ବଂଚିତ ଅଛନ୍ତି ତାହା ଅନେକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି । ଜାତିଗତ ପ୍ରମାଣପତ୍ର ନଥିବାରୁ ଜନଜାତିଙ୍କ ପାଇଁ ଆସୁଥିବା ସରକାରୀ ସୁବିଧା ସୁଯୋଗ 'ଖଡ଼ିଆ' ସମ୍ପ୍ରଦାୟର ଲୋକେ ପାଇପାରୁ ନାହାଁନ୍ତି । କେବଳ କୁଣ୍ଡାବାଇ ପଂଚାୟତ ମଧ୍ୟରେ 'ଖଡ଼ିଆ' ସମ୍ପ୍ରଦାୟର ୧୫୦ ଗୋଟି ପରିବାର ବସବାସ କରୁଛନ୍ତି । ସେହିପରି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୯୦୦ରୁ ଉର୍ଦ୍ଧ 'ଖଡ଼ିଆ' ପରିବାର ବସବାସ କରୁଥିବାର ଖବର ଆମର ହସ୍ତଗତ ହୋଇଛି । ଏଥିପାଇଁ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଜଣାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# କାନପୁର ଓ ନରସିଂହପୁର ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): କଟକ ଜିଲ୍ଲା କାନପୁର ଆଂଚଳିକ ଡିଗ୍ରୀ କଲେଜ ଓ ନରସିଂହପୁର ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ଶନିବାର ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । କାନପୁର ଆଂଚଳିକ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗ ଦେଇ କହିଲେ, ଯଦି ତୁମେ ଜଣେ ପୁଅଙ୍କୁ ଶିକ୍ଷିତ କରୁଛ ତେବେ ଜଣେ ବ୍ୟକ୍ତି ଶିକ୍ଷିତ ହେଉଛନ୍ତି। କିନ୍ତୁ ଯଦି ତୁମେ ଜଣେ ଝିଅଙ୍କୁ ଶିକ୍ଷିତ କରୁଛ ତେବେ ପୂରା ଦେଶ ଶିକ୍ଷିତ ହେବ ଆଉ ଆଗକୁ ବଢ଼ିବ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଟକର ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ 'ମୋ କଲେଜ' ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକ ଯୋଗ ଦେଇ କହିଲେ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ କଲେଜ ତିଆରି। ଏହି କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀମାନେ ଯୋଡ଼ି ହୁଅନ୍ତୁ ବୋଲି ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଅର୍ନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ କହିଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ନୂଆ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ଏହା ସହ ଆଉ ଅଧିକ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଠଗଡ଼ ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କଟକ ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଏବଂ ନରସିଂହପୁର ବ୍ଲକ୍‌ର ପଂଚାୟତସମିତି ଅଧ୍ୟକ୍ଷ ସସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଅଜୟ କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ କଲେଜ ୟୁନିୟନର ଉପଦେଷ୍ଟା ଅରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଓ ସାହିତ୍ୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନରସିଂହପୁର କଲେଜରେ ୩୮ତମ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ କ୍ରିୟାନୁଷ୍ଠାନ କମିଟିର ପ୍ରତିବାଦ ସଭା



ବାଲେଶ୍ୱର, ୨୫/୦୨ (ନି.ପ୍ର): ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ପୂର୍ବ ଘୋଷଣା ଅନୁସାରେ ତଥା ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତୀକ ଗଣଧାରଣା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ନିରବ ପ୍ରତିବାଦ କାର୍ଯ୍ୟକ୍ରମରେ ସମସ୍ତେ ମୁହଁରେ କଳାକନା ବାନ୍ଧିଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ବହୁ ସାମାଜିକ ଓ ଗଣସଂଗଠନର ପ୍ରତିନିଧି ଏହି ଦାବିକୁ ସମର୍ଥନ କରି ନିରବ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଶେଷ କରି ହୃଦରୋଗ, ସ୍ନାୟୁରୋଗ ଓ ମୁତ୍ରାଶୟଜନିତ ରୋଗ ପ୍ରଭୃତି ଗୁରୁତର ରୋଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଜିଲ୍ଲାରେ ଖାଲିପଡ଼ିଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ମଂଜୁରୀପ୍ରାପ୍ତ ଆୟୁଷ ହସପିଟାଲର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ ପ୍ରତିଷ୍ଠା କରିବା, ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଶିକ୍ଷା ପାଇଁ ୧୫୦ ସିଟ୍‌କୁ ବୃଦ୍ଧି କରିବା, ମେଡିକାଲ୍ କଲେଜ୍‌ରେ ମଂଜୁରୀପ୍ରାପ୍ତ ୭୯ଜଣ ପ୍ରଫେସର ଓ ସହକାରୀ ପ୍ରଫେସର, ଅଧ୍ୟାପକ ନିଯୁକ୍ତି, ଏମ୍‌ସ୍ ସେଟେଲାଇଟସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଓ ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏହି ଦାବିସହ ସ୍ଥାନୀୟ ସରକାରୀ ଡାକ୍ତରଖାନାର ଅବ୍ୟବସ୍ଥାର ସୁଧାର ଦାବିକରି ଜଳେଶ୍ୱର ଓ ନୀଳଗିରି ପ୍ରଭୃତି ହସପିଟାଲ୍ ସମ୍ମୁଖରେ ଅନୁରୂପ ଗଣଧାରଣା ଦିଆଯାଇଥିବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ୍ ସେନ୍ ଜଗଦେବ ଓ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଏପ୍ରିଲ୍ ମାସ ସୁଦ୍ଧା ଖାଲିପଡ଼ିଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟବିଭାଗ ଉଦ୍ୟମ କରୁଛି ବୋଲି ଡାକ୍ତର ଜଗଦେବ ପ୍ରକାଶ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ଗଣତାନ୍ତ୍ରିକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଜିଲ୍ଲାପରିଷଦ ସଭାପତି ଶ୍ରୀ ସ୍ୱାଗତ ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ସମେତ ପ୍ରଭାକର ସାହୁ, ନିରଞ୍ଜନ ରାଉତ, ପ୍ରଫେସର ଅନନ୍ତ ପ୍ରଧାନ, ମମତା ମହାପାତ୍ର, ଇଂ. ବନମାଳୀ ନାୟକ, ଇଂ. ହୃଷିକେଶ ସାହୁ, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା, ବେଣୁଧର ବାରିକ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ରାଧାକୃଷ୍ଣ ଜେନା ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।



ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରରେ ମାତୃଭାଷା ଦିବସ ଉତ୍ସବରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି ବିଶିଷ୍ଟ ସାହିତ୍ୟିକ ରତ୍ନାକର ରାଉତ ।

# ଜର୍ମାନୀ ଚାନସିଲର ଶୋଲ୍‌ଜ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ

ନୂଆଦିଲ୍ଲୀ, ୨୫/୦୨ : ଜର୍ମାନୀର ଚାନସିଲର ଓଲାଫ ଶୋଲ୍‌ଜ ଶନିବାର ଏଠାରେ ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଓଲାଫ ଶୋଲ୍‌ଜ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଂଚିଛନ୍ତି । ବିଦେଶ ମନ୍ତ୍ରାଳୟର ମୁଖପାତ୍ର ଅରିନ୍ଦମ ବାଗଚି ଏକ ଟ୍ୱିଟ୍ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜର୍ମାନୀର ଚାନସିଲର ଓଲାଫ ଶୋଲ୍‌ଜଙ୍କ ସହିତ କଥା ହୋଇଛନ୍ତି । ସେ କହିଛନ୍ତି ଯେ, ଦୁଇ ନେତା ୨୦୨୨ ମଇ ମାସରେ ଆୟୋଜିତ ଷଷ୍ଠ ଆଇଜିସି ର ପ୍ରମୁଖ ଫଳାଫଳର ପ୍ରଗତିର ସମୀକ୍ଷା କରିବେ । ପ୍ରତିରକ୍ଷା ଏବଂ ଆର୍ଥିକ ସହଯୋଗକୁ ମଜବୁତ କରିବା, ବିଜ୍ଞାନ ଓ ପ୍ରଯୁକ୍ତି ସହଯୋଗକୁ ବ୍ୟାପକ କରିବାର ଉପାୟ ଉପରେ ଚର୍ଚ୍ଚା କରିବେ । ଅରିନ୍ଦମ ବାଗଚି ଆହୁରି ମଧ୍ୟ କହିଛନ୍ତି ଯେ, ଚତୁର୍ଥ ଥର ପାଇଁ ଦୁଇ ନେତା ଭାରତ - ଜର୍ମାନୀ ସହଭାଗିତାରେ ବିକାଶ ପାଇଁ ନିଜ ନିଜ ମଧ୍ୟରେ ପ୍ରତିବଦ୍ଧତାକୁ ରକ୍ଷା କରି ପ୍ରତି ଏକ ବର୍ଷ ଅନ୍ତରାଳରେ ଏହି ସାକ୍ଷାତ କରୁଛନ୍ତି ।

## ଭିନ୍ନକ୍ଷମ ଯୁବତୀ ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲଦଣ୍ଡ

ବାଲେଶ୍ୱର, ୨୫/୦୨ (ନି.ପ୍ର): ଭିନ୍ନକ୍ଷମ ଯୁବତୀ ଦୁଷ୍କର୍ମକାରୀ ନୀଳଗିରି ଅଞ୍ଚଳର ଚେମନ ନାୟକକୁ ଦୋଷୀ ସାବ୍ୟସ୍ତ ସହ ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ ୧୦ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ୧ମାସ କାରାବାସ ପାଇଁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଏକଲା ପାଇ ଅଭିଯୁକ୍ତ ଚେମନ ଘରକୁ ଟେକିଆଣି ଗତ ୨୦୨୦ ମସିହା ମେ ମାସ ୧୬ ତାରିଖ ଦିନ ଦୁଷ୍କର୍ମ କରିଥିଲେ। ଏହାକୁ ନେଇ ତା ୧୯.୫.୨୦୨୦ ରିଖରେ ଯୁବତୀର ପିତାଙ୍କ ଲିଖିତ ଅଭିଯୋଗ କ୍ରମେ ନୀଳଗିରି ଥାନାରେ ୧୬୨/୨୦ ନଂର ମାମଲା ରୁଜୁ ସହ ପୁଲିସ ଚେମନକୁ ଗିରଫ କରିଥିଲେ। ଏସଟି ନଂ୧୪/୭୨/୨୦-୨୧ରେ ୧୬ଜଣ ସାକ୍ଷୀ ଓ ଆନୁସଙ୍ଗିକ ୧୫ ଗୋଟି ଦସ୍ତାବିଜକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ ମିହିର କୁମାର ପରିଡ଼ା ଅଭିଯୁକ୍ତ ଚେମନକୁ ଦୋଷୀ ସାବ୍ୟସ୍ତ ସହ ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ କୁମାର ଦାଶ ମାମଲା ପରିଚାଳନା କରିଥିଲେ।

# ନୀଳଗିରି ମେଡିକାଲର ଅବ୍ୟବସ୍ଥାକୁ ନେଇ ଅଂଚଳବାସୀଙ୍କ ପ୍ରତୀକ ଧାରଣା



ନୀଳଗିରି, ୨୫/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବର୍ଷ ବର୍ଷ ଧରି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ବେଳେ ମେଡିକାଲର ସୁଧାର ଆଣିବା ପାଇଁ ବହୁବାର ଧାରଣା, ଆନ୍ଦୋଳନ କରାଯାଇଥିବା ବେଳେ କେବଳ ପ୍ରତିଶୃତି ହିଁ ସମାଧାନର ଏକମାତ୍ର ବାଟ ହୋଇଥିବା ବେଳେ କୌଣସି ସୁଫଳ ମିଳି ପାରି ନାହିଁ। ଉକ୍ତ ମେଡିକାଲ ଉପରେ ପ୍ରତିଦିନ ଶହ ଶହ ରୋଗୀ ନିର୍ଭର କରୁଥିବା ବେଳେ ପଡ଼ୋଶୀ ଜିଲ୍ଲାର ଲୋକମାନେ ଏହା ଉପରେ ନିର୍ଭର କରିଥାନ୍ତି। ମାତ୍ର ଦୁଃଖ ପରିତାପର ବିଷୟ ଏ ଯାବତ ବହୁ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଡାକ୍ତରଙ୍କ ପାଇଁ କ୍ୱାଟ ରହିଥିବା ବେଳେ କେହି ଜଣେବି ଡାକ୍ତ ରହୁନାହାନ୍ତି । କୋଟି କୋଟି ଟଙ୍କାର ବହୁ ଉପାଦେୟ ଯନ୍ତ୍ରପାତି ଖତ ଖାଉଥିବା ବେଳେ ଏହାକୁ ଅପରେଟିଂ କରିବା ପାଇଁ କର୍ମଚାରୀ ନାହାନ୍ତି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଅବବ୍ୟବସ୍ଥାକୁ ନେଇ ଶନିବାରଦିନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓକିଲ ବନ୍ଧୁ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ମହୁରଳ ସଂଘର କର୍ମକର୍ତ୍ତା, ସମାଜସେବୀ ମାନେ ମୁହଁରେ କଳାପଟି ବାନ୍ଧି ଦିବା ୧୦ ଟା ଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ମେଡିକାଲ ପରିରରେ ପ୍ରତୀକ ଧାରଣା ରେ ବସିଥିଲେ । ପରେ ଏସ.ଡି.ଏମ.ଓ. ଡା. ସରୋଜିନୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତୀକ ଧାରଣାରେ ବିଜୟ ପାତ୍ର, ରବି ରାଉତ, ସୁରଂଜନ ମହାପାତ୍ର, କିଶୋର ଷଡ଼ଙ୍ଗୀ, ଯୋଗାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ଚିତରଂଜନ ଷଡ଼ଙ୍ଗୀ, ଦେବେନ୍ଦ୍ର ପଣ୍ଡା, ନଳୀନୀ ଜେନା, ରାଜେନ୍ଦ୍ର ଜେନା, କୁନା ଲେଙ୍କା, ପୁରୁଷୋତମ ସେଠୀ, କୁନି ପଣ୍ଡା ସମତେ ୧୦୦ ରୁ ଅଧିକ ନୀଳଗିରି ବାସୀ ସାମିଲ ଥିଲେ ।

## ମହିଳାଙ୍କ ଆତ୍ମହତ୍ୟା : ଥାନାରେ ଅପମୃତ୍ୟୁ ମାମଲା

ବସ୍ତା, ୨୫/୦୨ (ନି.ପ୍ର): ବସ୍ତା ଥାନା ବାଉଁଶମୁଖା ଗ୍ରାମରେ ଶାଢ଼ୀ ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଖବର ପାଇ ମୃତ ଶରୀର ଜବତ କରିଛି। ସୂଚନାରୁ ପ୍ରକାଶ ଏହି ଗ୍ରାମର ଅଶୋକ ପଣ୍ଡାଙ୍କ ଝିଅ ନିବେଦିତା ପଣ୍ଡା ସେହି ଗ୍ରାମର ଶୀତଳ ସାହୁ ଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ବେଳେ ଉଭୟ ପରିବାର ମଧ୍ୟରେ ମତାନ୍ତର ଥିଲେ ମଧ୍ୟ ପରମୁହୂର୍ତ୍ତ ରେ ତାହା ସମାଧାନ ହୋଇଥିଲା । ନିବେଦିତା ଏବଂ ଶୀତଳଙ୍କ ମଧ୍ୟରେ ଗତ ଦୁଇଦିନ ତଳେ ଏକ ଫୋନ୍ କଲ କୁ ନେଇ ସନ୍ଦେହ ପରେ ଏହିଘଟନା କୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ଗୁରୁବାର ବିଳମ୍ବିତ ରାତିରେ ନିବେଦିତା ସିଡି ଘରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଶୀତଳ ବସ୍ତା ବଜାରରୁ କାମ ସାରି ଘରକୁ ଫେରି ନିବେଦିତାଙ୍କୁ ଡାକିଥିବା ବେଳେ ସେ ଶୁଣି ନଥିଲେ । ପରେ କବାଟ ଭାଙ୍ଗି ଦେଖିବାରୁ ସେ ସିଡି ନିକଟରେ ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ।

# ଶିମିଳିପାଳରୁ ପୁଣି ଶିକାରୀ ଗିରଫ : ହରିଣ ମାଂସ, ଦେଶୀବନ୍ଧୁକ ସହ ଅନ୍ୟାନ୍ୟ ସାମଗ୍ରୀ ଜବଦ



ବାରିପଦା, ୨୫/୦୨ (ନି.ପ୍ର): ବିଗତ କିଛି ମାସ ଧରି ଶିମିଳିପାଳ ଅଭୟାରଣ୍ୟ ଜନ୍ତୁ ଶୀକାର ନେଇ ଚର୍ଚ୍ଚାରେ ରହିଥିବା ବେଳେ, ବାରମ୍ୱାର ହାତି ଶୀକାର ଏବଂ ବାଘ ଚମଡା ଜବଦ ଘଟଣାରେ ଉଚ୍ଚ ସ୍ତରୀୟ ତଦନ୍ତ ଚାଲିଥିବା ବେଳେ, ଶୀକାର ଥମିବାର ନାମ ନେଉନି । ଗୁରୁବାର ବିଳମ୍ବିତ ରାତିରେ ପିଥାବାଟା ସାଉଥ ୱାଇଲ୍ଡ ଲାଇଫ ରେଂଜର ଅନ୍ଧାରି ତୋଟା-୨ ବିଟ ଭିତରେ ରାତିରେ ପାଟ୍ରୋଲିଂ କରୁଥିବାବେଳେ, ଏସଟିପିଏଫ ଫରେଷ୍ଟ ଗାର୍ଡ ସନତ କୁମାର ନାୟକ, ଜୟନ୍ତ କୁମାର ମହାନ୍ତି, ରାଜେଶ ହେମ୍ବ୍ରମ, ଦେଓସାଇ ତୁଡି ତଥା ଅନ୍ଧାରି ତୋଟା-୨ ବିଟ ସମସ୍ତ ସୁରକ୍ଷା ସହାୟକ ଗୁରୁବାର ରାତି ପ୍ରାୟ ୧୨.୪୦ ସମୟରେ ସିମିଳିପାଳ ଟାଇଗର ରିଜର୍ଭ ଭିତରେ ଅସ୍ତ୍ରଶସ୍ତ୍ର ଧରିଥିବା ଦୁଇଜଣ ବ୍ୟକ୍ତିଙ୍କୁ ଦେଖି ପିଛା କରିଥିଲେ । ତେବେ ଖୁଂଟା ଥାନା ଅନ୍ତର୍ଗତ ଅଗ୍ନୀକୁମାରୀ ଗ୍ରାମର ଗୋବିନ୍ଦ ଟୁଡୁ ପି- ଚିନ୍ତାମଣି ଟୁଡୁ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ହରିଣର ମାଂସ ସହିତ ଏକ ଲୋଡେଡ ଦେଶୀ ବନ୍ଧୁକ, ଗନ ପାଉଡର, ଲୁହା ବଲ୍ ଏବଂ ଲୁହାଖଣ୍ଡ, ଫାସ, ମଶାଲ, ଟର୍ଚ୍ଚ ଲାଇଟ, ବାସନ କୁସନ, ଖାଦ୍ୟ ସାମଗ୍ରୀ ଇତ୍ୟାଦି ଜବଦ କରିଥିବାର ଜଣାଯାଇଛି । ତେବେ ଅନ୍ୟ ଜଣେ ଶୀକାରୀ ରାତିର ଘନ ଅନ୍ଧକାରର ସୁଯୋଗ ନେଇ ଖସିଯିବାରେ ସଫଳ ହୋଇଥିବାର ଜଣାଯାଇଛି । ତେବେ ଏ ବାବଦରେ ପିଥାବାଟା ସାଉଥ ୱାଇଲ୍ଡ ଲାଇଫ ରେଂଜ ଅଧୀନରେ ଏକ ବନ୍ୟଜନ୍ତୁ ଅପରାଧ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଘଟଣାର ଅଧିକ ତଦନ୍ତ ଚାଲିଥିବା ଜଣାଯାଇଛି । ଶୀକାରୀଙ୍କୁ ଧରିଥିବା ଫରେଷ୍ଟଗାର୍ଡ ଏବଂ ସୁରକ୍ଷା ସହାୟକ ମାନଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିବାର ଶିମିଳିପାଳ ସାଉଥ ୱାଇଲ୍ଡଲାଇଫ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି ।

# ନୀହାରକନ୍ୟା ସାହିତ୍ୟ ସଂସଦ ରୌପ୍ୟ ଜୟନ୍ତୀରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ନାମ ଘୋଷିତ

ସୋର, ୨୫/୦୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୫ ତାରିଖରେ ହେବାକୁ ଥିବା ନୀହାରକନ୍ୟା ରୌପ୍ୟ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ ହେବା ପାଇଁ ଓଡ଼ିଶାର ପ୍ରତିଭାଧର ସାହିତ୍ୟିକ କବି, ଗାଳ୍ପିକଙ୍କ ନାମ ଘୋଷଣା କରାଯାଇଛି। ଚଳିତ ବର୍ଷ ନୀହାରକନ୍ୟା ସାରସ୍ୱତ ସମ୍ମାନ- ପାଇବେ ବିଶିଷ୍ଟ କବୀ ଅନ୍ନପୂର୍ଣ୍ଣା ମହାନ୍ତି। ସେହିପରି ନୀହାରକନ୍ୟା ଗଳ୍ପ ସମ୍ମାନ-ଗାଳ୍ପିକ ସୁରେଶ ଛୋଟରାୟ, ନୀହାରକନ୍ୟା କବିତା ସମ୍ମାନ- କବି ବିରଜା ବଳ, ନୀହାରକନ୍ୟା ଦିବ୍ୟସିଂହ ଦାସ ଅଧିକାରୀ କବିତା ସମ୍ମାନ- ସୁଚିତ୍ରା ପାଣିଗ୍ରାହୀ, ନୀହାରକନ୍ୟା ବିତନୁ ନାୟକ ସାରସ୍ୱତ ସମ୍ମାନ- ଗାଳ୍ପିକ ବନମାଳୀ ସେନାପତି, ନୀହାରକନ୍ୟା ଶବ୍ଦରାଗ କବିତା ସମ୍ମାନ-ସରୋଜ ମହାପାତ୍ର, ନୀହାରକନ୍ୟା ରମାମଣି ପାତ୍ର କବିତା ସମ୍ମାନ-କୈଳାସ ଚନ୍ଦ୍ର ସାହାଣୀ, ନୀହାରକନ୍ୟା ଗଦାଧର ପତି ରମ୍ୟରଚନା ସମ୍ମାନ- ଗାଳ୍ପିକ ରାଧାଶ୍ୟାମ ରାଉଳ, ନୀହାରକନ୍ୟା କଳ୍ପନା ପତି କବିତା ସମ୍ମାନ- କବୀ ଶୋଭନା ଜେନା, ନୀହାରକନ୍ୟା ଶବ୍ଦ ସ୍ୱାଗତିକା ସମ୍ମାନ- କବୀ ମିତା ପଟ୍ଟନାୟକ, ନୀହାରକନ୍ୟା ପଲ୍ଲୀଶ୍ରୀ ସମ୍ମାନ- ବିକାଶ କୁମାର ଶତପଥୀ, ନୀହାରକନ୍ୟା ପ୍ରିୟକବି ଓ କବିତା ସମ୍ମାନ- କବି ଚିତ୍ତରଞ୍ଜନ ନାୟକ, ନୀହାରକନ୍ୟା ସର୍ଜନ ସମ୍ମାନ-ଗାଳ୍ପିକ ଶଶାଙ୍କ ପ୍ରିୟସଖା, ନୀହାରକନ୍ୟା ପ୍ରଜ୍ଞାଦୀପ୍ତ ସମ୍ମାନ- କବୀ-ଲାବଣ୍ୟ ନାୟକ, କବି କାମଦେବ ମହାରଣା, କବୀ ନିରୁପମା ବେହେରା, କବି ବିଶ୍ୱନାଥ ନାୟକ ଏବଂ ଯୁବ ପ୍ରତିଭା ସମ୍ମାନ ପାଇବେ- ଗାଳ୍ପିକ ଡିଲେଶ୍ୱର ରଣା, କବି ଯାଦବେନ୍ଦ୍ର ସାହା, କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ, କବି ପ୍ରବୀଣ କୁମାର କବ, କବି ଦିପୁନ ପୁହାଣ ଏବଂ ଗାଳ୍ପିକ ସୁବ୍ରତ କୁମାର ସେନାପତି। ସଂସଦର ସଭାପତି ଉମାକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂପର୍କରେ ନିଷ୍ପତ୍ତି ହୋଇଥିବା ସଂପାଦକ ସୁରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

# ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଦାବିରେ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ନିରବ ପ୍ରତିବାଦ



ଜଳେଶ୍ୱର, ୨୫/୨(ନି.ପ୍ର): ଜଳେଶ୍ୱର ଅଂଚଳରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅବହେଳା ଓ ବିପର୍ଯ୍ୟସ୍ତ ହୋଇଥିବା ବେଳେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିକେଭଟ୍ଟର ଓ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିରବ ପ୍ରତିବାଦ ଆଜି ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ଜିକେଭଟ୍ଟର, ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟକନ୍ଦ୍ରେ ଓ ଅନ୍ୟ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନଥିବାରୁ ଆନ୍ଦୋଳନକାରୀମାନେ ମୁହଁରେ କଳାପଟି ବାନ୍ଧି ଦୁଇଘଣ୍ଟାଧରି ପ୍ରତିବାଦ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ, ନର୍ସ, ଫାର୍ମାସିଷ୍ଟ ନିଯୁକ୍ତି, ଜଳେଶ୍ୱରରେ ଟ୍ରମା ସେଣ୍ଟର ପ୍ରତିଷ୍ଠା, ଫକୀରମୋହନ ମେଡିକାଲ କଲେଜରେ ୧୦୦ ସିଟ୍‌ରୁ ୧୫୦ ସିଟ୍‌କୁ ବୃଦ୍ଧି, ଏମ୍‌ସ୍ ସେଟେଲାଇଟ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ, ସବୁଦିନ ଆଉଟ୍‌ଡୋର୍ ଓ ଇକୋ କାଡିଓଗ୍ରାମ ସ୍ଥାପନ, ଆୟୁଷ ହସ୍‌ପିଟାଲ ନିର୍ମାଣ, ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା, ସରକାରୀ ନର୍ସିଂ ଓ ଫାର୍ମାସିଷ୍ଟ କଲେଜ ପ୍ରତିଷ୍ଠା, ବାଲେଶ୍ୱର ମେଡିକାଲ କଲେଜର ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ସେମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ବ୍ଲକ ସଭାପତି କମଳ ଚକ୍ରବର୍ତ୍ତୀ, ସଂପାଦକ ଅଜିତ୍ ମହାନ୍ତି, କେନ୍ଦ୍ରୀୟ କମିଟି ସଂପାଦକ ଦିଲ୍ଲିପ ଗିରି, ଅରୁଣ ବେଜ, ସମାଜକଲ୍ୟାଣ ବିକାଶ ପରିଷଦ ସଂପାଦକ ବରିଷ୍ଠ ଆଇନ୍‌ଜିବର ରାମଚନ୍ଦ୍ର ଜେନା, ଜିତାରାମ ଦେ, ବନମାଳୀ ଧଳ, ରାଜୀବ କୁମାର ପରିଡା ପ୍ରମୁଖ ଏହି ନିରବ ପ୍ରତିବାଦରେ ସାମିଲ ଥିଲେ ।

# ଜିଲ୍ଲାସ୍ତରୀୟ ରେଡକ୍ରସ ବୈଠକ



ଖୋର୍ଦ୍ଧା, ୨୫/୦୨ (ନି.ପ୍ର): ଆଜି ପୂର୍ବାହ୍ନ ୧୦.୦୦ ଟା ରେ ଜିଲ୍ଲାପାଳ ଙ୍କ ସଦଭାବନା ଗୃହ ରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲ୍ଲାପାଳ, ଦୀପ୍ତି ରଞ୍ଜନ ସେଠି, ମୁଖ୍ୟ ଚିକିତ୍ସା ଅଧିକାରୀ, ଆର୍ତ୍ତବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକକୁ ପରିଚାଳନା କରିଥିଲେ ଡେପୁଟି କଲେକ୍ଟର ଉର୍ମିପ୍ରଭା ମହାରଣା। ୨୦୨୨ ମସିହା ରେ ରେଡ୍‌କ୍ରସ ଟଙ୍କା ର ସମୀକ୍ଷା କରାଯାଇ ବ୍ୟାଙ୍କ ରେ କେଉଁ ପ୍ରକାରରେ ଯଥା ଫିକ୍ସ ଏବଂ ସେଭିଂ ଡିପୋଜିଟ୍ କରାଯାଇଛି ସେ ବିଷୟରେ ଜିଲ୍ଲାପାଳ ଆଲୋଚନା କରିଥିଲେ ଏବଂ କେତେ ଫିକ୍ସ ଡିପୋଜିଟ୍ କରାଯାଇ ପାରିବ ପରାମର୍ଶ ଦେଇଥିଲେ। ପୁରୁଣା ରସିଦ ବହି ଫେରାଇ ନୂଆ ରସିଦ ବହି ନେଇଯିବାକୁ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ । ଲୋକଙ୍କ ମଙ୍ଗଳ ପାଇଁ ରସିଦ ବହିରେ ଟଙ୍କା ପାଇବାର ୧୫ ଦିନ ଭିତରେ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ବିଭାଗ କୁ କିଛି ରସିଦ ବହି ଦେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୁରୋଧ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo